ISSN-0971-8397

# ଯୋଜନା

ଏପ୍ରିଲ୍ ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

# ଭାରତର ହସ୍ତକଳା ଓ ହସ୍ତତନ୍ତ







ସଫଳ ହାତର ଯାଦୁ: ହସ୍ତଶିଳ୍ପ କାରିଗରଙ୍କ ସଶକ୍ତିକରଣ
ଶାନ୍ତମନୁ


ହସ୍ତଶିଳ୍ପ: ଭାରତୀୟ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ
ହିନା ନକ୍ବି

ହସ୍ତଶିଳ୍ପ ଓ ବୟନ ସାମଗ୍ରୀର
ରପ୍ତାନୀ ସାମର୍ଥ୍ୟ: ବର୍ତ୍ତମାନ ଓ ଭବିଷ୍ୟତ
ରଂଜିତ୍ ମେହେତା

ବିଶେଷ ପ୍ରସଙ୍ଗ
ମହିଳା, କୌଶଳ ଓ ଆଶାର ତନ୍ତ
ସୈଦା ହମିଦ୍

ଫୋକସ୍
ହସ୍ତଶିଳ୍ପ ଓ ବୟନ: କାରିଗରଙ୍କ ଦକ୍ଷତା ବିକାଶ
ଗୌରବ କପୁର







ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସୂଚନା ଭବନ, ସଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍ ନୂଆଦିଲ୍ଲୀ-୧୧୦୦୦୩
ୱେବ୍‌ସାଇଟ୍: **www.publicationsdivisions.nic.in**
ପୁସ୍ତକ କ୍ରୟ ପାଇଁ ଯୋଗାଯୋଗ ଠିକଣା
ଫୋନ୍ ନଂ: ୦୧୧-୨୪୩୬୭୨୬୦, ୨୪୩୬୫୬୧୦
ଇ-ମେଲ୍: **businesswng@gmail.com**

ଏପ୍ରିଲ୍ ୨୦୧୯

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ): ଭି. କେ. ମିନା
ପ୍ରଚ୍ଛଦପଟ୍ଟ: ଗଜାନନ ପ୍ର. ଧୋପେ

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଶମୀମା ସିଦ୍ଦିକୀ
ସଂପାଦକ ଓ ଉପନିର୍ଦ୍ଦେଶକ: ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ଷଡ଼ବିଂଶ ବର୍ଷ / ସପ୍ତମ ସଂଖ୍ୟା


## ଏ ସଂଖ୍ୟାରେ...


| ବିଷୟ/ଲେଖକ | ପୃଷ୍ଠା |
|---|---|
| ସମ୍ପାଦକୀୟ | ୪ |
| ସଫଳ ହାତର ଯାଦୁ: ହସ୍ତଶିଳ୍ପ କାରିଗରଙ୍କ ସଶକ୍ତିକରଣ<br>*ଶାନ୍ତମନୁ* | ୫ |
| ହସ୍ତଶିଳ୍ପ: ଭାରତୀୟ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ<br>*ହିନା ନକ୍‌ଵି* | ୧୦ |
| ହସ୍ତଶିଳ୍ପ ଓ ବୟନ ସାମଗ୍ରୀର ରପ୍ତାନୀ ସାମର୍ଥ୍ୟ: ବର୍ତ୍ତମାନ ଓ ଭବିଷ୍ୟତ<br>*ରଂଜିତ ମେହେତା* | ୧୫ |
| ବିଶେଷ ପ୍ରସଙ୍ଗ<br>ମହିଳା, କୌଶଳ ଓ ଆଶାର ତନ୍ତ<br>*ସୈଦା ହମିଦ୍* | ୨୦ |
| ଫୋକସ୍: ହସ୍ତଶିଳ୍ପ ଓ ବୟନ: କାରିଗରଙ୍କ ଦକ୍ଷତା ବିକାଶ<br>*ଗୌରବ କପୁର* | ୨୬ |
| ଭାରତୀୟ ଅର୍ଥନୀତିରେ ବୟନ ଓ ହସ୍ତଶିଳ୍ପର ଭୂମିକା<br>*ଶିଶିର ସିହ୍ନା* | ୩୩ |
| ଓଡିଶାର ବୟନ କଳା- ଏକ ଦୃଷ୍ଟିପାତ<br>*ମିନତୀ ପତି* | ୩୫ |
| ଓଡିଶାର ହସ୍ତଶିଳ୍ପ<br>*ହିମାଂଶୁ ପ୍ରସାଦ ସିଂହ* | ୩୯ |
| ଖଦୀ ଯାତ୍ରା- ଗାନ୍ଧୀଙ୍କ ଠାରୁ ଫ୍ୟାଶନ୍‌ର ଏକ ପ୍ରତୀକ ପର୍ଯ୍ୟନ୍ତ<br>*ଭି.କେ. ସାକ୍ସେନା* | ୪୬ |
| ଆପଣ ଜାଣନ୍ତି କି ? | ୪୯ |



*Editor*
**YOJANA (ODIA)**
**C/O : Public Relations Officer**
**CRPF, New Delhi**

**Website : www.publicationsdivision.nic.in**
**Email : odiayojana@gmail.com**
**Subscription & Business Queries :**
**pdjucir@gmail.com**
**Ph. : 011-26100207**



ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

# ସମ୍ପାଦକୀୟ...

# ଭାରତର ଗର୍ବ : ହସ୍ତଶିଳ୍ପ ଓ ବୟନ

ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲର ଉପଯୋଗ କରି ଭାରତର ବିଭିନ୍ନ ଅଞ୍ଚଳରେ ଅନୁପମ ହସ୍ତଶିଳ୍ପ ପରମ୍ପରା ଗଢ଼ିଉଠିଛି। ଏହା ଏକ ଶ୍ରମବହୁଳ ଉଦ୍ୟୋଗ ହୋଇଥିବାରୁ ଦେଶର ଲକ୍ଷ ଲକ୍ଷ କାରିଗର ଓ ବୁଣାକାର ଏଥିରେ କର୍ମସଂସ୍ଥାନ ପାଇ ଜୀବିକା ନିର୍ବାହ କରିଥାନ୍ତି। ଅନେକ ବୁଣାକାର ଓ କାରିଗର ଏହାକୁ ଏକ ସ୍ଥାୟୀ ଜୀବିକା ଭାବେ ଗ୍ରହଣ କରିଥିବା ବେଳେ ଅନ୍ୟମାନେ ସାମୟିକ ଭାବେ ଏହାକୁ ଏକ ବିକଳ୍ପ ଆୟର ପନ୍ଥା ଭାବେ ଗ୍ରହଣ କରିଥାନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କୃଷିଜୀବୀ। କୃଷିଜୀବୀ ପରିବାରର ମହିଳାମାନେ ମଧ୍ୟ ଏହି ଉଦ୍ୟୋଗରେ ଅଧିକ ସଂଖ୍ୟାରେ କାମ କରିଥାନ୍ତି। ଦେଶର ଗ୍ରାମାଞ୍ଚଳର ଲୋକମାନେ ବୟନ ଓ ହସ୍ତଶିଳ୍ପ ଉଦ୍ୟୋଗରେ ଅଧିକ ସଂଖ୍ୟାରେ କାର୍ଯ୍ୟ କରି ଜୀବିକା ଉପାର୍ଜନ କରନ୍ତି।

ଏହି ଉଦ୍ୟୋଗଟି ଦେଶର ବୈଦେଶିକ ବିନିମୟ ମୁଦ୍ରା ଅର୍ଜନରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ। ଏହି ଉଦ୍ୟୋଗର ରପ୍ତାନୀ ଦକ୍ଷତା ଭଲ। ଭାରତୀୟ ହସ୍ତଶିଳ୍ପ ଓ ବୟନ ଉଦ୍ୟୋଗ ପ୍ରସ୍ତୁତ ସାମଗ୍ରୀର ଚାହିଦା ବିଦେଶରେ ବେଶ୍ ଭଲ। ଏସବୁ ସାମଗ୍ରୀ ଏହାର ଚମତ୍କାର ରଙ୍ଗ କାମ ଓ ଏବଂ ରୂପାଙ୍କନ ପାଇଁ ବିଦେଶରେ ବିଶେଷ ଆଦୃତ। ଏହାଛଡ଼ା ଭାରତୀୟ ହସ୍ତଶିଳ୍ପ ଓ ବୟନ ସାମଗ୍ରୀ ଯଥା ଶାଲ୍, ଅଳଙ୍କାର, ବ୍ୟାଗ୍, କାଠ ଖୋଦେଇ ସାମଗ୍ରୀ, ଏମ୍ବ୍ରଏଡୋରୀ ହୋଇଥିବା ବସ୍ତ୍ର ଆଦି ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଲୋକପ୍ରିୟ।

ଭାରତ ଇତିହାସର ପ୍ରତ୍ୟେକ ବିଦ୍ୟାର୍ଥୀ ପ୍ରାଚୀନ ସଭ୍ୟତା ସ୍ଥଳ ମହେଞ୍ଜୋଦାରୋ ଓ ହରପ୍ପାରୁ ମିଳିଥିବା କଳାତ୍ମକ ବସ୍ତୁ ସମ୍ପର୍କରେ ଅବଗତ। ନୃତ୍ୟରତା ବାଳିକାର ପ୍ରତିମା, ଅଳଙ୍କାର ଆଦି ପ୍ରମାଣ ଦିଏ ଯେ ଭାରତୀୟ ହସ୍ତଶିଳ୍ପ ଓ ହସ୍ତକଳା ସିନ୍ଧୁ ସଭ୍ୟତା କାଳରୁ ରହିଆସିଛି। ପରବର୍ତ୍ତୀ କାଳରେ ବିଭିନ୍ନ ଶାସକ ଓ ଲୋକମାନେ ପିଢ଼ିପରେ ପିଢ଼ି ଏହି ମହାନ ପରମ୍ପରାକୁ ଉଦ୍‌ଜୀବୀତ କରିଆସିଛନ୍ତି ଏବଂ ଏଥିରେ ବ୍ୟକ୍ତିଗତ ଶୈଳୀ ଓ ସ୍ପର୍ଶ ଦେଇଛନ୍ତି। ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲ୍ ବ୍ୟବହାର କରି ସେମାନେ ଏ କ୍ଷେତ୍ରରେ ନୂଆ ନୂଆ ପରୀକ୍ଷା ନିରୀକ୍ଷା କରି ଏହି କଳାକୁ ଋଦ୍ଧିମନ୍ତ କରିଛନ୍ତି। ଏହା ଶାହାରାନପୁରର କଳାତ୍ମକ କାଠକାମ ହେଉ ଅଥବା ଆନ୍ଧ୍ରପ୍ରଦେଶର ବିଦ୍ରି କାମ ସବୁଥିରେ ଅପୂର୍ବ କଳାସ୍ପର୍ଶ ଓ ନୈପୂଣ୍ୟ ଭରି ରହିଛି। ସେଇଭଳି ଭାରତ-ପାରସ୍ୟ ଶୈଳୀର ପୁଷ୍ପିତ କଳାତ୍ମକ ରୂପାୟନ ହେଉ ଅଥବା କାଞ୍ଚିପୁରମ୍‌ର ସିଲ୍‌କ ବସ୍ତ୍ରର ଚମତ୍କାର ଜରି କାମ ବା ରାଜସ୍ଥାନର ସୁନ୍ଦର କଣ୍ଢେଇ ସବୁଥିରେ ଏକ ନିଆରା କଳାତ୍ମକତା ଓ ଚମତ୍କାରିତା ଦେଖିବାକୁ ମିଳେ।

ଭାରତୀୟ ବୟନ କଳାର ଐତିହ୍ୟ ମଧ୍ୟ ସିନ୍ଧୁ ସଭ୍ୟତା କାଳରୁ ଆରମ୍ଭ ହୋଇଛି। ସେ ସମୟରେ ହାତରେ କଟା ଯାଇଥିବା ସୂତାରେ ଲୁଗା ତିଆରି କରାଯାଇଥିଲା। ଦେଶର ପ୍ରତ୍ୟେକ ଅଞ୍ଚଳର ବୟନ କଳା ପରମ୍ପରା ସ୍ୱତନ୍ତ୍ର ଓ ଅନୁପମ। ଦକ୍ଷିଣରେ କାଞ୍ଚିପୁରମ୍‌ର ସିଲ୍‌କ ଶାଢ଼ି (ପାଟ), ଉତ୍ତର ପୂର୍ବାଞ୍ଚଳର ମୁଗା ଟସର, ବନାରସୀ ପାଟ, ଚନ୍ଦେରୀ ସୂତା ଶାଢ଼ି, କାଶ୍ମୀରର ପଶ୍‌ମିନା ଓ ଶାହାତୁଶ ଶାଲ୍, ରାଜସ୍ଥାନ ଓ କଚ୍ଛ ଅଞ୍ଚଳର ଚମକପ୍ରଦ ଏମ୍ବ୍ରୋଏଡରୀ ବସ୍ତ୍ର ଓ ପଞ୍ଜାବର ଫୁଲକାରୀ,  ଏସବୁ ଭାରତର ବୟନ କଳାର ଉଚ୍ଚ ତଥା ସମୃଦ୍ଧ ପରମ୍ପରାର ପରିଚୟ ଦିଏ। ଭାରତୀୟ ସିଲ୍କ ଓ ଝୋଟ ପ୍ରସ୍ତୁତ ପୋଷାକ ବିଶ୍ୱ ପ୍ରସିଦ୍ଧ ଏବଂ ଏହାର ଚାହିଦା ବେଶ୍ ଭଲ। ଏବେ କାରିଗରଙ୍କ ଦକ୍ଷତା ଓ କୌଶଳ ବିକାଶ ଉପରେ ଧ୍ୟାନ ଦିଆଯାଉଛି। ଏହା ଫଳରେ କାରିଗରମାନେ ନୂତନ ସର୍ବଶେଷ ଟେକ୍‌ନୋଲୋଜି ଓ ଜ୍ଞାନକୌଶଳ ସହ ପରିଚିତ ତଥା ଅଭ୍ୟସ୍ତ ହୋଇପାରିବେ। ଏହା ଦ୍ୱାରା ସେମାନେ ତିଆରି କରୁଥିବା ସାମଗ୍ରୀ ଆନ୍ତର୍ଜାତିକ ମାନର ହୋଇପାରିବ ଏବଂ ଉଦ୍ୟୋଗର ଉନ୍ନତି ସାଧିତ ହେବ। ଏହା ଫଳରେ ରପ୍ତାନୀ ଜନିତ ଆୟ ବଢ଼ିବ।

ଏହି ଉଦ୍ୟୋଗରେ ଅଧିକ ସଂଖ୍ୟାରେ ମହିଳା କାମ କରନ୍ତି। ସେମାନଙ୍କର କୁଶଳୀ ହାତ ଉତ୍ପାଦିତ ସାମଗ୍ରୀକୁ କୋମଳ, ନିପୁଣ ଓ ଉତ୍କୃଷ୍ଟ କରିଥାଏ। ଏହା ଚନ୍ନାପାଟନାର କାଠ କଣ୍ଢେଇ ହେଉ ଅଥବା ବସ୍ତ୍ରର ଜରିକାମ ଓ ଏମ୍ବ୍ରଏଡୋରୀ କିମ୍ବା ଗାଲିଚା ଏସବୁଥିରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଅତଏବ ସେମାନଙ୍କୁ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ।

ଏକ ପ୍ରାଚୀନ ପରମ୍ପରା ହିସାବରେ ଅନେକ କାରିଗର ଓ ଶିଳ୍ପୀ ଏହି ନିର୍ମାଣ ଶୈଳୀ ସେମାନଙ୍କର ପୂର୍ବଜମାନଙ୍କଠାରୁ ଶିକ୍ଷା କରିବା ସହ ନିଜର ଦକ୍ଷତା ଓ କୌଶଳର ଉଚ୍ଚମାନ ପ୍ରଦର୍ଶନ କରିଆସୁଛନ୍ତି। ଏହା ହିଁ ଏହି ଉଦ୍ୟୋଗକୁ ଆଜି ଅତୁଳନୀୟ କରି ଗଢ଼ିତୋଳିଛି। ଏହା ଅନ୍ୟ ଉଦ୍ୟୋଗଠାରୁ ଏଇଥିପାଇଁ ଭିନ୍ନ ଯେ ଏହି କଳା କୌଶଳ ପରମ୍ପରା ଅନୁସାରେ ଘରୁ ଓ କର୍ମକ୍ଷେତ୍ରରୁ ଶିଖାଯାଏ ଏବଂ ଏଥିପାଇଁ ଅନ୍ୟ ବୃତ୍ତିଭଳି ପେସାଦାର ଶିକ୍ଷାନୁଷ୍ଠାନକୁ ଯିବାକୁ ପଡ଼େ ନାହିଁ। ଅତଏବ ଏହି ଅନୁପମ ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବା ସମସ୍ତଙ୍କର ଦାୟିତ୍ୱ। ଏଥିସହିତ ସଂପୃକ୍ତ ସମସ୍ତ ପକ୍ଷ ଏ ଦଦିଗରେ ସହଯୋଗର ହାତ ବଢ଼ାଇ ଏହାକୁ ଉତ୍କର୍ଷର ଶିଖରରେ ପହଞ୍ଚାଇବାକୁ ଆଗେଇ ଆସିବା ଆବଶ୍ୟକ। ଏହାଦ୍ୱାରା ଆମେ ଆମ ଐତିହ୍ୟ ଓ ପରମ୍ପରାକୁ ସୁରକ୍ଷିତ କରିବା ସହ ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ ହୋଇପାରିବା।

# ସଫଳ ହାତର ଯାଦୁ : ହସ୍ତଶିଳ୍ପ କାରିଗରଙ୍କ ସଶକ୍ତିକରଣ

ଶାନ୍ତମନୁ

ଭାରତୀୟ ହସ୍ତଶିଳ୍ପର ଉଦ୍‌ଭବ ଗୁମ୍ଫାରେ ବାସକରୁଥିବା ପ୍ରାଚୀନ ମଣିଷଦ୍ୱାରା ହୋଇଥିଲା। ସେଇ ଆଦିମ ଲୋକମାନେ ପଥରରେ ଖୋଦେଇ କରି ନିଜ ମନର ସର୍ଜନାତ୍ମକ ଭାବନାକୁ ପ୍ରଥମେ ପରିପ୍ରକାଶ କରିଥିଲେ। ଏହି ପରମ୍ପରା ସମୟକ୍ରମେ ବିଭିନ୍ନ ଯୁଗରେ ନୂଆନୂଆ ରୂପ, କୌଶଳ, ଭାବଭଙ୍ଗୀ ଓ ଆକାରରେ ଆତ୍ମପ୍ରକାଶ କରି ଏକ ପରମ୍ପରାର ରୂପ ନେଲା। କ୍ରମଶଃ ତାହା ଲୋକପରମ୍ପରାରେ ବିଭିନ୍ନ କଳାତ୍ମକ ରୂପରେ ପ୍ରତିପାଦିତ ହେଲା। ଭାରତୀୟ କାରିଗରମାନେ ସର୍ବଦା ନିଜର କଳା କୁଶଳତା, ପ୍ରାରୂପ, ରେଖାଙ୍କନ, ଚିତ୍ରାଙ୍କନ, ମୌଳିକ ଏବଂ ମନୋରମ ରୂପାୟନ ଶୈଳୀ ଓ ଆକର୍ଷଣୀୟ ରଙ୍ଗକାମ ପାଇଁ ସମଗ୍ର ବିଶ୍ୱରେ ପରିଚିତ। ଖ୍ରୀଷ୍ଟଜନ୍ମର ବହୁପୂର୍ବରୁ ମହେଞ୍ଜୋଦାରୋ ଓ ହରପ୍ପା ସଭ୍ୟତାରେ ଭାରତୀୟମାନଙ୍କର ଉତ୍କୃଷ୍ଟ ହସ୍ତକଳାର ନମୂନା ଦେଖିବାକୁ ମିଳେ। ସେ ସମୟର କୁଟୀର ଶିଳ୍ପ ମଧ୍ୟ ଭାରତୀୟ ବୟନ ଶିଳ୍ପର ଉତ୍କର୍ଷକୁ ପ୍ରତିପାଦନ କରିଥାଏ। ସେ ସମୟର କୁଟୀର ଶିଳ୍ପ ଗ୍ରାମ୍ୟ ଅର୍ଥନୀତିରେ କାରିଗରମାନଙ୍କୁ କେବଳ ରୋଜଗାର ଓ କର୍ମ ନିଯୁକ୍ତି ଦେବାରେ ସୀମିତ ଥିଲା; ଏହା ମଧ୍ୟ ଏକ ସମାନ୍ତରାଳ ଗ୍ରାମ୍ୟ ଅର୍ଥନୀତି ସୃଷ୍ଟିରେ ସହାୟକ ହୋଇଥିଲା। ଏବେ ମଧ୍ୟ ଭାରତରେ କ୍ଷୁଦ୍ର ଓ କୁଟୀରଶିଳ୍ପର ଗୁରୁତ୍ୱ ରହିଛି। ଏହା କାରିଗର, ଦରିଦ୍ର ଶ୍ରେଣୀର ଲୋକ ଓ ମହିଳାମାନଙ୍କୁ କର୍ମନିଯୁକ୍ତିର ସୁଯୋଗ ଦେଇ ସେମାନଙ୍କ ସାମାଜିକ, ଆର୍ଥିକ ସମସ୍ୟା ଦୂର କରିବାରେ ସହାୟକ ହେଉଛି।



ଭାରତରେ ହସ୍ତଶିଳ୍ପକୁ ଯଥାର୍ଥରେ ଲୋକଶିଳ୍ପ ଭାବେ ବର୍ଣ୍ଣନା କରାଯାଇଛି। ଦେଶରେ ଏହା ଏକ ଶିଳ୍ପ ଭାବେ ପରିଚିତ ହୋଇଥିଲେ ମଧ୍ୟ ବାସ୍ତବରେ ଏହା କେବଳ ଏକ ଶିଳ୍ପ ନୁହଁ ବରଂ ଏହା ଏପରି ଏକ ଉଦ୍ୟୋଗ ଯେଉଁଠି କାରିଗର, ଶିଳ୍ପୀ ନିଜର ହାତ ତିଆରି କାମରେ ସୌନ୍ଦର୍ଯ୍ୟବୋଧ ଫୁଟାଇ ବ୍ୟବହାରକାରୀ ବା ଜନସାଧାରଣଙ୍କର ପ୍ରଶଂସାଭାଜନ ହୋଇଥାଏ। ସର୍ବୋଚ୍ଚ ଅଦାଲତ ୧୯୯୫ ମାର୍ଚ୍ଚ ୧୨ ତାରିଖରେ ଲୁଇ ଶପ୍ ମାମଲାରେ ହସ୍ତଶିଳ୍ପର ସଂଜ୍ଞା ନିର୍ଦ୍ଧାରଣ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଭାଷାରେ "ଏହା ମୁଖ୍ୟତଃ ହାତରେ ତିଆରି ହେଉଥିବ ଏବଂ ଏହି ନିର୍ମାଣ ପ୍ରକ୍ରିୟାରେ ଯଦି




କିଞ୍ଚିତ ଯନ୍ତ୍ରର ବ୍ୟବହାର ହେଉଥିବ ସେଥିରେ କିଛି ଅସୁବିଧା ନାହିଁ। ଏହି ସାମଗ୍ରୀ ନିଶ୍ଚିତ ଭାବେ ଦେଖିବାକୁ ସୁନ୍ଦର ହୋଇଥିବ ଏବଂ ଏହାର କାରୁକାର୍ଯ୍ୟ ଓ ଅଙ୍ଗସଜ୍ଜା ଦୃଷ୍ଟି ଆକର୍ଷଣ କଲାଭଳି ହୋଇଥିବ। ଏହାର ନିର୍ମାଣରେ ଏକ ସୌନ୍ଦର୍ଯ୍ୟ ଚେତନା ନିହିତ ଥିବ ଏବଂ ଏହା କେବଳ ଏକ ଛଦ୍ମ ପ୍ରକାଶ ବା ପ୍ରହେଳିକା ମୂଳକ ନ'ହୋଇ ଏଥିରେ କିଛି ତାତ୍ତ୍ୱିକ ବିଶେଷତ୍ୱ ଥିବ।"

ଦେଶର ଅର୍ଥନୀତିରେ ହସ୍ତଶିଳ୍ପ ଉଦ୍ୟୋଗ ଏକ ଅତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହା ଗ୍ରାମାଞ୍ଚଳରେ ବିପୁଳ ଲୋକଙ୍କୁ ନିଯୁକ୍ତି ଓ କର୍ମସଂସ୍ଥାନ ଯୋଗାଇବା ସହ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନରେ ଉଲ୍ଲେଖନୀୟ ସହଯୋଗ ଯୋଗାଉଛି। ସର୍ବୋପରି ଏହା ଦେଶର ସାଂସ୍କୃତିକ ଐତିହ୍ୟର ସୁରକ୍ଷା କରୁଛି। ହସ୍ତତନ୍ତ କ୍ଷେତ୍ରର ସାମର୍ଥ୍ୟ କେବଳ ଯେ ସମଗ୍ର ଦେଶରେ ଥିବା ଲକ୍ଷ ଲକ୍ଷ ହସ୍ତତନ୍ତ କାରିଗରଙ୍କ ଜୀବନଜୀବିକା ସୁନିଶ୍ଚିତ କରିବା ପର୍ଯ୍ୟନ୍ତ ସୀମିତ ସେକଥା ନୁହଁ, ବରଂ ଏହି କ୍ଷେତ୍ର ଦ୍ୱାରା ଅନେକ ନୂଆ କାରିଗର ମଧ୍ୟ ନିଜର ଜୀବିକାର୍ଜନ ପାଇଁ ଉପକୃତ ହୋଇଥାନ୍ତି।

ଭାରତରେ ପ୍ରାୟ ୭୦ ଲକ୍ଷ ହସ୍ତଶିଳ୍ପ କାରିଗର ଅଛନ୍ତି। ସେଥିମଧ୍ୟରୁ ଗାଲିଚା (କାର୍ପେଟ) ନିର୍ମାଣରେ ୨୦ଲକ୍ଷ କାରିଗର ନିୟୋଜିତ। ହସ୍ତଶିଳ୍ପ କାରିଗରମାନେ ଧାତୁ ଖୋଦେଇ, ଜରି ଜରଦୋସି, ଟେରାକୋଟା, ପଥର ଖୋଦେଇ, ଫୁଲକାରୀ, କାଠ ଖୋଦେଇ କାମ, ଚିକନକାରୀ, ବେତ ଓ ବାଉଁଶ କାମ, କାଠ କଣ୍ଢେଇ ତିଆରି, ବ୍ଲୁ ପୋଟେରୀ ପ୍ରସ୍ତୁତି, କଚ୍ ଏମ୍ବ୍ରଏଡୋରୀ ଭଳି ପ୍ରାୟ ୫୦୦ ପ୍ରକାର କାର୍ଯ୍ୟରେ ଲିପ୍ତ। ଏସବୁ ଶିଳ୍ପକଳା ଓ କାରିଗରୀ ମଧ୍ୟରୁ ୩୫ଟି ବିପନ୍ନ ଶିଳ୍ପକଳା ଭାବେ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ଆସାମର ଗହଣା କାମ, ରୋଗନ ପେଣ୍ଟିଂ, ସାଂଝିକ୍ରାଫ୍ଟ, ଗଞ୍ଜଫା କାର୍ଡ ଓ ଚମ୍ବା ରୁମାଲ ଅନ୍ୟତମ। ଏହାଛଡ଼ା ୯୨ଟି ହସ୍ତଶିଳ୍ପ ଓ କଳାକୃତିକୁ ଭୌଗୋଳିକ ସୂଚକାଙ୍କ (ଜିଆଇ) ଆଇନ ଅନୁସାରେ ପଞ୍ଜୀକରଣ କରାଯାଇଛି। ସେଥିମଧ୍ୟରୁ ମହୀଶୂରର ଗଂଜିଫାକାର୍ଡ, କାଶ୍ମୀରର ପେପର ମ୍ୟାସେ, ବିହାରର ମଧୁବନୀ ପେଣ୍ଟିଂ, ରାଜସ୍ଥାନର କାଠ କଣ୍ଢେଇ, ଓଡ଼ିଶାର ପଟଚିତ୍ର, ବାରାଣସୀର କାଚ ମାଳି ଏବଂ ମହାରାଷ୍ଟ୍ରର ଓ୍ୱର୍ଲି ପେଣ୍ଟିଂ ଅନ୍ୟତମ। ଏହିସବୁ ହସ୍ତଶିଳ୍ପରେ ନିୟୋଜିତ କାରିଗରଙ୍କ ମଧ୍ୟରୁ ୫୬ ଶତାଂଶ ମହିଳା।

ହସ୍ତଶିଳ୍ପ କାରିଗରମାନେ ମୁଖ୍ୟତଃ ଅସଂଗଠିତ ବ୍ୟବସ୍ଥାରେ କାର୍ଯ୍ୟ କରନ୍ତି। ଫଳରେ ସେମାନେ ମଧ୍ୟସ୍ଥ ବା ଦଲାଲମାନଙ୍କଦ୍ୱାରା ବେଶି ଶୋଷିତ ହୋଇଥାନ୍ତି। ହସ୍ତଶିଳ୍ପ କ୍ଷେତ୍ରରେ କର୍ଯ୍ୟକାରୀ ପୁଞ୍ଜିର ଅଭାବ ସହିତ ନୂଆ ଟେକ୍‌ନୋଲୋଜି, ଆନୁଷ୍ଠାନିକ ଢାଞ୍ଚା ଓ ବଜାର ସୂଚନା ବ୍ୟବସ୍ଥା ସୁବିଧା ସୁଯୋଗ ବିଶେଷ ନ ଥାଏ। ଅତଏବ ଏ କ୍ଷେତ୍ରରେ ଥିବା ସମସ୍ୟାବଳୀର ସମାଧାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏବେ ଏହି କ୍ଷେତ୍ରର କେତେକ ସ୍ଥାନରେ ସୁଫଳ ପରିଲକ୍ଷିତ ହେଲାଣି। ଦ୍ୱାଦଶ ଯୋଜନା କାଳରେ ଏହି ଉଦ୍ୟୋଗର ଉତ୍ପାଦିତ ସାମଗ୍ରୀର ମାନରେ ଉନ୍ନତି, ଘରୋଇ ବଜାରରେ ବିକ୍ରି ଓ ରପ୍ତାନୀ ବୃଦ୍ଧି କ୍ଷେତ୍ରରେ ଭଲ ଅଭିବୃଦ୍ଧି ଘଟିଛି।









ହସ୍ତଶିଳ୍ପ ଉନ୍ନୟନ କମିଶନର ସରକାରୀ ସ୍ତରରେ ହସ୍ତ ଶିଳ୍ପ ଓ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଅନ୍ୟାନ୍ୟ କାର୍ଯ୍ୟର ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ। ଏହା ହସ୍ତ ଶିଳ୍ପର ବିକାଶ, ବିପଣନ, ରପ୍ତାନୀ ବୃଦ୍ଧି ଓ ଦକ୍ଷତା ବିକାଶ ଆଦି ପାଇଁ ପ୍ରୋତ୍ସାହନ ଓ ଦିଗ୍‌ଦର୍ଶନ ଯୋଗାଇଥାଏ। ଆବଶ୍ୟକସ୍ଥଳେ ଏହା ମଧ୍ୟ ବିଭିନ୍ନ ସ୍କିମ୍ ମାଧ୍ୟମରେ ଏହି କ୍ଷେତ୍ରର ବିକାଶ ପାଇଁ ହସ୍ତକ୍ଷେପ କରି ଆର୍ଥିକ ଓ ବୈଷୟିକ ସହାୟତା ଯୋଗାଏ। କମିଶନରର କ୍ଷେତ୍ରୀୟ ଦପ୍ତରଗୁଡ଼ିକ ମାଧ୍ୟମରେ ଏହା କାର୍ଯ୍ୟକାରୀ ହୁଏ।

ନୋଡାଲ ଏଜେନ୍ସି ହିସାବରେ ଉନ୍ନୟନ କମିଶନର ସମଗ୍ର ଦେଶର ହସ୍ତଶିଳ୍ପ କାରିଗରଙ୍କ କଲ୍ୟାଣ / ବିକାଶ ପାଇଁ କାର୍ଯ୍ୟ କରେ। ଏହାର ଛ'ଟି କ୍ଷେତ୍ରୀୟ ବା ଆଞ୍ଚଳିକ ଦପ୍ତର କଲକାତା, ମୁମ୍ବଇ, ଲକ୍ଷ୍ନୌ, ଚେନ୍ନାଇ, ଗୁଆହାଟି ଓ ନୂଆଦିଲ୍ଲୀଠାରେ ରହିଛି। ଏହାଛଡ଼ା ଦେଶର ବିଭିନ୍ନ ସ୍ଥାନରେ ୫୩ଟି କ୍ଷେତ୍ର ୟୁନିଟ୍ କାର୍ଯ୍ୟକରୁଛି।


ଏହି ଉଦ୍ୟୋଗକୁ ବଜାର ସଂଯୋଗ ସୁବିଧା ଯୋଗାଇବା ପାଇଁ ନାନାପ୍ରକାର ଘରୋଇ ଓ ଆନ୍ତର୍ଜାତିକ ବିପଣନ ମେଳା ଓ ପ୍ରଦର୍ଶନୀ ଆଦି ଆୟୋଜନ କରାଯାଇଥାଏ। ଦେଶ ଭିତରେ ଆୟୋଜିତ ହେଉଥିବା ଗାନ୍ଧୀ ଶିଳ୍ପ ବଜାର ଓ କ୍ରାଫ୍ଟ ବଜାର ସେଥିମଧ୍ୟରୁ ଅନ୍ୟତମ। ଆନ୍ତର୍ଜାତିକ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳାମାନ ବିଶ୍ୱସ୍ତରୀୟ ସଂସ୍ଥାଙ୍କ ସହଯୋଗରେ ଆୟୋଜିତ ହୋଇଥାଏ।

୨୦୧୩-୧୪ ଆର୍ଥିକ ବର୍ଷଠାରୁ ଭାରତ ବିଶ୍ୱର ସର୍ବାଧିକ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀକାରୀ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଆସୁଛି। ଏବେ ମୋଟ୍ ବିଶ୍ୱ ହସ୍ତଶିଳ୍ପ ରପ୍ତାନୀ କ୍ଷେତ୍ରରେ ଭାରତର ଭାଗ ୩୫%। ଏ କ୍ଷେତ୍ରରେ ଭାରତରେ ଉତ୍ପାଦିତ ହେଉଥିବା ମୋଟ୍ ସାମଗ୍ରୀର ୮୫ଭାଗ ୧୦୦ରୁ ଅଧିକ ଦେଶକୁ ରପ୍ତାନୀ ହେଉଛି। ସବୁଠୁ ଅଧିକ ରପ୍ତାନୀ ପ୍ରାୟ ୪୫ଭାଗ ଆମେରିକାକୁ ହେଉଥିବା ବେଳେ ଏହା ପଛକୁ ଜର୍ମାନୀ, ବ୍ରିଟେନ୍, ସଂଯୁକ୍ତ ଆରବ ଏମିରେଟ୍ସ ଓ ଅନ୍ୟାନ୍ୟ ଦେଶକୁ ମୋଟ୍ ୨୦% ରପ୍ତାନୀ କରାଯାଉଛି। ଭାରତୀୟ ହସ୍ତଶିଳ୍ପ ଉଦ୍ୟୋଗ ପାଇଁ ଚୀନ, ବ୍ରାଜିଲ, ଚିଲି, ଇକୁଏଡର ଭଳି କେତେକ ଦେଶରେ ଭଲ ବଜାର ସୃଷ୍ଟି ହୋଇଛି। ଭାରତୀୟ ସାମଗ୍ରୀର ଚାହିଦା ସେଠାରେ ବୃଦ୍ଧି ପାଉଛି। ହାତତିଆରି ଭାରତୀୟ ଗାଲିଚା (କାର୍ପେଟ)ର ଚାହିଦା ବିଶ୍ୱବ୍ୟାପୀ ରହିଛି।

ଶିଳ୍ପଗୁରୁ ପୁରସ୍କାର, ଜାତୀୟ ପୁରସ୍କାର, ଜାତୀୟ ମେରିଟ୍ ସାର୍ଟିଫିକେଟ୍ ଓ ଡିଜାଇନ୍ ଅଭିନବତା ପୁରସ୍କାର ଆଦି ଯାହା ସବୁ ଏ କ୍ଷେତ୍ରରେ ଦିଆଯାଉଛି ତାହା ପ୍ରତିଭାବାନ କାରିଗରଙ୍କ ପାଇଁ ଉଦ୍ଦିଷ୍ଟ। ଏସବୁ ସମ୍ମାନ ଓ ପୁରସ୍କାର ପ୍ରଦାନର ଲକ୍ଷ୍ୟ ହେଲା ପାରମ୍ପରିକ ହସ୍ତଶିଳ୍ପ ଓ କାରିଗରୀକୁ ବଞ୍ଚାଇ ରଖିବାରେ ଉଲ୍ଲେଖନୀୟ ଅବଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା। ପ୍ରତିବର୍ଷ ୧୦ ଶିଳ୍ପଗୁରୁ ପୁରସ୍କାର, ପାଞ୍ଚ ମହିଳାଙ୍କ ସମେତ ୩୦ଜଣଙ୍କୁ ଜାତୀୟ କାରିଗର ପୁରସ୍କାର, ୪୦ ଜାତୀୟ ମେରିଟ୍ ପୁରସ୍କାର, ୩ ଡିଜାଇନ ଇନୋଭେସନ ପୁରସ୍କାର ଶିଳ୍ପୀ ଓ କାରିଗରଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ୨୦୧୬ରୁ ବିପନ୍ନ ପ୍ରାୟ ହସ୍ତଶିଳ୍ପ ଓ କଳାର ସୁରକ୍ଷା ପାଇଁ ମଧ୍ୟ ଜାତୀୟ ପୁରସ୍କାର ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଛି।


ବିଶ୍ୱ ବଜାରକୁ ଭାରତ ହସ୍ତଶିଳ୍ପ ସାମଗ୍ରୀ ପଠାଉଥିବା ଏକ ଅଗ୍ରଣୀ ରାଷ୍ଟ୍ର। ଏବେ ବିଶ୍ୱବଜାରର ସ୍ଥିତିରେ ପରିବର୍ତ୍ତନ ଆସିଛି ଏବଂ ଜୀବନଶୈଳୀ ସହ ଜଡ଼ିତ ହସ୍ତଶିଳ୍ପ ସାମଗ୍ରୀର ଚାହିଦା ବଢ଼ିଛି। ଏହା ପଛରେ ରହିଛି ଖାଉଟିଙ୍କର ରୁଚି ଓ ପସନ୍ଦର ପରିବର୍ତ୍ତିତ ଧାରା। ଏହା ୭୦ଲକ୍ଷ ଭାରତୀୟ କାରିଗର ଓ ଶିଳ୍ପୀଙ୍କ ପାଇଁ ଏକ ନୂଆ ସୁଯୋଗ ଆଣିଛି। ଯେଉଁମାନେ ନିଜର ଅନ୍ତର୍ନିହିତ କୌଶଳ, ମେଧା ଓ ଦକ୍ଷତାର ବିନିଯୋଗ କରି ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ନୂଆ ସମୟର ଆବଶ୍ୟକତା ପୂରଣ ଉପଯୋଗୀ କରିପାରିବେ

| | |
|---|---|
| USA | 32.20% |
| Europe | 21.65% |
| Rest of World | 46.14% |




**Direction of Carpet Export**


| | |
|---|---|
| USA | 47.40% |
| Europe | 31.53% |
| Rest of World | 21.01% |



ସେମାନେ ଅବଶ୍ୟ ଲାଭାନ୍ୱିତ ହେବେ । ତେବେ ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ନୂଆ ସମୟର ଆବଶ୍ୟକତା ପୂରଣ ଉପଯୋଗୀ କରିବାକୁ ପଡ଼ିବ । ଉତ୍ପାଦିତ ସାମଗ୍ରୀରେ ମାନପରିବର୍ଦ୍ଧନ ପାଇଁ ଶିଳ୍ପୀ ଓ କାରିଗରଙ୍କୁ ବାହ୍ୟ ସହଯୋଗ ଓ ସମର୍ଥନ ଯୋଗାଇବାର ଆବଶ୍ୟକତା ରହିଛି । ଚୀନ, କୋରିଆ ଓ ଥାଇଲାଣ୍ଡ ଭଳି ଦେଶ ପକ୍ଷରୁ ଭାରତୀୟ ସାମଗ୍ରୀ ସହ ଯେଉଁ ପ୍ରତିଯୋଗିତା ହେଉଛି ତାହାକୁ ପ୍ରତିହତ କରିବା ପାଇଁ 'କ୍ରାଫ୍ଟ ପକେଟ' ମାନ ଦେଶର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯାଇ ସାମଗ୍ରୀକୁ ମୂଲ୍ୟଯୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ପୂର୍ବରୁ କୁହାଯାଇଛି ଯେ ଭାରତର ହାତ ତିଆରି ସାମଗ୍ରୀ (ଉଭୟ ନିତ୍ୟବ୍ୟବହାର୍ଯ୍ୟ ଓ ସାଜସଜ୍ଜା ତଥା ଘରକରଣା)ର ଆନ୍ତର୍ଜାତିକ ଚାହିଦା ବେଶ୍ ଭଲ । ବାହ୍ୟ ବଜାରକୁ ଦୃଷ୍ଟିରେ ରଖି ଏବେ ଭାରତରେ ୧୯୯ ପ୍ରକାର ସାମଗ୍ରୀ ରପ୍ତାନୀ ପାଇଁ ଉତ୍ପାଦନ କରାଯାଉଛି । ଗତ ପାଞ୍ଚ ବର୍ଷ ମଧ୍ୟରେ ଆମେରିକା, ସଂଯୁକ୍ତ ଆରବ ଏମିରେଟ୍ସ, ବ୍ରିଟେନ୍, ଜର୍ମାନୀ, ହଲାଣ୍ଡ, ଫ୍ରାନ୍ସ, ଅଷ୍ଟ୍ରେଲିଆ, ଇଟାଲୀ, କାନାଡ଼ା, ଜାପାନ, ସୁଇଜରଲାଣ୍ଡ ଓ ବିଭିନ୍ନ ଲାଟିନ୍ ଆମେରିକୀୟ ଦେଶକୁ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ଅଗ୍ରଣୀ ରହିଛି । ଏହି ସବୁ ଦେଶକୁ ମୁଖ୍ୟତଃ ଧାତୁ ନିର୍ମିତ କଳାକୃତି, କାଠ ତିଆରି ସାମଗ୍ରୀ, ହାତ ପ୍ରିଣ୍ଟ ବସ୍ତ୍ର, ଏମ୍ବ୍ରଏଡୋରୀ ଓ ହାତବୁଣା ସାମଗ୍ରୀ ଅଧିକ ପରିମାଣରେ ରପ୍ତାନୀ ହେଉଛି ।

୨୦୧୩-୧୪ ଆର୍ଥିକ ବର୍ଷଠାରୁ ଭାରତ ବିଶ୍ୱର ସର୍ବାଧିକ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀକାରୀ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଆସୁଛି । ଏବେ ମୋଟ୍ ବିଶ୍ୱ ହସ୍ତଶିଳ୍ପ ରପ୍ତାନୀ କ୍ଷେତ୍ରରେ ଭାରତର ଭାଗ ୩୫% । ଏ କ୍ଷେତ୍ରରେ ଭାରତରେ ଉତ୍ପାଦିତ ହେଉଥିବା ମୋଟ୍ ସାମଗ୍ରୀର ୮୫ଭାଗ ୧୦୦ରୁ ଅଧିକ ଦେଶକୁ ରପ୍ତାନୀ ହେଉଛି । ସବୁଠୁ ଅଧିକ ରପ୍ତାନୀ ପ୍ରାୟ ୪୫ଭାଗ ଆମେରିକାକୁ ହେଉଥିବା ବେଳେ ଏହା ପଛକୁ ଜର୍ମାନୀ, ବ୍ରିଟେନ୍, ସଂଯୁକ୍ତ ଆରବ ଏମିରେଟ୍ସ ଓ ଅନ୍ୟାନ୍ୟ ଦେଶକୁ ମୋଟ୍ ୨୦% ରପ୍ତାନୀ କରାଯାଉଛି । ଭାରତୀୟ ହସ୍ତଶିଳ୍ପ ଉଦ୍ୟୋଗ ପାଇଁ ଚୀନ, ବ୍ରାଜିଲ, ଚିଲି, ଇକୁଏଡର ଭଳି କେତେକ ଦେଶରେ ଭଲ ବଜାର ସୃଷ୍ଟି ହୋଇଛି । ଭାରତୀୟ ସାମଗ୍ରୀର ଚାହିଦା ସେଠାରେ ବୃଦ୍ଧି ପାଉଛି । ହାତତିଆରି ଭାରତୀୟ ଗାଲିଚା (କାର୍ପେଟ)ର ଚାହିଦା ବିଶ୍ୱବ୍ୟାପୀ ରହିଛି । ଉଚିତ ମୂଲ୍ୟ, ଆକର୍ଷଣୀୟ ବୁଣେଇ, ଚିତ୍ରକଳା, ରଙ୍ଗ ଓ ଡିଜାଇନ ପାଇଁ ଏହା ବିଶ୍ୱବ୍ୟାପୀ ଆଦୃତ । ଭାରତ ଏକ ମାତ୍ର ଦେଶ ଯେଉଁଠି ହାତତିଆରି କାର୍ପେଟରେ ବର୍ଗଇଞ୍ଚ ପିଛା ୧୬ଟି ଗଣ୍ଠିରୁ ୨୫୦୦ ଗଣ୍ଠି (ନଟ୍) ରହୁଛି ଏବଂ ଏଥିରେ ୧୦ପ୍ରକାର କଞ୍ଚାମାଲ ବ୍ୟବହୃତ ହୁଏ । ବିଭିନ୍ନ ଆକାର, ପ୍ରକାର, ରଙ୍ଗ ଓ ଡିଜାଇନରେ ଏହା ଉପଲବ୍ଧ ।

ଅତଏବ ଲୋକଙ୍କୁ ରୋଜଗାର ପ୍ରଦାନ ଏବଂ ଗ୍ରାମାଞ୍ଚଳରେ ଅଧିକରୁ ଅଧିକ ରୋଜଗାର ସୁଯୋଗ





ସୃଷ୍ଟି ପାଇଁ ହସ୍ତଶିଳ୍ପ ଉଦ୍ୟୋଗର ଉନ୍ନତି ଅପରିହାର୍ଯ୍ୟ। ଏଥିପାଇଁ ନୂଆ ଟେକ୍ନୋଲୋଜିର ପ୍ରୟୋଗ ସହିତ କାରିଗର ଓ ଶିଳ୍ପୀମାନଙ୍କ ଦକ୍ଷତା ବିକାଶ, କଞ୍ଚାମାଲ, ବଜାର ଓ ବିପଣନ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦେବାକୁ ପଡ଼ିବ। ଏହାସହିତ ଧାରଣକ୍ଷମ ବିକାଶ ଲକ୍ଷ୍ୟ ହାସଲ କରିବା ସକାଶେ ଏହି କାରିଗରମାନଙ୍କ ଦାରିଦ୍ର୍ୟ ଦୂରୀକରଣ ସମେତ ଅନ୍ୟାନ୍ୟ ଆୟର ପନ୍ଥା ମଧ୍ୟ ସୁନିଶ୍ଚିତ କରିବାକୁ ପଡ଼ିବ।

ହସ୍ତଶିଳ୍ପ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ଏକ ସ୍ୱୀକୃତି ସ୍ୱରୂପ ଭାରତକୁ ବିଶ୍ୱର ସର୍ବପୁରାତନ ଏବଂ ଶ୍ରେଷ୍ଠ ପ୍ରଦର୍ଶନୀ ଭାବେ ବିବେଚିତ 'ଆମ୍ବିଏଣ୍ଟ'ର ଅଂଶୀଦାର ମାନ୍ୟତା ପ୍ରଦାନ କରାଯାଇଛି। ୨୦୧୯ରେ ଜର୍ମାନୀରେ ଆୟୋଜିତ 'ଆମ୍ବିଏଣ୍ଟ' ପ୍ରଦର୍ଶନୀରେ ଭାରତ ଅଂଶୀଦାର ଦେଶ ଭାବେ ଯୋଗଦେଇଥିଲା। ଏଥିରେ ୮୦ଟି ଦେଶର ୪୫୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାଗ ନେଇଥିବା ୫୧୭ଟି ଭାରତୀୟ କମ୍ପାନୀଗୁଡ଼ିକ ଖ୍ରୀସ୍‌ମାସ୍ ସାଜସଜ୍ଜା, ଫେଶନ୍ ଅଳଙ୍କାର, କାଠ ତିଆରି ହସ୍ତକଳା ସାମଗ୍ରୀ, ବସ୍ତ୍ର ସାମଗ୍ରୀ, ଚମଡ଼ା ସାମଗ୍ରୀ, ବିଭିନ୍ନ ପ୍ରକାରର ବତୀ ଏବଂ ଅନ୍ୟାନ୍ୟ ବହୁ କଳାକୃତୀ ପ୍ରଦର୍ଶିତ କରିଥିଲେ। ଏଥିରେ ଭାରତର 'ମେକ୍ ଇନ୍ ଇଣ୍ଡିଆ କ୍ରାଫ୍ଟ' ସହ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଥିବା ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ ସର୍ବସାଧାରଣରେ କ୍ରାଫ୍ଟ ମ୍ୟୁଜିୟମ୍ ନାମରେ ପରିଚିତ। ପ୍ରଖ୍ୟାତ ସ୍ଥପତି ଚାର୍ଲସ କୋରିଆ ଏହାର ନକ୍ସା ପ୍ରସ୍ତୁତ କରିଥିଲେ। ଏହି ସଂଗ୍ରହାଳୟରେ ଭାରତର ବିଭିନ୍ନ ହସ୍ତଶିଳ୍ପ, ହସ୍ତତନ୍ତ ସାମଗ୍ରୀ ଓ କଳାକୃତିମାନ ସ୍ଥାନ ପାଇଛି ଯାହା ଦେଖିବାର ଯୋଗ୍ୟ। ଏହି ସଂଗ୍ରହାଳୟ ମାଧ୍ୟମରେ ସଂପୃକ୍ତ ସାମଗ୍ରୀ, ତାହାର ନିର୍ମାତା ବା କାରିଗର ଏବଂ ଅନ୍ୟାନ୍ୟ ଅନେକ କଥା ଜାଣି ହେବ। ଏହି ସଂଗ୍ରହାଳୟଟି ବେଶ୍ ଓସାରିଆ ହେବା ସହିତ ଏଥିରେ ହସ୍ତତନ୍ତ ଏବଂ ହସ୍ତକଳା ସମ୍ପର୍କିତ ଦେଶର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଛି।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ବୟନ ଶିଳ୍ପ ମନ୍ତ୍ରଣାଳୟର ହସ୍ତଶିଳ୍ପ ଉନ୍ନୟନ କମିଶନର।**

**Email ID: smanu@ias.nic.in**

# ହସ୍ତଶିଳ୍ପ : ଭାରତୀୟ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ

ହିନା ନକ୍‌ଭି



ଆମ ଦେଶରେ ଉଚ୍ଚମାନର ବିଭିନ୍ନ ପ୍ରକାର ସୁନ୍ଦରସୁନ୍ଦର ହସ୍ତଶିଳ୍ପ ତିଆରି ହୁଏ। ପ୍ରାୟ ପ୍ରତ୍ୟେକ ରାଜ୍ୟ ନିଜ ନିଜର ସ୍ୱତନ୍ତ୍ର ଅନୁପମ ହସ୍ତଶିଳ୍ପ ଓ ସାମଗ୍ରୀ ପାଇଁ ଖ୍ୟାତ। ଯେଉଁମାନେ ଏସବୁ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି, ଏହା ସେଇ ସଂପ୍ରଦାୟର ସଂସ୍କୃତି ଏବଂ ପରମ୍ପରା ସହ ଜଡ଼ିତ। ପିଢ଼ିପରେ ପିଢ଼ି ଏସବୁ ସାମଗ୍ରୀ ଉତ୍ପାଦନ ଓ ନିର୍ମାଣ, ସମ୍ପୃକ୍ତ କାରିଗର ଓ ଶିଳ୍ପୀଙ୍କୁ ରୋଜଗାର ଯୋଗାଇବା ସହ ଆର୍ଥିକ ଦୃଷ୍ଟିରୁ ଆତ୍ମନିର୍ଭରଶୀଳ କରିଥାଏ। ଭାରତୀୟ ଅର୍ଥନୀତିକୁ ଏହି କ୍ଷେତ୍ରର ଅବଦାନ ବିପୁଳ।

ଜର୍ମାନ ଅର୍ଥମନ୍ତ୍ରୀ ଓ ପରିସଂଖ୍ୟାନବିତ୍ ଇ.ଏଫ୍.ସୁମାକରଙ୍କ ଦ୍ୱାରା ଲିଖିତ ଚର୍ଚ୍ଚିତ ପୁସ୍ତକର ନାମ 'ସ୍ମଲ୍ ଇଜ୍ ବିଉଟିଫୁଲ୍' (କ୍ଷୁଦ୍ର ହିଁ ସୁନ୍ଦର)। ଏଥିରେ କ୍ଷୁଦ୍ର ହେବାର ଲାଭ ଏବଂ ସୌନ୍ଦର୍ଯ୍ୟ ବିଷୟରେ ସେ ଉଲ୍ଲେଖ କରିଛନ୍ତି। କ୍ଷୁଦ୍ର କେବଳ ସୁନ୍ଦର ନୁହେଁ, ଏହା ବେଳେବେଳେ ମଧ୍ୟ ନିଜର ଦକ୍ଷତା ପ୍ରତିପାଦନ କରିଥାଏ। ଆମ ଦେଶର ଶିଳ୍ପୀ ଓ କାରିଗରମାନେ ଯେଉଁସବୁ ଛୋଟଛୋଟ ସାମଗ୍ରୀ ହାତରେ ତିଆରି କରନ୍ତି ତାହା କେବଳ ସୁନ୍ଦର ନୁହେଁ ଏହାର ମଧ୍ୟ ଏକ ସାମର୍ଥ୍ୟ ରହିଛି ଯାହା ଆର୍ଥିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଗ୍ରାମ୍ୟ ଅର୍ଥନୀତିରେ ଏହି କ୍ଷେତ୍ରର ଏକ ମହତ୍ୱପୂର୍ଣ୍ଣ ଅବଦାନ ରହିଛି।

ଆମ ଦେଶର ହସ୍ତଶିଳ୍ପ, ହାତ ତିଆରି ସାମଗ୍ରୀର ବିବିଧତା ଓ ବୈଭବ ବ୍ୟାପକ।



ଗୁଜରାଟର କଚ୍ଛ ଏମ୍ବ୍ରଏଡୋରୀ, ଉତ୍ତରପ୍ରଦେଶର ଜରି-ଜରଦୋଜି ଓ ଚିକ୍‌ନକରି, କର୍ଣ୍ଣାଟକର କାଠ କଣ୍ଢେଇ, ଆସାମର ବାଉଁଶ ତିଆରି ସାମଗ୍ରୀ, ରାଜସ୍ଥାନର କଣ୍ଢେଇ ବା ସିଲ୍କ, ବିହାରର ଟିକୁଲି ଓ ମଧୁବନୀ ହସ୍ତକଳା ଆଦି ସମ୍ପୃକ୍ତ ରାଜ୍ୟର ପାରମ୍ପରିକ କଳା କେବଳ ନୁହେଁ; ଏହା ସଂପୃକ୍ତ ରାଜ୍ୟର ଶିଳ୍ପୀ ଓ କାରିଗରଙ୍କର ଏକ ବିକଳ୍ପ ଆୟ ଉତ୍ସ ଭାବେ ପ୍ରମାଣିତ ହୋଇପାରିଛି। କେବଳ ସେତିକି ନୁହେଁ ଏସବୁ ହସ୍ତଶିଳ୍ପ ଓ ହସ୍ତକଳା ତାହାର ଚମତ୍କାରିତା ଓ ବ୍ୟାପକ ଜନାଦୃତି ପାଇଁ ଆନ୍ତର୍ଜାତିକ ସ୍ତରରେ ଏକ ସ୍ଥାୟୀ ବଜାର ସୃଷ୍ଟିରେ ସମର୍ଥ ହୋଇଛି।


ହସ୍ତଶିଳ୍ପର ସଂଜ୍ଞା ଅତି ସରଳ। ଯେଉଁସବୁ ସାମଗ୍ରୀ ହାତରେ ତିଆରି ହୁଏ କିମ୍ବା ଏହାର ପ୍ରସ୍ତୁତିରେ ସରଳ ଜ୍ଞାନକୌଶଳ ବ୍ୟବହାର କରାଯାଏ ତାହା ହସ୍ତଶିଳ୍ପ। ଆମ ଦେଶର ବିବିଧତା ଅନୁସାରେ ଆମର ହସ୍ତଶିଳ୍ପ ମଧ୍ୟ ବିବିଧ ଯାହାର ଶ୍ରେଣୀ ବିଭାଗ କରିବା ସହଜ ନୁହେଁ। ସେଥିରୁ କିଛି ସାଜସଜ୍ଜା ବା ଅଳଙ୍କରଣ ପାଇଁ ବ୍ୟବହୃତ ହେଉଥିବାବେଳେ ଆଉ ଅନେକ ଧାର୍ମିକ, ଐତିହାସିକ, ଆଭୂଷଣ, ଦୈନନ୍ଦିନ ବ୍ୟବହାର ଓ ପ୍ରତୀକାତ୍ମକ କାର୍ଯ୍ୟ ପାଇଁ ବ୍ୟବହାରରେ ଲାଗିଥାଏ। କୁଟୀର ଓ ଗ୍ରାମୋଦ୍ୟୋଗ ହସ୍ତତନ୍ତ ଓ ଗାଲିଚା (କାରପେଟ୍) କ୍ଷେତ୍ର ଆଦି ଏହି ଉଦ୍ୟୋଗର ଅନ୍ତର୍ଭୁକ୍ତ। ହସ୍ତଶିଳ୍ପ ଉଦ୍ୟୋଗର ବିଶେଷତ୍ୱ ହେଲା ଏହା ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲକୁ ଆଶ୍ରା କରି ଗଢ଼ିଉଠେ। ଏହି କଞ୍ଚାମାଲ ପୁଣି ଦୁଇ ପ୍ରକାରର। ଗୋଟିଏ ପ୍ରାକୃତିକ ଓ ଅନ୍ୟଟି କୃତ୍ରିମ। ପ୍ରାକୃତିକ କଞ୍ଚାମାଲ ଭିତରେ ରହିଛି ବେତ, ବାଉଁଶ, ବିଭିନ୍ନ ପ୍ରକାର ଘାସ, କପା ଓ ଝୋଟ ଭଳି ପ୍ରାକୃତିକ ତନ୍ତୁ, ବିଭିନ୍ନ ପ୍ରକାର ସୂତା, ପଥର, ମାଟି, କାଦୁଅ ଆଦି। ସେଇପରି କୃତ୍ରିମ କଞ୍ଚାମାଲ୍ ମଧ୍ୟରେ ରହିଛି କୃତ୍ରିମ ରଙ୍ଗ, ବିଭିନ୍ନ ପ୍ରକାର ମିଶ୍ରଧାତୁ, ସେରାମିକ, କାଚ ଓ ଛାଞ୍ଚ ଆଦି।

> ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ହୋଇଥିବା ସର୍ଭେ ଅନୁସାରେ ଭାରତରେ କାରିଗରଙ୍କ ସଂଖ୍ୟା ୬୮.୮୬ଲକ୍ଷ। ଏଥିରୁ ଏହି ଉଦ୍ୟୋଗର ବ୍ୟାପକତା ଓ ଶକ୍ତି ପ୍ରମାଣିତ ହୁଏ। ଏହି ଉଦ୍ୟୋଗରେ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକାରର କାରିଗର ଓ ଶିଳ୍ପୀ ନିୟୋଜିତ ହୋଇ ଜୀବିକାର୍ଜନ କରନ୍ତି। ଏହି ଉଦ୍ୟୋଗ ସହିତ ଆଉ ଏକ ଉପ-ଉଦ୍ୟୋଗ ଜଡ଼ିତ। ସେଥିରେ ଲୋକେ ଏସବୁ ସାମଗ୍ରୀର ବିକ୍ରିବଟା ଏବଂ ରପ୍ତାନୀରେ ପ୍ରତ୍ୟେକ୍ଷ ଅବା ପରୋକ୍ଷଭାବେ ଜଡ଼ିତ ହୋଇ ରୋଜଗାର ପାଇଥାନ୍ତି। ଭାରତୀୟ ହସ୍ତଶିଳ୍ପର ରପ୍ତାନୀ ଚାହିଦା ଭଲ। ଏହା ଦେଶ ପାଇଁ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନର ଏକ ବଡ଼ ମାଧ୍ୟମ ହୋଇଛି।



ଭାରତର ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରାୟ ୭୦ ଭାଗ ଲୋକ ଜୀବିକା ନିର୍ବାହ ପାଇଁ ଚାଷ ଉପରେ ପ୍ରତ୍ୟେକ୍ଷ ବା ପରୋକ୍ଷଭାବେ ନିର୍ଭର କରନ୍ତି। ଚାଷବାସ ନ ଥିବା ସମୟରେ ଏସବୁ ଲୋକ ବେକାର ହୋଇ ନ'ବସି ଦୁଇ ପଇସା ରୋଜଗାର କରିବା ପାଇଁ ହସ୍ତଶିଳ୍ପ ଉପରେ ନିର୍ଭର କରିଥାନ୍ତି। ଏହା ସେମାନଙ୍କୁ ବିକଳ୍ପ ରୋଜଗାର ଦେବା ସହ ଖାଦ୍ୟ ନିରାପତ୍ତା ମଧ୍ୟ ଯୋଗାଇଥାଏ। ଏହିଭଳି ଭାବେ ହସ୍ତଶିଳ୍ପ ଭାରତ ଜନସଂଖ୍ୟାର ଏକ ବଡ଼ଭାଗର ଏକ ଗୁରୁତ୍ୱପୂର୍ଣ୍ଣ ଆୟ ଉତ୍ସ ପାଲଟିଛି।

ଏକାଦଶ ପଞ୍ଚବାର୍ଷିକ ଯୋଜନା କାଳରେ ହୋଇଥିବା ସର୍ଭେ ଅନୁସାରେ ଭାରତରେ କାରିଗରଙ୍କ ସଂଖ୍ୟା ୬୮.୮୬ଲକ୍ଷ। ଏଥିରୁ ଏହି ଉଦ୍ୟୋଗର ବ୍ୟାପକତା ଓ ଶକ୍ତି ପ୍ରମାଣିତ ହୁଏ।





ଏହି ଉଦ୍ୟୋଗରେ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକାରର କାରିଗର ଓ ଶିଳ୍ପୀ ନିୟୋଜିତ ହୋଇ ଜୀବିକାର୍ଜନ କରନ୍ତି। ଏହି ଉଦ୍ୟୋଗ ସହିତ ଆଉ ଏକ ଉପ-ଉଦ୍ୟୋଗ ଜଡ଼ିତ। ସେଥିରେ ଲୋକେ ଏସବୁ ସାମଗ୍ରୀର ବିକ୍ରିବଟା ଏବଂ ରପ୍ତାନୀରେ ପ୍ରତ୍ୟେକ୍ଷ ଅବା ପରୋକ୍ଷଭାବେ ଜଡ଼ିତ ହୋଇ ରୋଜଗାର ପାଇଥାନ୍ତି। ଭାରତୀୟ ହସ୍ତଶିଳ୍ପର ରପ୍ତାନୀ ଚାହିଦା ଭଲ। ଏହା ଦେଶ ପାଇଁ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନର ଏକ ବଡ଼ ମାଧ୍ୟମ ହୋଇଛି। ଏବେ ଦେଶର ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀ ସ୍ଥିର ନିରନ୍ତର ଭାବେ ବଢ଼ିବାରେ ଲାଗିଛି। ଫଳରେ ଦେଶର ରପ୍ତାନୀ ବାଣିଜ୍ୟ ଜନିତ ଆୟ କ୍ଷେତ୍ରରେ ଏହି ଉଦ୍ୟୋଗର ଅବଦାନ ବେଶ୍ ଉଲ୍ଲେଖଯୋଗ୍ୟ ହେଉଛି।

ପିଆଇବି ତଥ୍ୟ ଅନୁସାରେ ୨୦୧୫ରେ ଭାରତ ୪୧,୪୧୮ କୋଟି ଟଙ୍କାର କାର୍ପେଟ ସମେତ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ କରିଥିବା ବେଳେ ମୋଟ୍ ୩୦,୯୩୯ କୋଟି ଟଙ୍କାର ରପ୍ତାନୀ କରିଥିଲା। ଏଥିରୁ ଏହି ଉଦ୍ୟୋଗର ସାମର୍ଥ୍ୟ ଓ ଗୁରୁତ୍ୱ ସହଜେ ଅନୁମେୟ। ଉଭୟ ଦେଶୀ ଓ ବିଦେଶୀ ପର୍ଯ୍ୟଟକ ସେମାନଙ୍କ ଭ୍ରମଣକାଳରେ ସ୍ମାରକ ରୂପେ ବିଭିନ୍ନ ପ୍ରକାର ହସ୍ତଶିଳ୍ପ ସାମଗ୍ରୀ କିଣିଥାନ୍ତି। ସେଥିପାଇଁ ପର୍ଯ୍ୟଟନସ୍ଥଳଗୁଡ଼ିକରେ ହସ୍ତଶିଳ୍ପ ସାମଗ୍ରୀ ବିକ୍ରି ପାଇଁ ଉପଲବ୍ଧ ହୋଇଥାଏ। ଏହା ସ୍ଥାନୀୟ କାରିଗର, ବିକ୍ରେତା ଓ ଯୋଗାଣକାରୀଙ୍କୁ ରୋଜଗାର ଯୋଗାଇଥାଏ। ଏହି ଉଦ୍ୟୋଗ ସହ ସମ୍ପୃକ୍ତ କାରିଗର ଓ ବ୍ୟବସାୟୀମାନେ ଅସଂଗଠିତ କ୍ଷେତ୍ରର। ତେଣୁ ସେମାନେ ବୃତ୍ତିଗତ ସୁବିଧାସୁଯୋଗ ବିଶେଷ ପାଇ ନଥାନ୍ତି। ଅସଂଗଠିତ ହୋଇଥିବାରୁ ସେମାନଙ୍କ ସମ୍ପର୍କରେ ବିଶେଷ ନିର୍ଭରଯୋଗ୍ୟ ତଥ୍ୟ ଓ ପରିସଂଖ୍ୟାନ ମଧ୍ୟ ମିଳେ ନାହିଁ। ଏହା ସତ୍ତ୍ୱେ ଏହି ଉଦ୍ୟୋଗ ଦେଶର ଅର୍ଥନୀତିକୁ ଉତ୍ତମ ସହଯୋଗ ଦେବା ସବୁଠୁ ଉଲ୍ଲେଖନୀୟ ବିଷୟ।

ଏହି କ୍ଷେତ୍ରର ବିକାଶ ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। ଏହି କ୍ଷେତ୍ରର ଉତ୍ପାଦିତ ସାମଗ୍ରୀଗୁଡ଼ିକ ବିକ୍ରିବଟା ପାଇଁ ଆବଶ୍ୟକ ଦୃଷ୍ଟି ଦିଆଯାଉଛି। ହସ୍ତଶିଳ୍ପ ପାଇଁ ଥିବା ରପ୍ତାନୀ ପ୍ରୋତ୍ସାହନ ପରିଷଦ (ଇପିସିଏଚ୍) ସାମଗ୍ରୀଭିତ୍ତିକ ପ୍ରଦର୍ଶନୀମାନ ଆୟୋଜିତ କରୁଛି।

ବୃହତ୍ତର ସ୍ତରରେ ଏହି ଉଦ୍ୟୋଗର ବିକାଶ ପାଇଁ ନାନାବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ଦେଶର ସାଂସ୍କୃତିକ ଐତିହ୍ୟ, କଳା, ହସ୍ତଶିଳ୍ପ ଓ ବୟନର ସୁରକ୍ଷା ଏବଂ ବିକାଶ ସହିତ ପିଢ଼ି ପରେ ପିଢ଼ି ଏହି ସଂସ୍କୃତିକୁ ବଜାୟ ରଖିବା ସହ ବିକଳ୍ପ ରୋଜଗାର ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି। କ୍ଷୁଦ୍ର ସ୍ତରରେ ବେକାରୀ, ଦାରିଦ୍ର୍ୟ, ଭିଟାମାଟି ଛାଡ଼ିବା, ଋଣଗ୍ରସ୍ତ ହେବା ଭଳି ସାମାଜିକ-ଆର୍ଥିକ ସମସ୍ୟାଗୁଡ଼ିକର ଦୂରୀକରଣ ପାଇଁ ମଧ୍ୟ ଉଦ୍ୟମ ହେଉଛି। ଏହି ପ୍ରୟାସ ମାଧ୍ୟମରେ ସଂପୃକ୍ତ ବର୍ଗଙ୍କ ବିକାଶ ସହ ଭାରତୀୟ ଅର୍ଥନୀତିକୁ ମଜବୁତ କରିବାକୁ ପ୍ରୟାସ ଚାଲିଛି। ଏହା ସଫଳ ହେଲେ ଭାରତୀୟ ସମାଜର ସ୍ଥିତିରେ ଅବଶ୍ୟ ଉନ୍ନତି ଆସିବ।

ପ୍ରତି ବର୍ଷ ଦୁଇ ଥର ଇଣ୍ଡିଆନ ହାଣ୍ଡିକ୍ରାଫ୍ଟ ଓ ଗିଫ୍ଟଫେୟାର ଆୟୋଜିତ ହେଉଛି। ଏହାଛଡ଼ା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକର ପ୍ରଦର୍ଶନ କରାଯାଇ ତାହାର ପ୍ରୋତ୍ସାହନ ତଥା ବିକ୍ରିବଟା ବ୍ୟବସ୍ଥା କରାଯାଉଛି।

ବଜାର ଉନ୍ନୟନ ସହାୟତା (ଏମ୍‌ଡିଏ) ଓ ବଜାରରେ ପହଞ୍ଚିବାର ସୁବିଧା ଯୋଗାଣ (ଏମ୍.ଏ.ଆଇ) ବ୍ୟବସ୍ଥା କରାଯାଇ ଉଭୟ ଉତ୍ପାଦ ଓ କାରିଗରଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏଥିରେ ପ୍ରଦର୍ଶନୀ ଆୟୋଜନ, ଉତ୍ପାଦନ ମେଳା ଓ ଉତ୍ପାଦକ-କ୍ରେତା ବୈଠକମାନ ମଧ୍ୟ ନିୟମିତ ବ୍ୟବଧାନରେ ଆୟୋଜିତ ହେଉଛି। 'ଇଣ୍ଡିଆନ ହ୍ୟାଣ୍ଡଲୁମ୍ ବଜାର' ନାମରେ ଏକ ଅନ୍‌ଲାଇନ ପୋର୍ଟାଲ ଖୋଲାଯାଇ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ସମ୍ପର୍କ ସ୍ଥାପନ କରାଯାଇଛି। ଏଥିରେ ଉଭୟ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର କାରବାର ହେଉଛି। ପ୍ରାୟ ୪୦୦ ହସ୍ତକଳା ସହଯୋଗ ଶିବିର ଆୟୋଜନ କରାଯାଇ ଦେଶର ୨୦୦ ଜିଲ୍ଲାରେ ୨୦୧୭ ଅକ୍ଟୋବରଠାରୁ ବୁଣାକାର ଓ କାରିଗରମାନଙ୍କୁ ସହାୟତା ଯୋଗାଣ ପୂର୍ବକ ପ୍ରୋତ୍ସାହିତ କରାଯାଇଛି। ଏହାଛଡ଼ା ଏହି ଶିବିର ମାଧ୍ୟମରେ ସଂପୃକ୍ତ କ୍ଷେତ୍ରର କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଉଛି।

ଏବେ କାରିଗର ଓ ସେମାନଙ୍କ ଉଦ୍ୟୋଗ ବିକାଶ ଉପରେ ଅଗ୍ରାଧିକାର ପ୍ରଦାନ କରାଯାଉଛି। ଏହାର ଉଦ୍ଦେଶ୍ୟ ହେଲା ଏ କ୍ଷେତ୍ରରେ ଥିବା ସୁଯୋଗର ଲାଭ ସଂପୃକ୍ତ କାରିଗର, ବୁଣାକାରଙ୍କୁ ଯୋଗାଇ ସେମାନଙ୍କର ଆର୍ଥିକ ଓ ସାମାଜିକ ବିକାଶ ଘଟାଇ ଦେଶର ଅର୍ଥନୀତିକୁ ମଜବୁତ କରିବା।

ହସ୍ତଶିଳ୍ପର ସଂଜ୍ଞା ଅତି ସରଳ। ଯେଉଁସବୁ ସାମଗ୍ରୀ ହାତରେ ତିଆରି ହୁଏ କିମ୍ବା ଏହାର ପ୍ରସ୍ତୁତିରେ ସରଳ ଜ୍ଞାନକୌଶଳ ବ୍ୟବହାର କରାଯାଏ ତାହା ହସ୍ତଶିଳ୍ପ। ଆମ ଦେଶର ବିବିଧତା ଅନୁସାରେ ଆମର ହସ୍ତଶିଳ୍ପ ମଧ୍ୟ ବିବିଧ ଯାହାର ଶ୍ରେଣୀ ବିଭାଗ କରିବା ସହଜ ନୁହେଁ। ସେଥିରୁ କିଛି ସାଜସଜ୍ଜା ବା ଅଳଙ୍କରଣ ପାଇଁ ବ୍ୟବହୃତ ହେଉଥିବାବେଳେ ଆଉ ଅନେକ ଧାର୍ମିକ, ଐତିହାସିକ, ଆଭୂଷଣ, ଦୈନନ୍ଦିନ ବ୍ୟବହାର ଓ ପ୍ରତୀକାତ୍ମକ କାର୍ଯ୍ୟ ପାଇଁ ବ୍ୟବହାରରେ ଲାଗିଥାଏ। କୁଟୀର ଓ ଗ୍ରାମୋଦ୍ୟୋଗ ହସ୍ତତନ୍ତ ଓ ଗାଲିଚା (କାରପେଟ୍) କ୍ଷେତ୍ର ଆଦି ଏହି ଉଦ୍ୟୋଗର ଅନ୍ତର୍ଭୁକ୍ତ। ହସ୍ତଶିଳ୍ପ ଉଦ୍ୟୋଗର ବିଶେଷତ୍ୱ ହେଲା ଏହା ସ୍ଥାନୀୟ ଭାବେ ମିଳୁଥିବା କଞ୍ଚାମାଲକୁ ଆଶ୍ରା କରି ଗଢ଼ିଉଠେ। ଏହି କଞ୍ଚାମାଲ ପୁଣି ଦୁଇ ପ୍ରକାରର। ଗୋଟିଏ ପ୍ରାକୃତିକ ଓ ଅନ୍ୟଟି କୃତ୍ରିମ। ପ୍ରାକୃତିକ କଞ୍ଚାମାଲ ଭିତରେ ରହିଛି ବେତ, ବାଉଁଶ, ବିଭିନ୍ନ ପ୍ରକାର ଘାସ, କପା ଓ ଝୋଟ ଭଳି ପ୍ରାକୃତିକ ତନ୍ତୁ, ବିଭିନ୍ନ ପ୍ରକାର ସୂତା, ପଥର, ମାଟି, କାଦୁଅ ଆଦି। ସେଇପରି କୃତ୍ରିମ କଞ୍ଚାମାଲ୍ ମଧ୍ୟରେ ରହିଛି କୃତ୍ରିମ ରଙ୍ଗ, ବିଭିନ୍ନ ପ୍ରକାର ମିଶ୍ରଧାତୁ, ସେରାମିକ, କାଚ ଓ ଛାଞ୍ଚ ଆଦି।

ନିଜନିଜର ଉତ୍ପାଦିତ ସାମଗ୍ରୀର ବୈଶିଷ୍ଟ୍ୟ ଦୃଷ୍ଟିରୁ ଜିଆଇ ମାନ୍ୟତା ହାସଲ କରିବାକୁ ସଂପୃକ୍ତ ଶିଳ୍ପୀ, କାରିଗର ଓ ସଂପୃକ୍ତ ସମୁଦାୟଙ୍କୁ ମଧ୍ୟ ପ୍ରୋତ୍ସାହିତ କରାଯାଉଛି। ଏଥିପାଇଁ କାରିଗର ଓ ଶିଳ୍ପୀ ସଂଘ / ସଂଗଠନମାନ ଆଗେଇ ଆସିବା ଆବଶ୍ୟକ। ଜିଆଇ ଟ୍ୟାଗ୍ ବା ଭୌଗୋଳିକ ମାନ୍ୟତା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ସାମଗ୍ରୀର ଭୌଗୋଳିକ ପରିଚୟ ବହନ ବହନ କରେ। ଏହା ସାମଗ୍ରୀର ବିକ୍ରିବଟାରେ ସହାୟକ ହୋଇଥାଏ ଓ ଏହା ସହିତ ଅଞ୍ଚଳ ଓ ସାମଗ୍ରୀର ସୁନାମ ଯୋଡ଼ିହୁଏ। କାଂଗ୍ରାର ପେଣ୍ଟିଂ, ବାରାଣସୀର ଜରିକାମ ହୋଇଥିବା ବସ୍ତ୍ର ଓ ଶାଢ଼ି, ବସ୍ତରର କାଠକାମ ଏବଂ ବିଲିଆନୁରର ମୃତ୍ତିକା (ଟେରାକୋଟା) ସାମଗ୍ରୀ ଇତିମଧ୍ୟରେ ଜିଆଇ ମାନ୍ୟତା ପାଇସାରିଛି।

ବୃହତ୍ତର ସ୍ତରରେ ଏହି ଉଦ୍ୟୋଗର ବିକାଶ ପାଇଁ ନାନାବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ଦେଶର ସାଂସ୍କୃତିକ ଐତିହ୍ୟ, କଳା, ହସ୍ତଶିଳ୍ପ ଓ ବୟନର ସୁରକ୍ଷା ଏବଂ ବିକାଶ ସହିତ ପିଢ଼ି ପରେ ପିଢ଼ି ଏହି ସଂସ୍କୃତିକୁ ବଜାୟ ରଖିବା ସହ ବିକଳ୍ପ ରୋଜଗାର ସୃଷ୍ଟି ପାଇଁ ପ୍ରୟାସ କରାଯାଉଛି। କ୍ଷୁଦ୍ର ସ୍ତରରେ ବେକାରୀ, ଦାରିଦ୍ର୍ୟ, ଭିଟାମାଟି ଛାଡ଼ିବା, ଋଣଗ୍ରସ୍ତ ହେବା ଭଳି ସାମାଜିକ-ଆର୍ଥିକ ସମସ୍ୟାଗୁଡ଼ିକର ଦୂରୀକରଣ ପାଇଁ ମଧ୍ୟ ଉଦ୍ୟମ ହେଉଛି। ଏହି ପ୍ରୟାସ ମାଧ୍ୟମରେ ସଂପୃକ୍ତ ବର୍ଗଙ୍କ ବିକାଶ ସହ ଭାରତୀୟ ଅର୍ଥନୀତିକୁ ମଜବୁତ କରିବାକୁ ପ୍ରୟାସ ଚାଲିଛି। ଏହା ସଫଳ ହେଲେ ଭାରତୀୟ ସମାଜର ସ୍ଥିତିରେ ଅବଶ୍ୟ ଉନ୍ନତି ଆସିବ।

**ଲେଖିକା ବିହାର ସରକାରଙ୍କ ଅଧିନସ୍ଥ ସମାଜକଲ୍ୟାଣ ବିଭାଗର ସକ୍ଷମ କର୍ଯ୍ୟକ୍ରମ ସହ ସମ୍ପୃକ୍ତ।**
**Email ID: hena.naqvipti@gmail.com**

# ହସ୍ତଶିଳ୍ପ ଓ ବୟନ ସାମଗ୍ରୀର ରପ୍ତାନୀ ସାମର୍ଥ୍ୟ : ବର୍ତ୍ତମାନ ଓ ଭବିଷ୍ୟତ

ରଂଜିତ ମେହେତା

ହସ୍ତଶିଳ୍ପ ଓ ବୟନ ସାମଗ୍ରୀ ଉତ୍ପାଦନରେ ଭାରତର ସ୍ଥିତି ଓ ସମାର୍ଥ୍ୟ ବେଶ୍ ଭଲ। ଏହା ବିଶ୍ୱ ବଜାରକୁ ବିଭିନ୍ନ ପ୍ରକାର ଜିନିଷ ଯୋଗାଇଥାଏ ଏବଂ ଏସବୁ ସାମଗ୍ରୀର ଆନ୍ତର୍ଜାତିକ ବଜାରରେ ଚାହିଦା ମଧ୍ୟ ବେଶ୍ ଉତ୍ତମ। ବିଗତ କେଇ ବର୍ଷ ମଧ୍ୟରେ ହସ୍ତଶିଳ୍ପ ଓ ବୟନ ସାମଗ୍ରୀର ଚାହିଦା ଏହାର ସାଂସ୍କୃତିକ ଓ ଅର୍ଥନୈତିକ ମୂଲ୍ୟ ଯୋଗୁଁ ବୃଦ୍ଧି ପାଇଛି। ହସ୍ତଶିଳ୍ପ ଓ ବୟନ ସାମଗ୍ରୀ ଦେଶର ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ। ଏହି ଉଦ୍ୟୋଗ ଭାରତରେ କୁଟୀର ଶିଳ୍ପ ଭାବେ ପରିଗଣିତ ହୁଏ। ତେବେ ଏଥିରେ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିଯୁକ୍ତ। ସେମାନଙ୍କ ମଧ୍ୟରୁ କେତେକ ସାମୟିକ ଓ ଅନ୍ୟମାନେ ପୂର୍ଣ୍ଣ ସମୟ ପାଇଁ ଏହି ଉଦ୍ୟୋଗରେ କାର୍ଯ୍ୟ କରିଥାନ୍ତି। ଏହାର ଆଉ ଏକ ବିଶେଷତ୍ୱ ହେଲା ଏଥିରେ ମହିଳା, ସମାଜର ଦୁର୍ବଳ ଶ୍ରେଣୀର ଲୋକ ଅଧିକ ସଂଖ୍ୟାରେ କାମ କରନ୍ତି। ଏଥିରେ ପୁଂଜିର ଆବଶ୍ୟକତା କମ୍ ଏବଂ ଆର୍ଥିକ ଦୃଷ୍ଟିରୁ ଏହା ଲାଭଦାୟକ। ଏହି ଉଦ୍ୟୋଗ ପ୍ରସ୍ତୁତ ସାମଗ୍ରୀର ରପ୍ତାନୀ ଚାହିଦା ଅଧିକ ଥିବାରୁ ଦେଶ ପାଇଁ ବୈଦେଶିକ ବିନିମୟ ମୁଦ୍ରା ଅର୍ଜନର





ସୁଯୋଗ ରହିଛି । ସବୁଠୁ ବଡ଼ କଥା ହେଲା ଏହା ଅନେକ ଲୋକଙ୍କୁ ରୋଜଗାରର ଉତ୍ସ ଦେଇଛି ।

ବିଶ୍ୱର ମୋଟ୍ ଶିଳ୍ପଜାତ ପଦାର୍ଥ ମଧ୍ୟରୁ ୯୫ଭାଗ କ୍ଷୁଦ୍ର ଜାଗା ବା ୱ୍ୱାର୍କସପ୍‌ରେ ଉତ୍ପାଦିତ ହୋଇଥାଏ । ପ୍ରତ୍ୟେକ ୱ୍ୱାର୍କସପ୍‌ରେ ୧୦୦ରୁ କମ୍ ଲୋକ କାମ କରନ୍ତି । ଉଦାହରଣ ସ୍ୱରୂପ ଜାପାନ ଭଳି ଏକ ଉନ୍ନତ ଦେଶରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୮୪ ଶତାଂଶ ସାମଗ୍ରୀ ଉତ୍ପାଦିତ ହୁଏ । ଆମେ ଏହି ପରିପ୍ରେକ୍ଷୀରେ ଭାରତୀୟ ହସ୍ତଶିଳ୍ପ ଉଦ୍ୟୋଗକୁ ଦେଖିଲେ ଏହା ଏକ ଭିନ୍ନ ଚିତ୍ର ଦିଏ । ଭାରତରେ ଏହି ଉଦ୍ୟୋଗ ଶ୍ରମିକବହୁଳ, କୁଟୀରଭିତ୍ତିକ ଏବଂ ବିକେନ୍ଦ୍ରୀତ । ଅଧିକାଂଶ ଉଦ୍ୟୋଗ ଗ୍ରାମାଞ୍ଚଳ କିମ୍ବା ଛୋଟ ସହରରେ ଅବସ୍ଥିତ । ତେବେ ଭଲ କଥା ହେଲା ଏସବୁ ସାମଗ୍ରୀର ବଜାର ଦେଶର ସହରାଞ୍ଚଳ ଓ ବିଦେଶରେ ଭଲ ।

ଭାରତରେ ବିଭିନ୍ନ ସ୍ଥାନ ଭିନ୍ନ ଭିନ୍ନ ହସ୍ତଶିଳ୍ପ ଓ ବୟନ ସାମଗ୍ରୀ ପାଇଁ ପ୍ରସିଦ୍ଧ । ଉତ୍ତରପ୍ରଦେଶର ମୋରାଦାବାଦ (ପିତ୍ତଳନଗରୀ ଭାବେ ମଧ୍ୟ ପରିଚିତ) ପିତ୍ତଳ ସାମଗ୍ରୀ, ଫିରୋଜାବାଦ କାଚ ସାମଗ୍ରୀ, ରାଜସ୍ଥାନର ଜୟପୁର ରେଜେଇ, ବାଗ୍‌ରୁ ଓ ସଙ୍ଗନେର ବିଭିନ୍ନ ପ୍ରକାର ରଙ୍ଗୀନ ବସ୍ତ୍ର ଓ ଯୋଧପୁର ବିଭିନ୍ନ ସୁନ୍ଦର କାଠ ଓ ସୌଖୀନ ଲୁହାକାମ, ଗୁଜରାଟର କଚ୍ଛ ଅଞ୍ଚଳ ଏମ୍ବ୍ରୋଏଡରୀ ଓ ଆନ୍ଧ୍ରର ନରଶପୁର ହସ୍ତଶିଳ୍ପ ଆଦି ପାଇଁ ଖ୍ୟାତ । ଏହାଛଡ଼ା ଭାରତର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ସୁନ୍ଦର ହସ୍ତଶିଳ୍ପ ଓ ବସ୍ତ୍ର ମଧ୍ୟ ଉତ୍ପାଦିତ ହୋଇଥାଏ ।

ପୂର୍ବରୁ କୁହାଯାଇଛି ଯେ ଦେଶ ବିଦେଶରେ ଭାରତୀୟ ହସ୍ତଶିଳ୍ପ ଓ ବୟନ ସାମଗ୍ରୀର ଚାହିଦା ତଥା ବଜାର ଭଲ । ଅତଏବ ସେହି ଚାହିଦା ପୂରଣ କରିବାକୁ ଉପଯୁକ୍ତ ମାନର ସାମଗ୍ରୀ ଆବଶ୍ୟକତା ଅନୁସାରେ ଉତ୍ପାଦିତ ହେବା ଉଚିତ । ଏଥିପାଇଁ ଅଧିକରୁ ଅଧିକ ବୈଷୟିକ ସହାୟତା ଓ ସାଂସ୍କୃତିକ ଅଭିନବତାର ଆବଶ୍ୟକତା ରହିଛି । ଏହି ଉଦ୍ୟୋଗ ଅନ୍ୟତମ ସର୍ବବୃହତ୍ ଜୀବିକା ଉପାର୍ଜନର କ୍ଷେତ୍ର ହେବା ସହିତ ଦେଶର ରପ୍ତାନୀ ବାଣିଜ୍ୟରେ ଉଲ୍ଲେଖ୍ୟନୀୟ ଭୂମିକା ଗ୍ରହଣ କରୁଥିବାରୁ ଏହାକୁ ଉପେକ୍ଷା କରିହେବ ନାହିଁ । ଏହି ଉଦ୍ୟୋଗ ବିଖଣ୍ଡିତ ହୋଇଥିଲେ ହେଁ ଏଥିରେ ୭୦ଲକ୍ଷରୁ ଅଧିକ କାରିଗର ଏବଂ ୬୭୦୦୦ ରପ୍ତାନୀକାରୀ/କମ୍ପାନୀ ସମ୍ପୃକ୍ତ । ଦେଶର ହସ୍ତଶିଳ୍ପ ରପ୍ତାନୀ ମୂଲ୍ୟ ୨୦୧୮ ଏପ୍ରିଲରୁ ନଭେମ୍ବର ମଧ୍ୟରେ ୨.୪୨ ବିଲିୟନ ଡଲାର ଥିଲା । ଏହି ସମୟ ମଧ୍ୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ପ୍ରତ୍ୟେକ ବିଭାଗ ଯଥା ଶାଳ ଓ କଳାତ୍ମକ ବସ୍ତୁର ରପ୍ତାନୀ ଅଭିବୃଦ୍ଧି ୭୭.୫୦ ଶତାଂଶ ହୋଇଥିବାବେଳେ କାଠ ନିର୍ମିତ ଦ୍ରବ୍ୟ ଓ ଅନ୍ୟାନ୍ୟ ସାମଗ୍ରୀର ଅବିବୃଦ୍ଧି ଯଥାକ୍ରମେ ଥିଲା ୨୩.୫୭ ଓ ୧୯.୪୭ ଶତାଂଶ । ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ବିଶ୍ୱର ବିଭିନ୍ନ ସ୍ଥାନକୁ ରପ୍ତାନୀ ହୋଇଥାଏ; ତେବେ ଅଧିକ ସାମଗ୍ରୀ ଆମେରିକା, ବ୍ରିଟେନ, ସଂଯୁକ୍ତ ଆରବ ଏମିରେଟ୍ସ, ଜର୍ମାନୀ, ଫ୍ରାନ୍ସ, ଇଟାଲୀ, ହଲାଣ୍ଡ, କାନାଡ଼ା, ଅଷ୍ଟ୍ରେଲିଆ ଓ ଲାଟିନ୍ ଆମେରିକୀୟ ଦେଶକୁ ଯାଇଥାଏ ।

ଫେଶନ ଉଦ୍ୟୋଗର ବିକାଶ ଘଟୁଛି ଏବଂ ଏ କ୍ଷେତ୍ରରେ ଭଲ ବଜାର ଚାହିଦା ଥିବାରୁ ନୂଆ ନୂଆ ଖୁଚୁରା ବିକ୍ରୟ କେନ୍ଦ୍ରମାନ ଖୋଲୁଛି । ସେଇଭଳି ରିୟଲ ଇଷ୍ଟେଟ୍ ଯାହା ଏବେ ଏକ ବଡ଼ ସମୃଦ୍ଧ ଉଦ୍ୟୋଗ ପାଲଟିଛି ତାହା ହସ୍ତଶିଳ୍ପ ସାମଗ୍ରୀ କ୍ରୟର



ଏକ ବଡ଼ ବଜାର ପାଲଟିଛି। ଇ-କମର୍ସ ଓ ଇଣ୍ଟରନେଟ୍ ମଧ୍ୟ ଏସବୁ ସାମଗ୍ରୀର ବିକ୍ରିବଟା ତଥା ବ୍ୟବସାୟ ବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ୨୦୨୦-୨୧ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତୀୟ ହସ୍ତଶିଳ୍ପ ସାମଗ୍ରୀର ରପ୍ତାନୀ ପରିମାଣ ୨୪ ହଜାର କୋଟି ଟଙ୍କା ଟପିଯିବ ବୋଲି ଆସୋଚାମ ପକ୍ଷରୁ ହୋଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି। ଏସବୁ ସାମଗ୍ରୀର ବିକ୍ରିବଟା ଓ ପ୍ରୋତ୍ସାହନ ପାଇଁ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶନୀ, ବିକ୍ରୟ ମେଳା ଓ ପ୍ରଚାର ପ୍ରସାର କାର୍ଯ୍ୟକ୍ରମମାନ ନିୟମିତ ଆୟୋଜିତ ହେଉଛି। ବିଭିନ୍ନ ସଂସ୍ଥାଙ୍କ ସହ ଅଂଶୀଦାରୀ ଭିତ୍ତିରେ ସମନ୍ୱିତ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମମାନ ହାତକୁ ନେଇ ଏସବୁ ସାମଗ୍ରୀର ଉତ୍ପାଦନକୁ ପ୍ରୋତ୍ସାହିତ କରାଯିବା ସହ ସଂପୃକ୍ତ କାରିଗର ଓ ବୁଣାକାରଙ୍କ ଦକ୍ଷତା ବିକାଶ, ବୃତ୍ତିଗତ ତାଲିମ ଓ ଅଭିନବତା ବିକାଶ ଉପରେ ଧ୍ୟାନ ଦିଆଯାଉଛି।

**ଭାରତୀୟ ବୟନ ଉଦ୍ୟୋଗ:**

ଭାରତୀୟ ବୟନ ଶିଳ୍ପ ବିଶ୍ୱର ଅନ୍ୟତମ ବିରାଟ ଉଦ୍ୟୋଗ। ଭାରତରେ ଏଥିପାଇଁ ପ୍ରଚୁର କଞ୍ଚାମାଲ ଓ କୁଶଳୀ ଲୋକଶକ୍ତି ରହିଛି। ଭାରତ ବିଶ୍ୱର ସର୍ବାଧିକ କପା ଉତ୍ପାଦନକାରୀ ରାଷ୍ଟ୍ର ଏବଂ ତୁଳା ରପ୍ତାନୀରେ ଭାରତର ସ୍ଥାନ ବିଶ୍ୱରେ ଦ୍ୱିତୀୟ। ଘରୋଇ କାର୍ପାସ ଓ ପୋଷାକ ଉଦ୍ୟୋଗ ଦେଶର ଜିଡିପିକୁ ୨% ଆୟ ଦେଇଥାଏ। ଏହା ମଧ୍ୟ ମୋଟ୍ ଶିଳ୍ପଗତ ଉତ୍ପାଦନର ୧୪ ଭାଗ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଉଦ୍ୟୋଗ ଦେଶର ମୋଟ୍ ରପ୍ତାନୀ ଆୟର ୧୩ ଶତାଂଶ ପ୍ରଦାନ କରୁଥିବାବେଳେ ୨୭% ବୈଦେଶିକ ବିନିମୟ ମୁଦ୍ରା ଆୟ କରୁଛି। ବୟନ ଓ ପୋଷାକ ଉଦ୍ୟୋଗରେ ୪୫ ନିୟୁତ ଲୋକ ନିଯୁକ୍ତ ଯାହା କୃଷି ପରେ ସର୍ବାଧିକ ଲୋକଙ୍କୁ କର୍ମନିଯୁକ୍ତି ଦେଇଥାଏ। ଏହି ଉଦ୍ୟୋଗରେ ଅଧିକ ସଂଖ୍ୟକ ମହିଳା କାମ କରନ୍ତି ଏବଂ ସେମାନଙ୍କ

> ଦେଶରେ ପୋଷାକପତ୍ରର ଚାହିଦା ବଢୁଥିବାରୁ ଭାରତୀୟ ବୟନ ଉଦ୍ୟୋଗର ଭବିଷ୍ୟତ ଭଲ। ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ କମିବା ପରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେଥିରେ ପୋଷାକ ରପ୍ତାନୀକାରୀଙ୍କୁ ଫାଇଦା ମିଳିଛି। ଏହି କ୍ଷେତ୍ରର ବିଶେଷଜ୍ଞ ଓ ବିଶାରଦଙ୍କ ଆକଳନ ଅନୁସାରେ ଉଭୟ ଦେଶୀ ଓ ବିଦେଶୀ ଚାହିଦା ବୃଦ୍ଧି ଏବଂ ଭାରତୀୟ ବୟନ ସାମଗ୍ରୀର ଆଦର ଯୋଗୁଁ ଏହି ଉଦ୍ୟୋଗର ଭବିଷ୍ୟତ ଉତ୍ତମ। ଅତଏବ ଏହି ସୁଯୋଗର ସଦ୍‌ବିନିଯୋଗ କରିବା ପାଇଁ ଯଥେଷ୍ଟ ପୁଞ୍ଜିର ଆବଶ୍ୟକତା ରହିଛି। କାର୍ଯ୍ୟକାରୀ ପୁଞ୍ଜି ଲଗାଇ ଏହି ଉଦ୍ୟୋଗର ମାନ୍ଦାବସ୍ଥାକୁ ଦୂର କରାଯାଇପାରିବ। ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ଭାରତର ସୁବିଧା ସୁଯୋଗ ଓ ସମ୍ଭାବନା କଥା ଉପରେ ଉଲ୍ଲେଖ କରାଯାଇଛି। ଏବେ ସମୟ ଆସିଛି ଏ କ୍ଷେତ୍ରରେ, ବିଶେଷ କରି ବୟନ ଉଦ୍ୟୋଗରେ ଥିବା ପୁରୁଣାକାଳିଆ ଟେକ୍‌ନୋଲୋଜିକୁ ହଟାଇ ଅତ୍ୟାଧୁନିକ ଯନ୍ତ୍ରପାତିର ଉପଯୋଗ କରିବା। ଏହା ଫଳରେ ଭାରତୀୟ ବସ୍ତ୍ରାଦି ବିଶ୍ୱସ୍ତରରେ ଅଧିକ ପ୍ରତିଯୋଗିତା କରିବାକୁ ସଫଳ ହେବ। ଏହା ସହିତ ଏହି କ୍ଷେତ୍ରରେ ଅଭିନବତା, ମୂଲ୍ୟ ସମ୍ବର୍ଦ୍ଧନ ଏବଂ ମାନୋନ୍ନତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଉତ୍ପାଦିତ ସାମଗ୍ରୀ ଯେତେ ସ୍ୱତନ୍ତ୍ର, ସୁନ୍ଦର, ଶସ୍ତା ଏବଂ ପସନ୍ଦ ଯୋଗ୍ୟ ହେବ ତାହାର ଚାହିଦା ସେତେ ବଢ଼ିବ। ଉତ୍ତମ ରଙ୍ଗ ପାଇଁ ନୂତନ ନିପାଣିଆ ଡାଇଙ୍ଗ୍ କୌଶଳକୁ ଆପଣେଇବାକୁ ପଡ଼ିବ।

ସଂଖ୍ୟା ଏ କ୍ଷେତ୍ରର ମୋଟ୍ ଶ୍ରମିକ / କର୍ମଚାରୀ ସଂଖ୍ୟାର ପ୍ରାୟ ୭୦ ଶତାଂଶ। ଏହି ଉଦ୍ୟୋଗ ସହ ସମ୍ପୃକ୍ତ ଉପଉଦ୍ୟୋଗ ଯଥା - ସୂତା ପ୍ରସ୍ତୁତି, ବୁଣେଇ, ପ୍ରକ୍ରିୟାକରଣ, ପୋଷାକ ପ୍ରସ୍ତୁତି ଆଦି ଇତସ୍ତତଃ ଅବସ୍ଥାରେ ରହିଛି ଏବଂ ସେସବୁର ସମନ୍ୱିତ ବିକାଶ ଜରୁରୀ। ଏହା ହେଲେ ଭାରତୀୟ ସାମଗ୍ରୀର ଚାହିଦା ବିଦେଶରେ ଅଧିକ ବଢ଼ିବ। ଯେଉଁସବୁ ଉତ୍ପାଦକଙ୍କର ଦକ୍ଷତା ଓ ସାଧନ କମ୍ ସେମାନଙ୍କୁ ବଢ଼ିବାକୁ ସହାୟତା ଦେଲେ ଉତ୍ପାଦନ ବଢ଼ିବା ସହ ସାମଗ୍ରୀର ମାନ ମଧ୍ୟ ବଢ଼ିବ। ଫଳରେ ବିଦେଶୀ ବଜାରରେ ଭାରତୀୟ ସାମଗ୍ରୀ ମୂଲ୍ୟ ଓ ମାନ ଦୃଷ୍ଟିରୁ ପ୍ରତିଯୋଗିତା କରିବାକୁ ସମର୍ଥ ହେବ। ଝୋଟ ଉତ୍ପାଦନରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନରେ ରହିଛି। ବିଶ୍ୱର ମୋଟ୍ ଅଶୋଧିତ ଝୋଟ ଉତ୍ପାଦନର ୫୦ଭାଗ ଭାରତରେ ହୋଇଥାଏ। ଭାରତ ମଧ୍ୟ ରେଶମ (ସିଲ୍କ) ଉତ୍ପାଦନରେ ବିଶ୍ୱରେ ଦ୍ୱିତୀୟ। ଏହି ଉଦ୍ୟୋଗରେ ଯେତେ ସୂତା କଳ ବା ମିଲ୍ ରହିଛି ତାହାର ସଂଖ୍ୟା ୩୪୦୦। ଏହିସବୁ ମିଲ୍‌ରୁ ସେକେଣ୍ଡ ପିଛା ୫୦ ନିୟୁତ ସ୍ପିଣ୍ଡଲ (ତାକୁଡ଼ି) ଏବଂ ୮୪୨,୦୦୦ ରୋଟାର ସୂତା ବା ପ୍ରଶୋଧିତ ତନ୍ତୁ ଉତ୍ପାଦିତ ହେବାର ସାମର୍ଥ୍ୟ ରହିଛି।

ତୁଳା ଉତ୍ପାଦନ ଓ ରପ୍ତାନୀ କ୍ଷେତ୍ରରେ ଭାରତ ବିଶ୍ୱରେ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ସ୍ଥାନରେ ରହିଛି। ଭାରତ ବାର୍ଷିକ ୬.୩ ବିଲିୟନ ଡଲାର ମୂଲ୍ୟର ତୁଳା ରପ୍ତାନୀ କରି ଚୀନର ପାଖାପାଖି ଅଛି। ୨୦୧୬-୧୭ରେ ଭାରତରେ ମୋଟ୍ ୩୪୫ ଲକ୍ଷ ଗାଣ୍ଠି ତୁଳା ଉତ୍ପାଦିତ ହୋଇଥିଲା। ଦେଶର କାର୍ପାସ ଉଦ୍ୟୋଗରେ ଏବେ ୫୮ଲକ୍ଷ ଚାଷୀ ଓ ୪୦ ରୁ ୫୦ଲକ୍ଷ ଅନ୍ୟାନ୍ୟ ଲୋକ କାର୍ଯ୍ୟ କରୁଛନ୍ତି।

ସିଲ୍କ (ରେଶମ) ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ। ବିଶ୍ୱର ମୋଟ୍ ସିଲ୍କ ଉତ୍ପାଦନର ୧୮ ଭାଗ ଭାରତରେ ହୋଇଥାଏ। ତେବେ ଏହା ଏକ




ଶ୍ରମବହୁଳ ଉଦ୍ୟୋଗ । ଏଥିରେ ଅଧିକ ଶ୍ରମିକଙ୍କ ଆବଶ୍ୟକତା ପଡୁଥିବାରୁ ଏହା ବ୍ୟୟ ବହୁଳ ମଧ୍ୟ । ସିଲ୍କ, ମଲବରୀ, ଏରି, ଟସର ଓ ମୁଗା ଆଦି ପ୍ରଧାନ ସିଲ୍କ ଯାହା ଭାରତରେ ଉତ୍ପାଦିତ ହୋଇଥାଏ । ଭାରତରେ କାର୍ପାସ ଓ ବୟନ ଶିଳ୍ପର ଉଦ୍ୟୋଗ କେଉଁ ଆଦିମ କାଳରୁ ଆରମ୍ଭ ହୋଇ ଯୁଗ ପରେ ଯୁଗ ସମୟ ସହ ତାଳଦେଇ ଆଗେଇ ଚାଲିଛି । ଏହା ଆମ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଜୀବନ ଜୀବିକାର ଏକ ଅଂଶ ପାଲଟି ଯାଇଛି ।

ମାର୍କ୍ସ ଆଣ୍ଡ୍ ସ୍ପେନ୍ସର, ଜେସି ପେନ୍ନୀ ଓ ଗ୍ୟାପ୍ ଭଳି ପ୍ରଖ୍ୟାତ ଆନ୍ତର୍ଜାତିକ ବ୍ରାଣ୍ଡର ପୋଷାକ ନିର୍ମାଣକାରୀ କମ୍ପାନୀ ଭାରତରୁ ସେମାନଙ୍କ ଆବଶ୍ୟକ କପଡ଼ାରୁ ସର୍ବାଧିକ କିଣିଥାନ୍ତି । ଭାରତ ଯେତେ କପା ସୂତା ବିଦେଶକୁ ପଠାଏ ତାହା ମୋଟ୍ କାର୍ପାସ ସାମଗ୍ରୀ ରପ୍ତାନୀର ୭୦ଭାଗ । ଏହାଛଡ଼ା ଭାରତ ଯେଉଁ ସିଲେଇ ପୋଷାକ ରପ୍ତାନୀ କରେ ତାହା ମୋଟ୍ ପୋଷାକ ରପ୍ତାନୀର ପ୍ରାୟ ୩୨ ଭାଗ । ଭାରତୀୟ ବୟନ ଉଦ୍ୟୋଗ ଆନ୍ତର୍ଜାତିକ ବୟନ ବଜାରର ୬୧ଶତାଂଶ ସ୍ଥାନ ହାସଲ କରିଥିବାବେଳେ ବିଶ୍ୱ ପୋଷାକ ବଜାରର ପ୍ରାୟ ୨୦ ଶତାଂଶ ଦଖଲ କରିଛି ।

ଦେଶରେ ପୋଷାକପତ୍ରର ଚାହିଦା ବଢୁଥିବାରୁ ଭାରତୀୟ ବୟନ ଉଦ୍ୟୋଗର ଭବିଷ୍ୟତ ଭଲ । ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ କମିବା ପରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି ସେଥିରେ ପୋଷାକ ରପ୍ତାନୀକାରୀଙ୍କୁ ଫାଇଦା ମିଳିଛି । ଏହି କ୍ଷେତ୍ରର ବିଶେଷଜ୍ଞ ଓ ବିଶାରଦଙ୍କ ଆକଳନ ଅନୁସାରେ ଉଭୟ ଦେଶୀ ଓ ବିଦେଶୀ ଚାହିଦା ବୃଦ୍ଧି ଏବଂ ଭାରତୀୟ ବୟନ ସାମଗ୍ରୀର ଆଦର ଯୋଗୁଁ ଏହି ଉଦ୍ୟୋଗର ଭବିଷ୍ୟତ ଉତ୍ତମ । ଅତଏବ ଏହି ସୁଯୋଗର ସଦ୍‌ବିନିଯୋଗ କରିବା ପାଇଁ ଯଥେଷ୍ଟ ପୁଞ୍ଜିର ଆବଶ୍ୟକତା ରହିଛି । କାର୍ଯ୍ୟକାରୀ ପୁଞ୍ଜି ଲଗାଇ ଏହି ଉଦ୍ୟୋଗର ମାନ୍ଦାବସ୍ଥାକୁ ଦୂର କରାଯାଇପାରିବ । ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ଭାରତର ସୁବିଧା ସୁଯୋଗ ଓ ସମ୍ଭାବନା କଥା ଉପରେ ଉଲ୍ଲେଖ କରାଯାଇଛି । ଏବେ ସମୟ ଆସିଛି ଏ କ୍ଷେତ୍ରରେ, ବିଶେଷ କରି ବୟନ ଉଦ୍ୟୋଗରେ ଥିବା ପୁରୁଣାକାଳିଆ ଟେକ୍‌ନୋଲୋଜିକୁ ହଟାଇ ଅତ୍ୟାଧୁନିକ ଯନ୍ତ୍ରପାତିର ଉପଯୋଗ କରିବା । ଏହା ଫଳରେ ଭାରତୀୟ ବସ୍ତ୍ରାଦି ବିଶ୍ୱସ୍ତରରେ ଅଧିକ ପ୍ରତିଯୋଗିତା କରିବାକୁ ସଫଳ ହେବ । ଏହା ସହିତ ଏହି କ୍ଷେତ୍ରରେ ଅଭିନବତା, ମୂଲ୍ୟ ସମ୍ବର୍ଦ୍ଧନ ଏବଂ ମାନୋନ୍ନତି ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଉତ୍ପାଦିତ ସାମଗ୍ରୀ ଯେତେ ସ୍ୱତନ୍ତ୍ର, ସୁନ୍ଦର, ଶସ୍ତା ଏବଂ ପସନ୍ଦ ଯୋଗ୍ୟ ହେବ ତାହାର ଚାହିଦା ସେତେ

ବଢ଼ିବ। ଉତ୍ତମ ରଙ୍ଗ ପାଇଁ ନୂତନ ନିପାଣିଆ ଡାଇଙ୍ଗ୍ କୌଶଳକୁ ଆପଣେଇବାକୁ ପଡ଼ିବ।

ଏହି ଉଦ୍ୟୋଗର ଉନ୍ନତି ପାଇଁ ଯୋଗାଣ ଶୃଙ୍ଖଳାରେ ଉନ୍ନତି, ଗବେଷଣା ଓ ଉନ୍ନୟନ ଉପରେ ଧ୍ୟାନ, ଖର୍ଚ୍ଚ ଅନୁସାରେ ଉତ୍ତମ ଉତ୍ପାଦନ, ରପ୍ତାନୀ ବୃଦ୍ଧି, ମାନରେ ଉନ୍ନତି ଆଦି ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହି ସବୁ ସାମଗ୍ରୀର ରପ୍ତାନୀ ବଜାରକୁ ସୁରକ୍ଷିତ ତଥା ସଂପ୍ରସାରିତ କରିବା ପାଇଁ ଉତ୍ପାଦିତ ଦ୍ରବ୍ୟର ମାନ ଓ ମୂଲ୍ୟ ଉପରେ ଦୃଷ୍ଟି ଦେବାକୁ ହେବ; କାରଣ ଉତ୍ତମମାନର ସାମଗ୍ରୀ ଯଦି ଅନ୍ୟ ଦେଶର ସାମଗ୍ରୀଠାରୁ କମ୍ ମୂଲ୍ୟରେ ବିଦେଶରେ ଉପଲବ୍ଧ ହେବ ତେବେ ରପ୍ତାନୀ ବାଣିଜ୍ୟ ବଢ଼ିବ। ଏ କ୍ଷେତ୍ରରେ ଭାରତୀୟ ସାମଗ୍ରୀ ବାଂଲାଦେଶ ଓ ଭିଏତନାମ ସାମଗ୍ରୀ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛି। ସେ ଦୁଇ ଦେଶର ସାମଗ୍ରୀ ଭାରତୀୟ ସାମଗ୍ରୀଠାରୁ କମ୍ ଦାମ୍‌ରେ ବିକ୍ରି ହେଉଛି। ଆୟସ୍ତର ବୃଦ୍ଧି ସହ ଖୁଚୁରା ବଜାରର ଅଭିବୃଦ୍ଧି ବୟନ ଉଦ୍ୟୋଗ ପାଇଁ ଉତ୍ତମ ସମ୍ଭାବନା ସୃଷ୍ଟି କରିଛି। ଦେଶ ଭିତରର ଖାଉଟି ବଜାର ସହ ବିଦେଶୀ ବଜାରରେ ଏସବୁ ସାମଗ୍ରୀର ବେପାର ବୃଦ୍ଧି ପାଇଁ ଅପାର ସୁଯୋଗ ସୃଷ୍ଟି ହୋଇଛି।

ବିଶ୍ୱର ବଡ଼ ବଡ଼ ବ୍ୟବସାୟୀ ଓ କମ୍ପାନୀ ଏବେ ଭାରତ ଉପରେ ଦୃଷ୍ଟି ନିବଦ୍ଧ କରିଛନ୍ତି। ଏହା ପଛରେ ଯଥାର୍ଥତା ମଧ୍ୟ ରହିଛି। ଆନ୍ତର୍ଜାତିକ ସ୍ତରର କେତେକ ପୋଷାକ ନିର୍ମାଣକାରୀ ସଂସ୍ଥା ଇତିମଧ୍ୟରେ ଭାରତରେ ପୁଞ୍ଜି ନିବେଶ କରିସାରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ବିଦେଶର ଟେକ୍ସଟାଇଲ ମେସିନାରୀ ନିର୍ମାତା ରାଏଟର ଓ ଟ୍ରଜସେଲର, ଜାରା, ମ୍ୟାଙ୍ଗୋ, ପ୍ରୋମୋ, ବେଜଟନ୍, ଏସ୍‌ପ୍ରାଇଟ୍, ଲେଭିସ୍ ଓ ଫଁରଏଭର -୨୧୧। ଶସ୍ତା କଞ୍ଚାମାଲ ଓ ସ୍ୱଳ୍ପ ମଜୁରିରେ ମିଳୁଥିବା ବୁଣାକାର, ଶ୍ରମିକଙ୍କ ପାଇଁ ଭାରତରେ ବସ୍ତ୍ର ଓ କପଡ଼ା ଉତ୍ପାଦନ ବ୍ୟୟ ବହୁଳ ହେଉନାହିଁ। ଏହାଛଡ଼ା ଭାରତ ଭିତରେ ମଧ୍ୟ ବସ୍ତ୍ର ଓ ପୋଷାକପତ୍ର ପାଇଁ ଏକ ବିରାଟ ବଜାର ମିଳୁଥିବାରୁ ବିଦେଶୀ କମ୍ପାନୀ ଓ ପୁଞ୍ଜିପତିମାନେ ଏଠାରେ ପୁଞ୍ଜି ଖଟାଇବାକୁ ଆଗ୍ରହୀ ହେଉଛନ୍ତି। ଏହା ଭାରତୀୟ ବୁଣାକାର ଓ କାରୀଗରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବା ସହ ରୋଜଗାରର ଉତ୍ସ ମଧ୍ୟ ଯୋଗାଇଛି।

ବ୍ରିଟିଶ ଶାସନ କାଳରେ ଅରଟରେ କଟାଯାଇଥିବା ସୂତାରେ ପ୍ରସ୍ତୁତ ଖଦୀ ବସ୍ତ୍ର ଗାନ୍ଧିଜୀ ବ୍ୟବହାର କରୁଥିଲେ। ଏହା ଆତ୍ମନିର୍ଭରଶୀଳତାର ପ୍ରତୀକ ଥିଲା। ଏହା ବୟନ ଉଦ୍ୟୋଗ କ୍ଷେତ୍ରର ଚମତ୍କାରୀ ଶିଳ୍ପନୈପୁଣ୍ୟ, ଆମ ଅସ୍ମିତା ଓ ଆତ୍ମନିର୍ଭରଶୀଳତାର ବିଚାର ଆଲୋଚନା କରିବାକୁ ଉପଯୁକ୍ତ ପ୍ରସଙ୍ଗ ଉତ୍ଥାପିତ କରୁଛି। ଭାରତର ହାତତିଆରି ବସ୍ତ୍ର ଆଜିର ଅତି ଅସ୍ଥିର ଓ ଦ୍ରୁତ ପରିବର୍ତ୍ତନଶୀଳ ସମୟରେ କିପରି ଏକ ଆତ୍ମ ଆଲୋଡ଼ନକାରୀ ସଂଦର୍ଭ ହୋଇପାରେ ତାହାର ସାର୍ବଜନୀନ କାହାଣୀ ବର୍ଣ୍ଣନା କରୁଛି। ଅତଏବ ଏହି ଉଦ୍ୟୋଗର ନିରନ୍ତର ବିକାଶ ଓ ସମୃଦ୍ଧି ପାଇଁ ସବୁ ସଂପୃକ୍ତ ପକ୍ଷ ନିଜ ନିଜର ଦାୟିତ୍ୱ ଉଚିତ ଭାବେ ନିର୍ବାହ କରିବାର ସମୟ ଆସିଛି।

ବିଶ୍ୱର ମୋଟ୍ ଶିଳ୍ପଜାତ ପଦାର୍ଥ ମଧ୍ୟରୁ ୯୫ଭାଗ କ୍ଷୁଦ୍ର ଜାଗା ବା ୱାର୍କସପ୍‌ରେ ଉତ୍ପାଦିତ ହୋଇଥାଏ। ପ୍ରତ୍ୟେକ ୱାର୍କସପ୍‌ରେ ୧୦୦ରୁ କମ୍ ଲୋକ କାମ କରନ୍ତି। ଉଦାହରଣ ସ୍ୱରୂପ ଜାପାନ ଭଳି ଏକ ଉନ୍ନତ ଦେଶରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗରେ ୮୪ ଶତାଂଶ ସାମଗ୍ରୀ ଉତ୍ପାଦିତ ହୁଏ। ଆମେ ଏହି ପରିପ୍ରେକ୍ଷୀରେ ଭାରତୀୟ ହସ୍ତଶିଳ୍ପ ଉଦ୍ୟୋଗକୁ ଦେଖିଲେ ଏହା ଏକ ଭିନ୍ନ ଚିତ୍ର ଦିଏ। ଭାରତରେ ଏହି ଉଦ୍ୟୋଗ ଶ୍ରମିକବହୁଳ, କୁଟୀରଭିତ୍ତିକ ଏବଂ ବିକେନ୍ଦ୍ରୀତ। ଅଧିକାଂଶ ଉଦ୍ୟୋଗ ଗ୍ରାମାଞ୍ଚଳ କିମ୍ବା ଛୋଟ ସହରରେ ଅବସ୍ଥିତ। ତେବେ ଭଲ କଥା ହେଲା ଏସବୁ ସାମଗ୍ରୀର ବଜାର ଦେଶର ସହରାଞ୍ଚଳ ଓ ବିଦେଶରେ ଭଲ। ଭାରତରେ ବିଭିନ୍ନ ସ୍ଥାନ ଭିନ୍ନ ଭିନ୍ନ ହସ୍ତଶିଳ୍ପ ଓ ବୟନ ସାମଗ୍ରୀ ପାଇଁ ପ୍ରସିଦ୍ଧ। ଉତ୍ତରପ୍ରଦେଶର ମୋରାଦାବାଦ (ପିତ୍ତଳନଗରୀ ଭାବେ ମଧ୍ୟ ପରିଚିତ) ପିତ୍ତଳ ସାମଗ୍ରୀ, ଫିରୋଜାବାଦ କାଚ ସାମଗ୍ରୀ, ରାଜସ୍ଥାନର ଜୟପୁର ରେଜେଇ, ବାଗ୍‌ରୁ ଓ ସଙ୍ଗନେର ବିଭିନ୍ନ ପ୍ରକାର ରଙ୍ଗୀନ ବସ୍ତ୍ର ଓ ଯୋଧପୁର ବିଭିନ୍ନ ସୁନ୍ଦର କାଠ ଓ ସୌଖୀନ ଲୁହାକାମ, ଗୁଜରାଟର କଚ୍ଛ ଅଞ୍ଚଳ ଏମ୍ବ୍ରୋଏଡରୀ ଓ ଆନ୍ଧ୍ରର ନରଶପୁର ହସ୍ତଶିଳ୍ପ ଆଦି ପାଇଁ ଖ୍ୟାତ। ଏହାଛଡ଼ା ଭାରତର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରକାରର ସୁନ୍ଦର ହସ୍ତଶିଳ୍ପ ଓ ବସ୍ତ୍ର ମଧ୍ୟ ଉତ୍ପାଦିତ ହୋଇଥାଏ।

**ଲେଖକ ହେଉଛନ୍ତି ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରିଜ୍‌ର ପ୍ରମୁଖ ନିର୍ଦ୍ଦେଶକ।**
**Email ID: ranjeetmehta@gmail.com**

ବିଶେଷ ପ୍ରସଙ୍ଗ

# ମହିଳା, କୌଶଳ ଓ ଆଶାର ତନ୍ତ

ସୈଦା ହମିଦ୍

ମୁଁ ଭାରତର ଯୋଜନା ଆୟୋଗରେ ଦଶବର୍ଷ କାଳ କାର୍ଯ୍ୟ କରିବା ସମୟରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଉଦ୍ୟୋଗ କଥା ବୁଝୁଥିଲି। ସେଇ ସମୟର ଦୁଇଟି ଘଟଣା ବେଶ୍ ଉଲ୍ଲେଖଯୋଗ୍ୟ। ସେଇ ଅନୁଭୂତି ଏହି ଉଦ୍ୟୋଗ ସହ ମୋର ଜୀବନବ୍ୟାପୀ ସମ୍ପର୍କକୁ ନିର୍ଦ୍ଧାରିତ କରିଦେଇଛି।

ପ୍ରଥମ ଘଟଣାଟି ଜଣେ ମହିଳାଙ୍କ ସଫଳ କାହାଣୀ ସମ୍ପର୍କରେ। ସେଇ ମହିଳା ଏକ ବଡ଼ ସ୍ୱପ୍ନ ଦେଖିବା ସହ ହଜାର ହଜାର ମହିଳା ଓ ପୁରୁଷଙ୍କୁ ଜୀବିକା ଯୋଗାଇବାରେ ସଫଳ ହୋଇଥିଲେ। ତାଙ୍କ ନାଁ ଅହଲ୍ୟା ବାଈ। ମହାରାଷ୍ଟ୍ରର ବିଦ୍ ଜିଲ୍ଲାର ଜଣେ ସରଳା ବାଳିକା ଅହଲ୍ୟାଙ୍କୁ ହୋଲକାର ଶାସକ ମହାରାଜା ମହ୍ଲାର ରାଓ ଆବିଷ୍କାର କରିଥିଲେ ଏକ ତୀଜ୍ ଉତ୍ସବରେ।



ରାଜା ଏକଦା ଭ୍ରମଣରେ ଥିବାବେଳେ ସେଇ ତୀଜ୍ ଉତ୍ସବରେ ପହଞ୍ଚିଥିଲେ। ଏହି ବାଳିକାଙ୍କଠାରେ ମହାରାଜା କ'ଣ ଦେଖିଲେ କେଜାଣି ସେଥିରେ ସେ ମୁଗ୍ଧ ହୋଇ ତାଙ୍କୁ ତାଙ୍କ ଯୁବକ ପୁତ୍ର ଖୋଣ୍ଡେ ରାଓଙ୍କ ଭାବି ପତ୍ନୀଭାବେ ମନୋନୀତ କଲେ। ଅହଲ୍ୟା ୧୭୫୩ରେ ଜଣେ ବାଳିକା ବଧୂ ଭାବେ ହୋଲକାର ରାଜ୍ୟର ରାଜଧାନୀ ମହେଶ୍ୱରକୁ ଆସିଲେ। କିଛି ବର୍ଷ ପରେ ଖୋଣ୍ଡେ ରାଓଙ୍କର ଅକସ୍ମାତ୍ ମୃତ୍ୟୁ ଘଟିଲା। ଯୁବତୀ ଅହଲ୍ୟାଙ୍କୁ ତତ୍‌କାଳୀନ ସାମାଜିକ ରୀତିନୀତି ଅନୁସାରେ ସ୍ୱାମୀଙ୍କ ଚିତାରେ ଝାସ ଦେଇ ସତୀ ହେବାକୁ ଥିଲା। ସେ ଚିତାରେ ଝାସ ଦେବାକୁ ଉଦ୍ୟମ କରିବା ସମୟରେ ତାଙ୍କ ଶ୍ୱଶୁର ମହାରାଜା ମହ୍ଲାର ରାଓ ତାଙ୍କୁ ସେଥିରୁ ନିବୃତ୍ତ କଲେ। ମହାରାଜ



କହିଲେ, "ମା' ତୁମକୁ ବଞ୍ଚିବାକୁ ପଡ଼ିବ। ଆମ ରାଜ୍ୟ ମହେଶ୍ୱର ଓ ଆମ ରାଜସିଂହାସନର ଉତ୍ତରାଧିକାରୀ ତୁମକୁ ଲୋଡୁଛି।" ସ୍ୱାମୀ ହରା ଅହଲ୍ୟା ଏହାପରେ ଅହଲ୍ୟାବାଇ ହୋଲକାର ଭାବେ ତାଙ୍କ ନାବାଳକ ସନ୍ତାନର ପ୍ରତିନିଧି ଭାବେ ୧୭୬୫ ରୁ ୧୭୯୫ ପର୍ଯ୍ୟନ୍ତ ମହେଶ୍ୱରର ଶାସନ ଭାର ସମ୍ଭାଳି ଥିଲେ।

ପରବର୍ତ୍ତୀ ସମୟରେ ସେ ନିଜର ପ୍ରଜାଙ୍କର ଦୈନନ୍ଦିନ ଜୀବନ ସମ୍ପର୍କରେ ବୁଝି ସେମାନଙ୍କର ଅନ୍ତରଙ୍ଗ ହେବାକୁ ଚେଷ୍ଟା କଲେ। ପ୍ରତିଦିନ ସକାଳର ପ୍ରାର୍ଥନା ପରେ ଅହଲ୍ୟା ବାଈ ନିଜ ଦୁର୍ଗର ପ୍ରାଚୀର ଉପରେ ବସି ନିଜ ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶା ଓ ଆପତ୍ତି ଅଭିଯୋଗ ଶୁଣୁଥିଲେ। ସେ ପ୍ରଜାଙ୍କ କଥା ଯେତେ ଶୁଣୁଥିଲେ ସେମାନଙ୍କ କଲ୍ୟାଣ ପାଇଁ ଅଧିକରୁ ଅଧିକ କାମ କରୁଥିଲେ। ସବୁ ପ୍ରଜା ଯେପରି ସୁଖ ଶାନ୍ତିରେ ରହିବେ ସେଥିପାଇଁ ସେ ଆବଶ୍ୟକ ପଦକ୍ଷେପ ନେଉଥିଲେ। ଲୋକଙ୍କୁ ସାମୟିକ ସହାୟତା ବା ରୋଜଗାର ଦେବା ପରିବର୍ତ୍ତେ ବର୍ଷ ସାରା ଆୟପନ୍ଥା ଯୋଗାଇ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆଣିବାକୁ ସେ ଚିନ୍ତା କଲେ। ମହେଶ୍ୱରଠାରୁ ଏକ ଶହ କୋଶ ଦୂରରେ ବୁରହାନପୁର ନାମକ ଏକ ସହର ଥିବା କଥା ସେ ଜାଣିବାକୁ ପାଇଲେ ଯେଉଁଠି ହସ୍ତତନ୍ତ ଓ ବୟନ ଶିଳ୍ପର ଉଚ୍ଚ ପରମ୍ପରା ଥିଲା। ଅହଲ୍ୟା ବାଈ ସେଠାରୁ ଓ ପାଖରେ ଥିବା ଆଉ ଏକ ସ୍ଥାନ ମାଣ୍ଡୁରୁ କୁଶଳୀ ବୁଣାକାରମାନଙ୍କୁ ସେମାନଙ୍କ ତନ୍ତ ସହ ନିଜ ରାଜ୍ୟକୁ ଆଣିଲେ। ରାଜଧାନୀ ମହେଶ୍ୱରର ଲୋକଙ୍କୁ ଲୁଗା ବୁଣା ସମ୍ପର୍କରେ ତାଲିମ ଓ ପ୍ରଶିକ୍ଷଣ ଦେବାକୁ ସେ ସେହି ବୁଣାକାରମାନଙ୍କୁ ନିଯୋଜିତ କଲେ। ପୁରୁଷ ଓ ମହିଳା ନିର୍ବିଶେଷରେ ଆଗ୍ରହୀ ଲୋକମାନେ ଅତି ସହଳ ବୁଣେଇ କାମ ଶିଖିଗଲେ। ତେବେ ସେମାନେ କେବଳ ଲୁଗା ବୁଣିବାର କୌଶଳ ଶିଖିଲେ ନାହିଁ; ଏଥିରେ କିଛି ଅନୁପମ, ଅଦ୍ୱିତୀୟ କଳା ନୈପୁଣ୍ୟ ହାସଲ କରିବାକୁ ଆଗ୍ରହୀ ହେଲେ। ମହେଶ୍ୱର ଓ ତତ୍‌ସଂଲଗ୍ନ ଅଞ୍ଚଳରେ ଯେଉଁ ଉତ୍କୃଷ୍ଟ ବୟନ କଳା ଓ ହସ୍ତତନ୍ତ ପରମ୍ପରା ଗଢ଼ି ଉଠିବ ଓ ତାହା ସେହି ବୁଣାକାରମାନଙ୍କର ଚମତ୍କାରିତା ଓ ସୁନାମ ବା ୟୁଏସ୍‌ପି ହୋଇ ସେମାନେ ବୟନ ଶୈଳୀର ଏକ ସ୍ୱତନ୍ତ୍ର ଛାପ ରଖିବ ସେ ବିଷୟରେ ମହାରାଣୀ ଚିନ୍ତା କରିବାକୁ ଲାଗିଲେ। ମହେଶ୍ୱର ନର୍ମଦା ନଦୀକୂଳରେ ଅବସ୍ଥିତ ଏକ ନଗରୀ। ରାଜପ୍ରାସାଦର ପାଦ ଦେଶରେ ବହିଯାଉଥିବା ନର୍ମଦାର ସ୍ୱଚ୍ଛ ନୀଳ ଜଳ ରାଶିକୁ ସେ ନିବିଡ଼ ଭାବେ ନିରୀକ୍ଷଣ କରୁଥିଲେ। ନର୍ମଦା ଜଳ ରାଶିର ଅସଂଖ୍ୟ ଢେଉ ବିଭିନ୍ନ ଶୈଳୀ ଓ ଆକୃତି ସୃଷ୍ଟି କରୁଥିଲା। ସେଥିରୁ ସେ ବୟନର ନକ୍ସା (ଡିଜାଇନ୍)ର ପରିକଳ୍ପନା ପାଇଲେ। ରେୱା ନାମରେ ପରିଚିତ ନର୍ମଦା ତାହାର ଉର୍ବର ଉପତ୍ୟକା ଲୋକଙ୍କୁ ଦାନା ଦେଉଥିବାରୁ 'ମା' ଭାବେ ସମ୍ବୋଧିତ ହୋଇଥାଏ। ରେୱାରୁ ନିଜର ଗଭୀର ବିଶ୍ୱାସ ମାଧ୍ୟମରେ ସେ ପ୍ରେରଣା ପାଇଲେ। ନର୍ମଦା ଢେଉର ବିଭିନ୍ନ ଆକାର ଓ ଭାବରୁ ଅହଲ୍ୟା ବାଈ ବିଭିନ୍ନ ପ୍ରକାର ବୁଣେଇର ଡିଜାଇନ ପାଇଲେ।

ଏପରି ଭାବେ ଅହଲ୍ୟା ବାଈ ୧୭୬୫ରେ ନିଜ ରାଜ୍ୟରେ ହସ୍ତତନ୍ତ ବୟନର ଅୟମାରମ୍ଭ କରିଥିଲେ। ଏହା ତାଙ୍କ ରାଜଧାନୀର ବୁଣାକାରମାନଙ୍କୁ ବର୍ଷସାରା ନିରନ୍ତର ଜୀବିକା ପ୍ରଦାନ କରିବାରେ ସହାୟକ ହୋଇଥିଲା। ଏହି ବୁଣାକାରମାନଙ୍କୁ ମାଣ୍ଡୁ ଓ ବରହନ୍‌ପୁର ବୁଣାକାରମାନେ ଦିନରାତି ତାଲିମ ପ୍ରଦାନ କରୁଥିଲେ। ତାଙ୍କର ଦୂର- ଦୃଷ୍ଟି ମହେଶ୍ୱରର ବିଭିନ୍ନ ସ୍ଥାନ - ନର୍ମଦାର ଘାଟ, ମନ୍ଦିର, ରାଜପ୍ରାସାଦ, ପ୍ରସ୍ତର ଖୋଦେଇ ଶିଳ୍ପ ସବୁଠି ପ୍ରତିଫଳିତ ହେବା ସହ ହଜାର ହଜାର



ବୁଣାକାରଙ୍କ ପାଇଁ ଡିଜାଇନର ମାର୍ଗଦର୍ଶକ ହେଲା। ଆଜିକାର ପ୍ରସିଦ୍ଧ ମହେଶ୍ୱରୀ ଶାଢ଼ି ତାହାର ଏକ ସଫଳ ନିଦର୍ଶନ। ମହେଶ୍ୱରର ପ୍ରାସାଦ ଓ ମନ୍ଦିର ସମୂହରେ ମୂଲ୍ୟବାନ ପ୍ରସ୍ତର ବା ସୁନାପତି କାମର ଚମକ କମ୍ ଦେଖିବାକୁ ମିଳେ। ମାତ୍ର ଏହି ସହରର ଅନୁପମ ବୟନ କଳା ଓ ଶୈଳୀ ଏହାର ସୁନ୍ଦର ସ୍ଥାପତ୍ୟର ନିଖୁଣ ନିଦର୍ଶନ କରି ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ଚମତ୍କୃତ କଳା ମଧ୍ୟ ଏବେ ଜଣେ ପ୍ରଜାବତ୍ସଳା ରାଣୀଙ୍କର ସୁନ୍ଦର କାହାଣୀ ବର୍ଣ୍ଣନା କରେ ଯିଏ ନିଜ ପ୍ରଜାଙ୍କ ପାଇଁ ରୋଜିରୋଟିର ସ୍ଥାୟୀ ବନ୍ଦୋବସ୍ତ କରିଥିଲେ। ଏବେ ୨୫୦ବର୍ଷ ପରେ ଏହିସବୁ ଡିଜାଇନ୍ ମହେଶ୍ୱର ନଗରବାସୀଙ୍କ ରୋଜଗାରକୁ ନିଶ୍ଚିତ ରଖିଛି ଏବଂ ସେମାନେ ରାତିରେ ଉପାସ ପେଟରେ ବିଛଣାକୁ ଯାଉନାହାନ୍ତି। ଏହି କାହାଣୀ ମୋତେ ପ୍ରଚଣ୍ଡ ଗ୍ରୀଷ୍ମର ଏକ ଦିବସରେ ମଧ୍ୟପ୍ରଦେଶର ସେଇ ସହରକୁ ଆକର୍ଷିତ କରିଥିଲା। ସେତେବେଳେ ଦିନର ସର୍ବୋଚ୍ଚ ତାପମାତ୍ରା ଥିଲା ୪୫ ଡିଗ୍ରୀ ସେଲସିୟସ୍। ଦେଶର ୬୫ଲକ୍ଷ ବୁଣାକାରଙ୍କୁ ଏହି ସହର 'ଆଶା'ର ଏକ ନମୁନା (ଟେମ୍ପଲେଟ୍) ଦେଇଛି।

ନର୍ମଦା ଘାଟର ଉପରକୁ ଅହଲ୍ୟା ବାଈଙ୍କ ପ୍ରାସାଦ ନିକଟରେ ନିର୍ମିତ ହୋଇଛି ରେୱା କେନ୍ଦ୍ର। ଏହାର ଅବସ୍ଥିତି ବେଶ୍ ପ୍ରତୀକାତ୍ମକ ମଧ୍ୟ। ଏହିଠାରୁ ହସ୍ତତନ୍ତ ବୟନ ମହେଶ୍ୱରର ଅଗଣାକୁ ପ୍ରବେଶ କରିଛି।

ସେଠାରେ ମୁଁ ଭେଟିଥିବା ବୁଣାକାରମାନଙ୍କ ମଧ୍ୟରେ ପ୍ରଚୁର ଶକ୍ତି ଓ ନୂଆ ବିଚାର ପୂରି ରହିଥିବା ଲକ୍ଷ୍ୟ କଲି। ନିଜର ଦକ୍ଷତା ଓ କୁଶଳତା ଦ୍ୱାରା ରୋଜଗାର କରି ଭଲରେ ଚଳୁଥିବାରୁ ସେମାନେ ଗର୍ବିତ ଥିଲେ। ଏହି ବୁଣାକାରମାନଙ୍କ ମଧ୍ୟରୁ କେତେକ ନିଜେ ନିଜର କାମ କରୁଥିବାବେଳେ ଆଉ କେତେକ ଓସ୍ତାଦ୍ (ମାଷ୍ଟର) ବୁଣାକାରଙ୍କ ପାଖରେ କାମ କରୁଥିଲେ। ପ୍ରାୟ ସମସ୍ତେ ନିଜ ନିଜର ଡିଜାଇନ୍ ପ୍ରସ୍ତୁତ କରୁଥିଲେ। ସେମାନେ ଆମକୁ ସେମାନଙ୍କର ସଫଳତାର କାହାଣୀ କହିଥିଲେ। ତିନି ଦଶନ୍ଧି ପୂର୍ବରୁ ମହେଶ୍ୱରରେ ୨୫ରୁ କମ୍ ତନ୍ତ ଥିଲା। ବୁଣାକାରମାନେ କାମ ସନ୍ଧାନରେ ଅନ୍ୟତ୍ର ଚାଲିଯିବାକୁ ଆରମ୍ଭ କରିଥିଲେ। ୧୯୭୯ରେ ରାଜ ପରିବାରର ଉତ୍ତରାଧିକାରୀ ରିଚାର୍ଡ ହୋଲକାର ମହେଶ୍ୱରର ମୁମୂର୍ଷୁ ବୟନ ଉଦ୍ୟୋଗରେ ପ୍ରାଣ ସଞ୍ଚାର କରିବା ପାଇଁ ରେୱା ସୋସାଇଟି ଗଠନ କରିଥିଲେ। ସେ ଦେଶର ବିଭିନ୍ନ ସ୍ଥାନ ଗସ୍ତ କରି ମହେଶ୍ୱରର ଉତ୍କୃଷ୍ଟ ବୟନ କଳାର ନମୁନା ମାନ ପ୍ରଦର୍ଶନ କରିବା ସହ ବେଶ୍ କିଛି ପ୍ରଦର୍ଶନୀ ଆୟୋଜିତ କରିଥିଲେ। ଏହା ମହେଶ୍ୱର ବୟନ ଉଦ୍ୟୋଗ ଓ ବସ୍ତ୍ରର ଏକ ବ୍ରାଣ୍ଡନେମ୍ ସୃଷ୍ଟି କରିବାରେ ସହାୟକ ହେଲା। ହୋଲକାର ପାରମ୍ପରିକ ଡିଜାଇନ ରଖିଲେ କିନ୍ତୁ ବସ୍ତ୍ରରେ ନୂଆ ରଙ୍ଗ ବ୍ୟବହାର କରିବା ସହ ନଉୱାରୀ (୯ ୟାଡ୍ ଲମ୍ବ) ଶାଢ଼ିକୁ କମାଇ ଛ'ୟାଡ୍ ବିଶିଷ୍ଟ କରିଥିଲେ। ଏହା ଫଳରେ କ୍ରେତାଙ୍କ ଆଗ୍ରହ ବଢ଼ିଲା ଏବଂ ବହୁ ପରିମାଣର ବରାଦ ମିଳିଲା। ଏବେ ମହେଶ୍ୱରରେ ୧୭୫୦

ତନ୍ତ (ଲୁମ୍) କାର୍ଯ୍ୟକରୁଛି। ସେଥିରେ ଦୋପଟ୍ଟା ସମେତ ବିଭିନ୍ନ ପ୍ରକାର ପୋଷାକପତ୍ର ପ୍ରସ୍ତୁତ ହେଉଛି। କିଛି ବୁଣାକାର ଆମକୁ ବେଶ୍ ଆତ୍ମବିଶ୍ୱାସ ଓ ଗର୍ବର ସହ କହିଥିଲେ, "ଆମ ସହର ଦେଶର ଏକମାତ୍ର ସ୍ଥାନ ଯେଉଁଠି ନୂଆ ତନ୍ତ ସ୍ଥାପନ କରାଗଲେ ଲାଭଜନକ ଭାବେ ଚାଲିପାରିବ। ଏହି ଉଦ୍ୟୋଗକୁ ନୂଆ କରି ଆସୁଥିବା ଲୋକଙ୍କୁ ଆମେ ସହଜରେ ସ୍ଥାନଦେଇପାରିବୁ।" ଏକଥା ନୁହେଁ ଯେ ମହେଶ୍ୱରର ବୁଣାକାରମାନଙ୍କ ମଧ୍ୟରେ ଗରିବ ନାହାନ୍ତି। ସେମାନଙ୍କ ମଧ୍ୟରୁ ୬୦ ରୁ ୭୦ ଶତାଂଶ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରନ୍ତି। ଏହା ସତ୍ତ୍ୱେ ବନାରସ ବୁଣାକାରଙ୍କଠାରୁ ସେମାନଙ୍କ ସ୍ଥିତି ଭଲ। ଦିନକୁ ଦିନ ସେମାନଙ୍କ ସ୍ଥିତିରେ ଉନ୍ନତି ଘଟୁଛି।

ମହାରାଣୀ ଏକଦା ଯାହା ଆରମ୍ଭ କରିଥିଲେ, ତାଙ୍କ ବଂଶଧର ତଥା ଉତ୍ତରାଧିକାରୀ ତାହାକୁ ଆଗକୁ ବଢ଼ାଇଲେ ଏବଂ 'ରେୱା' ସୋସାଇଟି ଜନ୍ମ ନେଲା। ମୁଁ ରେୱା ସେଣ୍ଟର ମଧ୍ୟରେ ପ୍ରବେଶ କରିବା ପରେ ଅନୁଭବ କଲି ସତେ ଯେପରି ଏକ ଭିନ୍ନ ଦୁନିଆରେ ପ୍ରବେଶ କରିଛି। ଏକ ସୁନ୍ଦର ବୃକ୍ଷ ଆଚ୍ଛାଦିତ ବଡ଼ ଅଗଣାରେ ମହିଳାମାନେ ନିରବରେ ବସି ତନ୍ତ ଚଳାଉଥିଲେ। ସେଇ ସୋସାଇଟିର ୧୨୦ କର୍ମଚାରୀଙ୍କ ମଧ୍ୟରୁ ୭୨ଜଣ ବା ୬୦ଭାଗ ମହିଳା। ଏହି ମହିଳାମାନେ ନିଜର ଛୋଟ ଛୋଟ ପିଲାଙ୍କୁ ସ୍କୁଲ ଓ କ୍ରେଚ୍‌ରେ ଛାଡ଼ି କାମ କରିବାକୁ ଆସିଥାନ୍ତି। ଏହି ସବୁ ସ୍କୁଲ ଓ କ୍ରେଚ୍ ରେୱା ସୋସାଇଟି ଦ୍ୱାରା ପରିଚାଳିତ। ପାଖରେ ରହିଛି ଅହଲ୍ୟା ସ୍କୁଲ। ସ୍କୁଲର ଏକ ବିରାଟ କୋଠା। ସେଥିରେ କେବଳ ବୁଣାକାରମାନଙ୍କର ପିଲା ପାଠ ପଢ଼ନ୍ତି। ପିଲାଙ୍କୁ ନିୟମିତ ମଧ୍ୟାହ୍ନ ଭୋଜନ ଦିଆଯାଏ। ମହିଳା ବୁଣାକାରମାନେ ଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାମ କରନ୍ତି ଏବଂ ଦୈନିକ ୧୦୦ରୁ ୧୫୦ଟଙ୍କା ପର୍ଯ୍ୟନ୍ତ ମଜୁରି ପାଆନ୍ତି। ଅବସର ପରେ ରେୱାର ବୁଣାକାରଙ୍କୁ ମାସିକ ୫୦୦ ରୁ ୧୦୦୦ଟଙ୍କା ପର୍ଯ୍ୟନ୍ତ ପେନ୍‌ସନ୍ ମିଳେ। କେହି କାରିଗର ଅକର୍ମଣ୍ୟ ହୋଇଗଲେ ତାଙ୍କୁ ପେନ୍‌ସନ୍ ଦେବାର ବ୍ୟବସ୍ଥା ଅଛି। ସେଥିପାଇଁ ରେୱା ଶାଢ଼ିର ମୂଲ୍ୟ ଅଧିକ; କାରଣ ଏଥିରେ ସାମାଜିକ ଦାୟିତ୍ୱବୋଧଜନିତ ଖର୍ଚ୍ଚ ସାମିଲ୍ ହୋଇଥାଏ।



ମୋର ଦ୍ୱିତୀୟ କାହାଣୀ ହିନ୍ଦି ଚଳଚ୍ଚିତ୍ର ଜଗତର ଜଣେ ଅତି ଲୋକପ୍ରିୟ ତାରକା ଅମୀର ଖାଁଙ୍କ ହସ୍ତତନ୍ତ ପ୍ରେମ ସମ୍ପର୍କରେ।

"ଆପଣ ଆମକୁ କଳାକାର ଭାବେ ଦେଖନ୍ତି ... କିନ୍ତୁ ଅସଲ କଳାକାର ତ ସେମାନେ ..."। 'ତାରେ ଜମିନ୍ ପର୍' ଓ 'ଥ୍ରୀ ଇଡିଅଟ୍' ଭଳି ଚର୍ଚ୍ଚିତ ଚଳଚ୍ଚିତ୍ରର ସ୍ରଷ୍ଟା ଅମୀର ଖାନ୍ କ୍ୟାମେରାର ସମ୍ମୁଖୀନ ହୋଇଥିଲେ। ତାଙ୍କ ପାଖରେ ଛିଡ଼ା ହୋଇଥିଲେ କରୀନା କପୁର। ପୃଷ୍ଠଭୂମିରେ ଥିଲା ଜଣେ ଚଂଦେରୀ ବୁଣାକାର ହୁକୁମ୍ ସିଂହଙ୍କ ପରିବାରର ସାଧାରଣ ଘର। ଅମୀର ସେ ଘରେ ଟଙ୍ଗା ଯାଇଥିବା ଏକ କାଠ ତନ୍ତକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲେ ଯେଉଁଥିରେ ଲାଗିଥିଲା ୫୦ ହଜାର ସୂତା।

**କାହାଣୀଟି ଏପରି ଆରମ୍ଭ ହୁଏ। –**

ପାଞ୍ଚ ବର୍ଷ ଧରି ମୁଁ ଆମ ଦେଶର କୁଶଳୀ ବୁଣାକାର ଓ କାରିଗରଙ୍କ ସ୍ଥିତିରେ ଉନ୍ନତି ଆଣିବାକୁ ସଂଗ୍ରାମ କରୁଛି। ବନାରସ, ମହେଶ୍ୱର, ପୋଚମପାଲ୍ଲୀ, ପଇଠାନ୍, କୋଟା, କାଞ୍ଚିପୁରମ, ବାରାବାଙ୍କୀ ଭଳି ହସ୍ତତନ୍ତ ପେଣ୍ଠ ଆଦି ବୁଲି ଦେଖିଛି। ଯୋଧପୁର, ମୋଲେଲା, ମୟୂରଭଞ୍ଜ, ବଦୋହି ଓ ଚମ୍ପାରେ କାମ କରୁଥିବା ବୁଣାକାର ଓ ବସ୍ତ୍ର କାରିଗରଙ୍କୁ କାମ କରିବାର ଦେଖିଛି। ସବୁଠି ସେଇ ଗୋଟିଏ ହତାଶାଭାବ ମୋର ଦୃଷ୍ଟିଗୋଚର ହୋଇଛି। ଯେଉଁ ହାତ ସ୍ୱପ୍ନ ବୁଣିବାକୁ ସକ୍ଷମ, ଯେଉଁ ହାତ ଅପରୂପ ସୌନ୍ଦର୍ଯ୍ୟ ତିଆରି କରିବାକୁ ଦକ୍ଷ, ସେ ହାତସବୁ ଶୀଥିଳ ହୋଇପଡ଼ିଥିଲା। ଯୁବବର୍ଗ ସେମାନଙ୍କର ପୂର୍ବଜମାନଙ୍କର ବୟନ ବିଦ୍ୟାକୁ ଶିଖୁ ନ ଥିଲେ କିମ୍ବା ଭୁଲିଯାଉଥିଲେ। ସେମାନେ କୌଳିକ ବୃତ୍ତି ଛାଡ଼ି ରିକ୍‌ସା ଟାଣୁ ଥିଲେ

କିମ୍ବା ଅଳିଆଗଦାରୁ ପରିତ୍ୟକ୍ତ ସାମଗ୍ରୀ ସାଉଁଟୁଥିଲେ। ସେମାନଙ୍କଠାରେ ଥିବା ସର୍ଜନାତ୍ମକ ଶକ୍ତି କ୍ରମଶଃ ଅପସରିଯାଉଥିଲା।

ମୁଁ ଯେତେବେଳେ ଏକ ହସ୍ତତନ୍ତ କପଡ଼ା ଛୁଇଁଲି ସେଥିରେ ଥିବା ଯାଦୁକରୀ ସୌନ୍ଦର୍ଯ୍ୟ ଓ କୋମଳତା ମୋତେ ବିମୁଗ୍ଧ କଲା। ତା' ସତ୍ତ୍ୱେ ମୁଁ ଏକ ନିରାଶ ଭବିଷ୍ୟତ ଦେଖିଲି। ସେଇ ଉତ୍କୃଷ୍ଟ କପଡ଼ା ବିକ୍ରି ହୋଇ ନ'ପାରି ଗଦା ହୋଇ ରହିଥିଲା। ତା'ଉପରେ ଧୂଳିର ମୋଟା ଆସ୍ତରଣ ଜମାଟ ବାନ୍ଧିଥିଲା। ଭବିଷ୍ୟତ ବଂଶଧରଙ୍କ ସାମୂହିକ ସ୍ମୃତିରେ ଏହି ଉତ୍କୃଷ୍ଟ ବୟନ କଳା ସ୍ଥାନ ପାଇବ ନାହିଁ ସେଇ ଆଶଙ୍କା ମୋତେ ବ୍ୟସ୍ତ ବିବ୍ରତ କଲା। ଆଗାମୀ ବଂଶଧରମାନେ ହିମ୍ରୁ କିମ୍ବା କାନି ଶାଲ ଆଉ ଦେଖିବାକୁ ପାଇବେ ନାହିଁ କିମ୍ବା ଆରବ୍ୟରଜନୀର କାହାଣୀଗୁଡ଼ିକରେ ସ୍ଥାନ ପାଇଥିବା କିଂଖ୍ୱାବ୍ ବସ୍ତ୍ର ଛୁଇଁବାର ସୁଯୋଗ ପାଇବେ ନାହିଁ। ମୋ ଜୀବନର ସେଇ, ଦୁର୍ବଳ ସ୍ଥିତିରେ ମୁଁ ଜଣେ ଲୋକଙ୍କୁ ଭେଟିଲି ଯିଏ ହସ୍ତତନ୍ତ ଉଦ୍ୟୋଗର ଅନ୍ତିମ କାଳର ଭବିଷ୍ୟବାଣୀକୁ ଭୁଲ ପ୍ରମାଣିତ କରି ଏକ ନୂଆ ଆଶାର ସନ୍ଧାନ ଦେଇଥିଲେ।

ଅମୀର ଖାଁ ସେତେବେଳେ 'ତାରେ ଜମିଁ ପର' ଚଳଚ୍ଚିତ୍ର ନେଇ ବ୍ୟସ୍ତ ଥାଆନ୍ତି। ସେ ଓ ମୁଁ ରାତିରେ ବସି କ'ଣ ଟିକିଏ ଖାଇବା ବେଳେ ସ୍ୱଳ୍ପ ସମୟ ପାଇଁ କିଛି କଥା ହୋଇଥିଲୁ। ସେଥିରେ ମୁଁ ତାଙ୍କୁ ଆମ ଦେଶର କୁଶଳୀ କାରିଗର ଓ ବୁଣାକାରମାନଙ୍କ କ୍ରମାଗତ ବିଗୁଡୁଥିବା ସ୍ଥିତି ସମ୍ପର୍କରେ ଜଣାଇଥିଲି। କଥାବାର୍ତ୍ତା ବେଳେ ମୁଁ ତାଙ୍କୁ 'ଢକେ କି ମଲ୍‌ମଲ୍' କାହାଣୀ ଶୁଣାଇଥିଲି। ତା'ର ବିଷୟବସ୍ତୁ ହେଲା ଗୋଟିଏ ମୁଦି ଭିତରେ କିପରି ମସ୍‌ଲିନର ଏକ ବିଡ଼ା ଗଳିଯାଇପାରିବ। ଆମ ବୁଣାକାରଙ୍କ କୁଶଳତା ଓ ଦକ୍ଷତା ଦେଖି ବ୍ରିଟିଶ ସରକାର କେମିତି ଆତଙ୍କିତ



ହୋଇପଡ଼ିଥିଲେ। ଭାରତରେ ଏହି ଉଦ୍ୟୋଗ ବଞ୍ଚିଲେ ବର୍ମିଂହାମ୍‌ର ଲୁଗାକଳ ସବୁ ବନ୍ଦ ହୋଇଯିବ ବୋଲି ସେମାନେ ଆଶଙ୍କା କଲେ। ଶେଷରେ ବ୍ରିଟିଶ ସରକାରଙ୍କ ନିର୍ଦ୍ଦେଶରେ ଭାରତରେ ଶାସନ କରୁଥିବା ଅଧିକାରୀ ଓ ଭୃତ୍ୟମାନେ ଆମ ବୁଣାକାରମାନଙ୍କ ବୁଢ଼ା ଆଙ୍ଗୁଳି ସବୁ କାଟି ଦେଇଥିଲେ।

ଅମୀର ଏ କଥାକୁ ଅତି ଆଗ୍ରହର ସହ ଶୁଣୁଥିଲେ। ଏହାପରେ ବେଶ୍ କିଛି ମାସ ବିତିଯାଇଥିଲା। ଦିନେ ମୁଁ ଗୋଟିଏ ବାର୍ତ୍ତା ପାଇଲି ଯେ ଆମୀର ମୋତେ ଭେଟିବାକୁ ଚାହୁଁଛନ୍ତି। ମୋର ଜଣେ ଯୁବ ସହକର୍ମୀଙ୍କ ସହ ମୁଁ ତାଙ୍କୁ ଭେଟିବାକୁ ଗଲି। ସେ ସହକର୍ମୀ ଜଣକ ବୁଣାକାର ଓ କାରିଗରଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ କରୁଥିଲେ ଏବଂ ସେ ବିଷୟରେ ତାଙ୍କର ଯଥେଷ୍ଟ ଦକ୍ଷତା ଥିଲା। ମୁଁ ଅମୀରଙ୍କୁ କହିଲି ଯେ ଏହି ଉଦ୍ୟୋଗଟି ବିକେନ୍ଦ୍ରୀତ ଏବଂ ଏଠିସେଠି ବିଛାଡ଼ି ହୋଇ ରହିଛି। ଏହା ଉପରେ ଲକ୍ଷ ଲକ୍ଷ ଲୋକ ନିର୍ଭର କରି ଚଳୁଛନ୍ତି। ଏହି କ୍ଷେତ୍ରଟି ଦେଶର ପାରମ୍ପରିକ ବୁଦ୍ଧିମତ୍ତା, ବିଦ୍ୟା, କଳାକୌଶଳ, ସାଂସ୍କୃତିକ ବିଭବ ଓ ଆମ ବ୍ୟବସ୍ଥିତି ସମାଜର ଧର୍ମନିରପେକ୍ଷ ସ୍ୱଭାବକୁ ଧରି ରଖିଛି। ସେ ମୋ କଥା ବେଶ୍ ଆଗ୍ରହର ସହ ଶୁଣିଥିଲେ। ଏହି ପରିବେଶ ଅନୁକୂଳ, ଶକ୍ତି ସୁରକ୍ଷାକାରୀ କଳାତ୍ମକ ବେଉସା କିପରି ଭାରତକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ତାହା ଜାଣି ସେ ବେଶ୍ ପ୍ରଭାବିତ ହୋଇଥିଲେ। ମୁଁ ନିଜାମୁଦ୍ଦିନଙ୍କ ପଦେ କଥା କହି ମୋ କଥାବାର୍ତ୍ତା ଶେଷ କଲି। ବନାରସର ଜଣେ ବୃଦ୍ଧ ବୁଣାକାର ନିଜାମୁଦ୍ଦିନ ଯୋଜନା କମିଟିର ପରାମର୍ଶଦାତା ଗୋଷ୍ଠୀ ବୈଠକରେ କହିଥିଲେ "ବୁଣାକାର ସାରା ଜୀବନ ବୁନତା ହିଁ ଗୟା, ଅପନା କଫନ ହି ନା ବୁନ୍ ସକା ..." (ବୁଣାକାର ସାରା ଜୀବନ ବୁଣିଲା, କିନ୍ତୁ ନିଜର କଫିନ୍ ଉପରେ ଢଙ୍କା ଯାଉଥିବା ଲୁଗା ବୁଣିପାରିଲା ନାହିଁ।)

ଅନେକ ମାସ ପରେ ଦିନେ ମୁଁ ବିମାନରେ ବସିଥିବାବେଳେ ହଠାତ୍ ମୁଁ ଅମୀରଙ୍କ ହସ୍ତତନ୍ତ ପ୍ରୋତ୍ସାହନ ପ୍ରୟାସ ବିଷୟରେ ଶୁଣିଲି। ସାରା ଗଣମାଧ୍ୟମରେ ହସ୍ତତନ୍ତ ବସ୍ତ୍ର ସହ ଆମୀରଙ୍କୁ ଦେଖିବାକୁ ମିଳିଲା। ମୁଁ ତୁରନ୍ତ ୟୁଟ୍ୟୁବ୍ ଡାଉନ୍‌ଲୋଡ୍ କରି ଦେଖିଲି ଆମୀର, କରୀନାଙ୍କ ସହ ଚନ୍ଦେରୀର ଅନ୍ଧାରୀ ରାସ୍ତାରେ ଚାଲିଛନ୍ତି। ସେ ଖୁନୀ ଦରୱାଜା ଅତିକ୍ରମ କରି ଚନ୍ଦେରୀ ବୁଣାକାର ହୁକୁମ୍ ସିଂହଙ୍କ



ଘରକୁ ଯାଉଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଗତର ଏହି ଦୁଇ ଲୋକପ୍ରିୟ ତାରକା ବିନା ନିମନ୍ତ୍ରଣରେ ଜଣେ ସାଧାରଣ ବୁଣାକାରର ଏକ ବଖୁରିଆ ଘରେ ପହଞ୍ଚିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। "ବିନ୍ ବୁଲାୟେ ମେହେମାନ" ହୋଇଥିବାରୁ ଦୁଇ ତାରକା ଗୃହସ୍ୱାମୀଙ୍କୁ କ୍ଷମା ପ୍ରାର୍ଥନା କରୁଥିଲେ।

ସମ୍ବେଦନଶୀଳ ଅମୀର ଏହି ପ୍ରସଙ୍ଗଟିକୁ ନିଜର ଅତି ପ୍ରିୟ କାର୍ଯ୍ୟକ୍ରମ ଭାବେ ଗ୍ରହଣ କରିଥିଲେ। ଏହି ବୃତ୍ତିରେ ନିଯୁକ୍ତ ଲୋକଙ୍କ ସ୍ଥିତି, ଜୀବନଜୀବିକା, ବଜାର, ମଧ୍ୟସ୍ଥ ଆଦି ବିଭିନ୍ନ ଦିଗ ଉପରେ ସେମାନେ ଜଣକ ପରେ ଜଣେ ନିଜ ନିଜର ମତବ୍ୟକ୍ତ କଲେ। ସେମାନେ କହିଥିଲେ- "ଆମେ ଦିନକୁ ୫୦ ଟଙ୍କା ପାଉ।" "ଆମ ଭିତରୁ ଦୁଇଜଣ ତିନି ମାସରେ ଛ' ହଜାର ଟଙ୍କା ରୋଜଗାର କରନ୍ତି;" "କିନ୍ତୁ ଆମେ ତିଆରି କରୁଥିବା ଶାଢ଼ି ଖୁଚୁରା ବଜାରରେ ଖଣ୍ଡପିଛା ୨୫ ହଜାର ଟଙ୍କାରେ ବିକ୍ରି ହୋଇଥାଏ।"

ଅମୀର ପଚାରିଥିଲେ, "ମୋ ସୁଟ୍ ପାଇଁ ତୁମେ କପଡ଼ା ପ୍ରସ୍ତୁତ କରିପାରିବ କି ?" ଉତ୍ତର ଥିଲା "ସାହେବ କାହିଁକି ନୁହେଁ, ଆମେ ନିଶ୍ଚୟ କରିପାରିବୁ।"

"ମୁଁ କରିନାଙ୍କ ପାଇଁ ଏହି କଳା ଓ ସୁନେଲି ଚନ୍ଦେରୀ ଶାଢ଼ୀ ଏବଂ ମୋ' ପତ୍ନୀ କିରଣଙ୍କ ପାଇଁ ସେହି ଧଳା ଓ ସୁନେଲି ଶାଢ଼ୀଟି ନେବି। ଏଥିପାଇଁ ପାଇକାରୀ ଦରରେ ୬୦୦୦ ଟଙ୍କା ନ' ଦେଇ ବଜାର ମୂଲ୍ୟରେ ଟଙ୍କା ଦେବି।" ଅମୀର ଏକଥା କହୁଥିବାବେଳେ କ୍ୟାମେରା ମହିଳା ବୁଣାକାରଙ୍କ ଉପରେ କେନ୍ଦ୍ରୀତ ଥିଲା। କିଛି ଦୂରରେ ଛିଡ଼ା ହୋଇଥିବା ରାମବତୀ ଅମୀରଙ୍କ ଏ କଥାକୁ ବାକ୍‌ଶୂନ୍ୟ ଓ ଚକିତ ହୋଇ ଶୁଣୁଥିଲା। ଏକ ଛୋଟ ଝିଅ ସ୍ୱପ୍ନିଳ ଆଖିରେ ଅମୀରଙ୍କ ହାତ ଧରିଥିଲା। ଅମୀର ଓ କରିନା ତନ୍ତରେ ବସି ବବିନ୍ ଭିତରେ ସୂତା ପୁରାଇବାକୁ ଚେଷ୍ଟା କରୁଥିଲେ। ଏହି ଦୁଇଜଣ ଅନଭିଜ୍ଞ ବୁଣାକାରଙ୍କ ପ୍ରଥମ ତାନାବାନା (ବୁଣେଇ) ପ୍ରୟାସରୁ ଆରମ୍ଭ ହୋଇଥିଲା ହସ୍ତତନ୍ତର ବ୍ରାଣ୍ଡ୍ ନିର୍ମାଣ ଏବଂ ଏହାର ନାୟକ ନାୟିକା ଥିଲେ ଆମୀର ଓ କରୀନା।

ବିଜ୍ଞାପନରେ ଗୋଟିଏ ଝଲକ୍ ପାଇଁ ଚଳଚ୍ଚିତ୍ର ତାରକାମାନେ ପ୍ରଚୁର ଅର୍ଥ ନେଇଥାନ୍ତି। ଏଠି କିନ୍ତୁ ଅନ୍ୟତମ ଲୋକପ୍ରିୟ କଳାକାର ଅମୀର, ନିଜର ଜ୍ଞାନ, ନାମ ଓ ସମୟ ଦେଶର ଲକ୍ଷ ଲକ୍ଷ କୁଶଳୀ ମହିଳା, ପୁରୁଷଙ୍କ କଲ୍ୟାଣ ପାଇଁ ଦାନ କଲେ। ଏଥିରେ ଅମୀର ତାଙ୍କ ଶେଷ ବାକ୍ୟରେ ତାଙ୍କ ପ୍ରଶଂସକମାନଙ୍କୁ କହିଛନ୍ତି, "ଏକବିଂଶ ଶତାବ୍ଦୀର ବିଶ୍ୱାୟନ ଯୁଗରେ ହସ୍ତତନ୍ତ ଫେଶନ ପ୍ରେମୀ ଯୁବସମାଜ ପାଇଁ ଏକ ସିଦ୍ଧାନ୍ତ ହେଉ।"

ଏହି କାରିଗର ଓ ବୁଣାକାରଙ୍କ ଉଦ୍ଦେଶ୍ୟରେ ପ୍ରଖ୍ୟାତ କବି ଫଏଜ୍ ଅହମ୍ମଦ ଫଏଜ୍ ଲେଖିଥିବା କବିତା ପଂକ୍ତି ଉଦ୍ଧାର କରିବାକୁ ଏହି ଅବସରରେ ଉଚିତ ମଣୁଛି। ସେ ଲେଖିଥିଲେ –

"ୟେ ହାଥ୍ ସଲାମତ୍ ହେଁ ଜବ୍‌ତକ୍ ଇସ୍ ଖୁନ୍ ମେଁ ହରାରତ ହେ ଜବତକ୍

ୟେ ଶାମ୍ ୱ୍ ସହର ୟେ ୱ୍ କମର ୟେ ଅଖ୍‌ତାର ୱ୍ କୌକବ୍ ଅପନେ ହେଁ

ୟେ ଶାମ୍ ୱ୍ କମର ୟେ ତକ୍ଲୁ ଓ ଆଲମ୍ ୟେ ମାଲ୍ ଓ ହଶମ୍ ସବ୍ ଅପ୍‌ନେ ହେଁ।"

ଅର୍ଥାତ୍ – 'ଯେ ପର୍ଯ୍ୟନ୍ତ ରକ୍ତ ଶୀରା ପ୍ରସିରାରେ ନିର୍ବିଘ୍ନରେ ସଂଚାରିତ ହେଉଛି ସେ ଯାଏ ହାତ କାମ କରିଚାଲିବ। ଏହି ପ୍ରଭାତ, ପ୍ରଦୋଷ, ତାରା ଓ ନକ୍ଷତ୍ର ମଣ୍ଡଳ, ସେଇ ବାଟିକା, ସେଇ ଯନ୍ତ୍ରଣା, ସେଇ ଡ୍ରମ୍ ଓ ସେଇ ବ୍ୟାନର ସବୁ, ଏହି ଗୌରବ, ଏହି ଚମକ... ଏସବୁ ଆମର।

ଲେଖିକା ହେଉଛନ୍ତି ଯୋଜନା ଆୟୋଗର ଜଣେ ପୂର୍ବତନ ସଦସ୍ୟା ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍।

**Email ID: hameed.syeda@gmail.com**

ଫୋକସ୍

# ହସ୍ତଶିଳ୍ପ ଓ ବୟନ : କାରିଗରଙ୍କ ଦକ୍ଷତା ବିକାଶ

ଗୌରବ କପୁର



ଭାରତର ଶିଳ୍ପକଳା ଓ ବୟନ ସାମଗ୍ରୀରେ ଦେଶର ଗୌରବ ତଥା ଉତ୍କର୍ଷ ନିହିତ । କେଉଁ ଅନାଦି କାଳରୁ ଭାରତର ବୟନ ଓ ହସ୍ତଶିଳ୍ପ ପରମ୍ପରା ଗଢ଼ିଆସୁଛି । ଦେଶଭିତରେ ଏହା ଅନେକ ଅନୁପମ ଉପସଂସ୍କୃତି ସୃଷ୍ଟି କରିଛି । ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ବସ୍ତ୍ର ଓ ପୋଷାକ ଉତ୍ପାଦନକାରୀ ରାଷ୍ଟ୍ର । ସେହିଭଳି ହସ୍ତଶିଳ୍ପ ସାମଗ୍ରୀ ରପ୍ତାନୀରେ ଭାରତ ବିଶ୍ୱର ଶ୍ରେଷ୍ଠ ତିନିଟି ରାଷ୍ଟ୍ରଙ୍କ ମଧ୍ୟରୁ ଗୋଟିଏ । ତୁଳା, ପଶମ, ରେଶମ, ଝୋଟ ଭଳି ପ୍ରଚୁର କଞ୍ଚାମାଲ୍ ଏବଂ କୁଶଳୀ ଲୋକଶକ୍ତି ଯୋଗୁଁ ଭାରତ ଏ କ୍ଷେତ୍ରରେ ଆଗରେ ରହିଛି । ଭାରତ ଝୋଟ ଉତ୍ପାଦନରେ ବିଶ୍ୱରେ ପ୍ରଥମ, ତୁଳା ଓ ରେଶମ ଉତ୍ପାଦନରେ ୨ୟ ଓ ପଶମ ଉତ୍ପାଦନରେ ନବମ ସ୍ଥାନରେ ରହିଛି । ଏହା ଫଳରେ ଭାରତ ବିଶ୍ୱର ଏକ ଅଗ୍ରଣୀ ବୟନ ବଜାରର ମାନ୍ୟତା ପାଇଛି । ଭାରତୀୟ ବୁଣାକାର ଓ କାରିଗରମାନଙ୍କର ସୁରକ୍ଷା ତଥା ବିକାଶ ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ସମଗ୍ର



ବିଶ୍ୱ ଏବେ ଆମର ବିପୁଳ ଅନୁପମ ଐତିହ୍ୟ ଓ ଆମ କାରିଗରଙ୍କ ଉଚ୍ଚମାନର କଳାକୌଶଳ ଉପରେ ଧ୍ୟାନ ରଖିଛି। ଅତଏବେ ଆମେ ତାହାର ସୁଯୋଗ ନେବାର ଆବଶ୍ୟକତା ରହିଛି।

ଅନ୍ୟ ଶିଳ୍ପ ଉଦ୍ୟୋଗ ଭଳି ବୟନ ଓ ହସ୍ତଶିଳ୍ପ ଉଦ୍ୟୋଗ ନାନାବିଧ ସମସ୍ୟାର ସମ୍ମୁଖୀନ। ଏହା ସତ୍ତ୍ୱେ ଦେଶର ଅର୍ଥନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କୃଷି ପରେ ସବୁଠୁ ଅଧିକ ଲୋକ ଏହି କ୍ଷେତ୍ରରେ କାମ କରନ୍ତି। ଏହି ଉଦ୍ୟୋଗରେ ଏବେ ପ୍ରାୟ ୩କୋଟି ଲୋକ ନିଯୁକ୍ତ। ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ଏହି ଉଦ୍ୟୋଗରେ କାର୍ଯ୍ୟରତ ଲୋକମାନଙ୍କୁ ଉପଯୁକ୍ତ ବୈଷୟିକ ବୁଦ୍ଧି ବିଦ୍ୟା ସହ ପରିଚିତ କରାଇବାର ଆବଶ୍ୟକତା ରହିଛି। ହସ୍ତଶିଳ୍ପ ଓ ବୟନ କମ୍ପାନୀମାନେ ଅଭିନବତା ସହ ତାଳ ମିଳାଇ ଚାଲିବା ପାଇଁ ଯଥେଷ୍ଟ ଦକ୍ଷ ଏବଂ କୁଶଳୀ ଲୋକଶକ୍ତି ରହିବା ଆବଶ୍ୟକ।

ଅଟୋଲୁମ ଉଇଭର, ପାୱାରଲୁମ୍ ଅପରେଟର, ସଟଲ୍‌ବିହୀନ ୱେଭର, ପ୍ରୋଜେକ୍ଟାଇଲ, ବିମ୍ କ୍ୟାରିୟର ଓ ଲୋଡର ଆଦି ବୈଷୟିକ କ୍ଷେତ୍ରର ଆଧୁନିକୀକରଣ ସହ ଏଥିରେ କାମ କରୁଥିବା ଲୋକଙ୍କ ଦକ୍ଷତା ବିକାଶ ଜରୁରୀ। ଏହି ଉଦ୍ୟୋଗରେ ଅଧିକ ସଂଖ୍ୟାରେ ମହିଳା କାର୍ଯ୍ୟ କରନ୍ତି। ତେଣୁ ଏହି କ୍ଷେତ୍ରର ବିକାଶ ଘଟିଲେ ମହିଳା ସଶକ୍ତୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏହି କ୍ଷେତ୍ରର ବିକାଶ ପାଇଁ ଟେକ୍‌ନୋଲୋଜିର ଲକ୍ଷ୍ୟ ଭିତ୍ତିକ ଉନ୍ନୟନ, ଭିତ୍ତିଭୂମି ବିକାଶ, ରପ୍ତାନୀ ପ୍ରୋତ୍ସାହନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେଥିମଧ୍ୟରୁ ଅନ୍ୟତମ ସଫଳ କାର୍ଯ୍ୟକ୍ରମଟି ହେଲା ଯୋଗ୍ୟତା ମଣ୍ଡଳ ବା କ୍ୱାଲିଫିକେସନ୍ ପ୍ୟାକ୍। ଦେଶରେ ୭୨ଟି କ୍ୱାଲିଫିକେସନ ପ୍ୟାକ୍ସ ବିକଶିତ କରାଯାଇଛି ଏବଂ ସେଥିମଧ୍ୟରୁ ୭୧ଟି ଜାତୀୟ






ଦକ୍ଷତା ଶିକ୍ଷା କମିଟିର ଅନୁମୋଦନ ଲାଭ କରିଛି। ଏହିସବୁ ପ୍ୟାକ୍ ବୟନ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ୮୦ଶତାଂଶ ଲୋକଶକ୍ତିଙ୍କ ବୈଷୟିକ ଆବଶ୍ୟକତା ପୂରଣ କରିପାରିବ। ସେହିଭଳି ଏହି ଉଦ୍ୟୋଗର ଉଲ, ସିଲ୍କ, ଝୋଟ, ଟେକ୍‌ନିକାଲ ଟେକ୍ସଟାଇଲ୍ ଓ ମାନ ନିୟନ୍ତ୍ରଣ ଆଦି ବିଭାଗର ଆବଶ୍ୟକତା ପୂରଣ ଏବଂ ଆଧୁନିକୀକରଣ ପାଇଁ ମାନ ଏବଂ ଉପାୟ ବିକଶିତ ହେଉଛି। ଉଭୟ ହସ୍ତଶିଳ୍ପ ଓ ବୟନ କଳା ପାଇଁ ଭାରତର ବିଭିନ୍ନ ସ୍ଥାନ ସୁଖ୍ୟାତି ଲାଭ କରିଛନ୍ତି। ଏହା ଏକ ବିରାଟ ଓ ବହୁମୁଖୀ ଉଦ୍ୟୋଗ ହୋଇଥିବାରୁ ବିଭିନ୍ନ ସ୍ଥାନର ବିଶେଷତ୍ୱ ଓ ଶିଳ୍ପ ଚାତୁରୀ ଭିନ୍ନ ଭିନ୍ନ ତଥା ଅନନ୍ୟ। ଆସାମର ସିଲ୍କ, ବଙ୍ଗର କାର୍ପାସ, କାଶ୍ମୀରର ପଶ୍ମିନା ଉଲ୍ ଓ କାଂଜିବରମ୍‌ର ଉତ୍କୃଷ୍ଟ ବୟନ କଳା ନିଜନିଜର ଉତ୍କର୍ଷ ଓ ଚମତ୍କାରିତା ପାଇଁ ଖ୍ୟାତ। ସେମାନେ ଏହା ମାଧ୍ୟମରେ ବଜାରରେ ନିଜର ସ୍ଥାନ ସହଜରେ ଦଖଲ କରିନିଅନ୍ତି। ଟେକ୍‌ନୋଲୋଜି ଯେତେ ବିକଶିତ ହେଉ ନା କାହିଁକି ହାତରେ ତିଆରି ସାମଗ୍ରୀର ଯେଉଁ ଆକର୍ଷଣ ଓ କଳା ନୈପୁଣ୍ୟ ରହିଛି ତାହାକୁ ଟପିବା ସହଜ ନୁହେଁ। ହାତର ଚମତ୍କାରିତା ପାଖରେ ଯନ୍ତ୍ର ନିଷ୍ପ୍ରଭ ହୋଇଯାଏ। ଦେଶର ବିଭିନ୍ନ ସ୍ଥାନରେ ଯେଉଁ ଚମତ୍କାରୀ ହସ୍ତ ଓ ବୟନକଳା ଶୈଳୀ ତଥା ପରମ୍ପରା ପିଢ଼ିପରେ ପିଢ଼ି ଚାଲିଆସିଛି ତା'ପଛରେ ରହିଛି କୁଶଳୀ ହାତର ଯାଦୁକରୀ ସ୍ପର୍ଶ।

ସମଗ୍ର ମୂଲ୍ୟ ଶୃଙ୍ଖଳାରେ ଭାରତୀୟ ବୟନ ଉଦ୍ୟୋଗର ସବୁଠୁ ବଡ଼ ଶକ୍ତି ହେଲା ଏହାର ପ୍ରାକୃତିକ ତନ୍ତୁ ଯାହାକୁ କୃତ୍ରିମ ତନ୍ତୁଠାରୁ ଅଧିକ ଲୋକେ ପସନ୍ଦ କରନ୍ତି। ଏହାର ଆଉ ଏକ ବିଶେଷତ୍ୱ ହେଲା ଏହା ଯନ୍ତ୍ରରେ ତିଆରି ନ'ହୋଇ ମଣିଷ ହାତରେ ନିର୍ମିତ ହୋଇଥାଏ। ହସ୍ତଶିଳ୍ପର ମଧ୍ୟ ସମାନ ମର୍ଯ୍ୟାଦା ଏହି କାରଣରୁ ଗ୍ରାହକ ମହଲରେ ରହିଛି। ବୟନ ଉଦ୍ୟୋଗ ଦେଶର ରପ୍ତାନୀଭିତ୍ତିକ ବୈଦେଶିକ ଆୟକୁ ପ୍ରାୟ ୨୭ ଶତାଂଶ ଅବଦାନ ଦେଉଛି। କାରଣ ବିଦେଶରେ ଏସବୁ ସାମଗ୍ରୀର ଚାହିଦା ଭଲ। ଦେଶର ମୋଟ୍ ଘରୋଇ ଉତ୍ପାଦନରେ ଏହି ଉଦ୍ୟୋଗର ଅଂଶ ପ୍ରାୟ ୨ ଶତାଂଶ ଏବଂ ସାମଗ୍ରିକ ରପ୍ତାନୀର ୧୩ ଭାଗ। ସେହିଭଳି ହସ୍ତଶିଳ୍ପ ଉଦ୍ୟୋଗର ଅଭିବୃଦ୍ଧି ବାର୍ଷିକ ଭିତ୍ତିରେ ୧.୬୫ ଶତାଂଶ ବଢ଼ି ୨୦୧୮ ଏପ୍ରିଲ-ନଭେମ୍ବର ମଧ୍ୟରେ ୨.୪୨ ବିଲିୟନ ଡଲାରରେ ପହଞ୍ଚିଛି। ଅତଏବ ଏହି ଦୁଇ ଉଦ୍ୟୋଗର ଆଧୁନିକୀକରଣ, ଅଭିବୃଦ୍ଧି ଓ ସାମଗ୍ରିକ

ଅନ୍ୟ ଶିଳ୍ପ ଉଦ୍ୟୋଗ ଭଳି ବୟନ ଓ ହସ୍ତଶିଳ୍ପ ଉଦ୍ୟୋଗ ନାନାବିଧ ସମସ୍ୟାର ସମ୍ମୁଖୀନ। ଏହା ସତ୍ତ୍ୱେ ଦେଶର ଅର୍ଥନୀତିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କୃଷି ପରେ ସବୁଠୁ ଅଧିକ ଲୋକ ଏହି କ୍ଷେତ୍ରରେ କାମ କରନ୍ତି। ଏହି ଉଦ୍ୟୋଗରେ ଏବେ ପ୍ରାୟ ୩କୋଟି ଲୋକ ନିଯୁକ୍ତ। ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ ପାଇଁ ଏହି ଉଦ୍ୟୋଗରେ କାର୍ଯ୍ୟରତ ଲୋକମାନଙ୍କୁ ଉପଯୁକ୍ତ ବୈଷୟିକ ବୁଦ୍ଧି ବିଦ୍ୟା ସହ ପରିଚିତ କରାଇବାର ଆବଶ୍ୟକତା ରହିଛି। ହସ୍ତଶିଳ୍ପ ଓ ବୟନ କମ୍ପାନୀମାନେ ଅଭିନବତା ସହ ତାଳ ମିଳାଇ ଚାଲିବା ପାଇଁ ଯଥେଷ୍ଟ ଦକ୍ଷ ଏବଂ କୁଶଳୀ ଲୋକଶକ୍ତି ରହିବା ଆବଶ୍ୟକ। ଅଟୋଲୁମ ଉଇଭର, ପାୱାରଲୁମ୍ ଅପରେଟର, ସଟଲ୍‌ବିହୀନ ୱେଭର, ପ୍ରୋଜେକ୍ଟାଇଲ, ବିମ୍ କ୍ୟାରିୟର ଓ ଲୋଡର ଆଦି ବୈଷୟିକ କ୍ଷେତ୍ରର ଆଧୁନିକୀକରଣ ସହ ଏଥିରେ କାମ କରୁଥିବା ଲୋକଙ୍କ ଦକ୍ଷତା ବିକାଶ ଜରୁରୀ। ଏହି ଉଦ୍ୟୋଗରେ ଅଧିକ ସଂଖ୍ୟାରେ ମହିଳା କାର୍ଯ୍ୟ କରନ୍ତି। ତେଣୁ ଏହି କ୍ଷେତ୍ରର ବିକାଶ ଘଟିଲେ ମହିଳା ସଶକ୍ତୀକରଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ଏହି କ୍ଷେତ୍ରର ବିକାଶ ପାଇଁ ଟେକ୍‌ନୋଲୋଜିର ଲକ୍ଷ୍ୟ ଭିତ୍ତିକ ଉନ୍ନୟନ, ଭିତ୍ତିଭୂମି ବିକାଶ, ରପ୍ତାନୀ ପ୍ରୋତ୍ସାହନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ବିକାଶ ତଥା ଦକ୍ଷତା ବୃଦ୍ଧିର ସିଧାସଳଖ ଅନୁକୂଳ ପ୍ରଭାବ ଦେଶର ଅର୍ଥ ବ୍ୟବସ୍ଥା ଉପରେ ପଡୁଛି।

ବୟନ ଓ ହସ୍ତଶିଳ୍ପ ଉଦ୍ୟୋଗ ଏଯାବତ୍ ମୁଖ୍ୟତଃ ପାରମ୍ପରିକ ଉତ୍ପାଦନ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଫଳରେ ଏହା ଶ୍ରମିକ ବହୁଳ ହୋଇ ରହିଛି ଯେଉଁଥିରେ ଅନେକ ଦୀର୍ଘ ଜଟିଳ ପର୍ଯ୍ୟାୟମାନ ବିଦ୍ୟମାନ। ଚତୁର୍ଥ ଶିଳ୍ପ ବିପ୍ଳବର ଅୟମାରମ୍ଭ ଏ କ୍ଷେତ୍ରରେ ଆଶାର ନୂଆ କିରଣ ଆଣିଛି। ଡିଜିଟାଇଜେସନ, ୱାର୍ଲଡ ୱାଇଡ୍ ୱେବ୍, ମାସ୍ କଷ୍ଟୋମାଇଜେସନ୍ ଏବଂ ପେସ୍ ବା ବେଗ ଏହି ଉଦ୍ୟୋଗ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି। ଏହା ଫଳରେ ଏହି ଉଦ୍ୟୋଗର ମାନ ବୃଦ୍ଧି ଏବଂ ଦକ୍ଷ ଓ କୁଶଳୀ ଲୋକଶକ୍ତିର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡ଼ିଛି।

ହସ୍ତତନ୍ତ ସାମଗ୍ରୀ ଉତ୍ପାଦନ କରୁଥିବା କାରିଗରମାନଙ୍କ ମଧ୍ୟରୁ ୮୭ ଭାଗ ଗ୍ରାମାଞ୍ଚଳରେ ବାସ କରନ୍ତି। ମାତ୍ର ୧୩ ଭାଗ ସହରାଞ୍ଚଳର। ଏହି ଉଦ୍ୟୋଗରେ ସର୍ବାଧିକ ମହିଳା କାମ କରୁଥିବାରୁ ଏହାର ବିକାଶ ମହିଳା ସଶକ୍ତିକରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ହସ୍ତତନ୍ତ କପଡ଼ା ଦେଶର ମୋଟ୍ କପଡ଼ା ଉତ୍ପାଦନର ଏକ ପଞ୍ଚମାଂସ। ଏହି କପଡ଼ା ରପ୍ତାନୀ କରି ଭାରତ ଏବେ ୩୫.୩୪ ନିୟୁତ ଡଲାର ଆୟ କରୁଛି।

ଶିଳ୍ପୀ ଓ କାରିଗର ଧାରଣକ୍ଷମ ବିକାଶ ଉପରେ କୌଣସି କୁପ୍ରଭାବ ପ୍ରଭାବ ନ ପକାଇ ଅଗଣିତ ସଂଖ୍ୟାରେ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିପାରିବେ। ତେଣୁ ନିରନ୍ତର ବିକାଶ ଓ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏହି ଉଦ୍ୟୋଗ ବେଶ୍ ଅନୁକୂଳ। ପୋଷାକପତ୍ର, ଘରକରଣା ଓ ଘରୋଇ ସାଜସଜ୍ଜା ପାଇଁ ବ୍ୟବହୃତ ସାମଗ୍ରୀ ତଥା ଟେକ୍‌ନିକାଲ୍ ଟେକ୍ସଟାଇଲ୍ (ବୈଷୟିକ ବୟନ ସାମଗ୍ରୀ) ଉତ୍ପାଦନ କରି ଭାରତ ଏ କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ। ଏହାଦ୍ୱାରା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ଏବଂ ଦେଶ ବିଦେଶରେ ଏହାର ଆଦର ବଢ଼ିବ।

ଭାରତରେ ଏହି ଉଦ୍ୟୋଗର ବିକାଶ ସାମାଜିକ ଦୃଷ୍ଟିରୁ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହା ଅଧିକ ନିଯୁକ୍ତି ସୃଷ୍ଟି, ମହିଳା ସଶକ୍ତୀକରଣ, ଦାରିଦ୍ର୍ୟ ଦୂରୀକରଣ ଓ ଅଭାବ ଦୂରକରିବାରେ ସହାୟକ ହେବ। ଏହା ଫଳରେ ଜାତୀୟ ଅଭିବୃଦ୍ଧି ଓ ଆୟ ବଢ଼ିବ, ରପ୍ତାନୀ ବାଣିଜ୍ୟ ଓ ଉଦ୍ୟମିତା ମଧ୍ୟ ତ୍ୱରାନ୍ୱିତ ହେବ। ସେଥିପାଇଁ ବୟନ ଶୃଂଖଳାରେ ଥିବା କେତେକ କ୍ଷେତ୍ରକୁ ସ୍ୱଳ୍ପ ବ୍ୟୟଯୁକ୍ତ, ବୈଷୟିକ ଦୃଷ୍ଟିରୁ ଅଧିକ ଉନ୍ନତ, ସ୍ୱଳ୍ପ ସଂଖ୍ୟକ ଦକ୍ଷ, କୁଶଳୀ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଓ ଶୀଘ୍ର ଉତ୍ପାଦନକ୍ଷମ କରିବାକୁ ପଡ଼ିବ।

ବୟନ ଓ ହସ୍ତଶିଳ୍ପ ଉଦ୍ୟୋଗ ସହିତ ଏହାର କେତେକ ସମ୍ବନ୍ଧିତ କ୍ଷେତ୍ରର ବିକାଶ ନିଯୁକ୍ତି ସୁଯୋଗ ବଢ଼ାଇବା ସହ ଏହାକୁ ଅଧିକ ସମୃଦ୍ଧ କରିବ। ଏହା ମଧ୍ୟ ଆମ ପାରମ୍ପରିକ କଳା କୌଶଳ ଓ ଶିଳ୍ପୀକୁଳର ଅନ୍ତର୍ନିହିତ ଦକ୍ଷତାର ବିକାଶରେ ସହାୟକ ହୋଇ ଆମ ସଂସ୍କୃତିକୁ ଋଦ୍ଧିମନ୍ତ କରିବ। ଆମେରିକା ଓ




ୟୁରୋପୀୟ ରାଷ୍ଟ୍ରସମୂହକୁ ଭାରତ ତାହାର ମୋଟ୍ ବୟନ ସାମଗ୍ରୀ ରପ୍ତାନୀର ଦୁଇ ତୃତୀୟାଂଶ ପଠାଇଥାଏ। ଏହାଛଡ଼ା ଚୀନ୍, ସଂଯୁକ୍ତ ଆରବ ଏମିରେଟ୍ସ, ଭିଏତନାମ, ଶ୍ରୀଲଙ୍କା, ସାଉଦୀ ଆରବ, କୋରିଆ ସାଧାରଣତନ୍ତ୍ର, ବାଂଲାଦେଶ, ତୁର୍କୀ, ପାକିସ୍ଥାନ ଓ ବ୍ରାଜିଲରେ ମଧ୍ୟ ଭାରତୀୟ ବୟନ ସାମଗ୍ରୀର ଉତ୍ତମ ବଜାର ରହିଛି। ଏହି କ୍ଷେତ୍ରରେ ଅଧିକ ଧ୍ୟାନ ଦିଆଯାଉଛି ଏବଂ ଭାରତକୁ ଏ କ୍ଷେତ୍ରରେ ଅଧିକ ବ୍ୟବସାୟ ଆଣିବାକୁ ଉଦ୍ୟମ ଚାଲିଛି। ଆଗାମୀ ଦିନରେ ଏହି ଉଦ୍ୟମ ସଫଳ ହେବା ସହ ବୟନ ଓ ହସ୍ତଶିଳ୍ପ କ୍ଷେତ୍ରରେ ଏକ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଆଶା।

ଲେଖକ ଜାତୀୟ କୌଶଳ ବିକାଶ ନିଗମରେ କାର୍ଯ୍ୟରତ।
Email ID: Gaurav.kapoor@nsdcindia.org

Indiastat KEY ECONOMIC INDICATORS OF INDIA
Indiastat PRESENTS Mobile App

ଭାରତର ମୁଖ୍ୟ ଆର୍ଥିକ ସୂଚକାଙ୍କ

ଭାରତର ପ୍ରମୁଖ ଆର୍ଥିକ ସୂଚକାଙ୍କ ସମ୍ପର୍କିତ ଆପ୍ ଭାରତୀୟ ଅର୍ଥନୀତିର ବିଭିନ୍ନ କ୍ଷେତ୍ର ସମ୍ପର୍କିତ ସୂଚନା ପାଇବାରେ ବିଶେଷ ସହାୟକ ହେଉଛି। ଏସବୁ ସୂଚନାଗୁଡ଼ିକୁ ସାପ୍ତାହିକ ଭିତ୍ତିରେ ଅପ୍‌ଡେଟ୍ କରାଯାଉଛି। ଏହି ଆପ୍‌ଟିରେ ୧୯ଟି ଭାଷା ବ୍ୟବହାର ପାଇଁ ସୁବିଧା ରହିଛି ଏବଂ ଏହା ଅର୍ଥନୈତିଜ୍ଞ, ଆର୍ଥିକ ବଜାର ସହ ସମ୍ପୃକ୍ତ ବୃତ୍ତିଧାରୀ, ଶିକ୍ଷାବିତ୍ ଏବଂ ଏଭଳି ପ୍ରତ୍ୟେକ ବ୍ୟକ୍ତିବିଶେଷ, ଯେଉଁମାନେ ଭାରତୀୟ ଅର୍ଥନୀତି ସମ୍ପର୍କରେ ଅଧୁନାତନ ସୂଚନା ପାଇବାକୁ ଆଗ୍ରହ ପ୍ରକାଶ କରନ୍ତି ସେମାନଙ୍କ ପାଇଁ ବିଶେଷ ଭାବେ ଫଳପ୍ରଦ।




AVAILABLE ON

DATANET INDIA INITIATIVES
Indiastat.com | DistrictsofIndia.com | ElectionsinIndia.com | Indiastatgraphics.com | DatanetIndia-eBooks.com
18 years of serving socio-economic & electoral research fraternity in India and abroad

# ଭାରତୀୟ ଅର୍ଥନୀତିରେ ବୟନ ଓ ହସ୍ତଶିଳ୍ପର ଭୂମିକା

ଶିଶିର ସିହ୍ନା


ଆନ୍ଧ୍ରପ୍ରଦେଶର ତିରୁପତି ଏବଂ ଓଡ଼ିଶାର ରଘୁରାଜପୁର ମଧ୍ୟରେ ଦୂରତ୍ୱ ୧୧୦୦ କିଲୋମିଟରରୁ ଅଧିକ; କିନ୍ତୁ ଏହି ଦୁଇ ସ୍ଥାନକୁ ନିକଟତର ଓ ସଂଯୁକ୍ତ କରିଛି ବୟନ ଓ ପର୍ଯ୍ୟଟନ। ଏହି ଦୁଇ ସ୍ଥାନରେ ଦୁଇଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି। ରଘୁରାଜପୁରରେ ବୟନ ଓ ହସ୍ତଶିଳ୍ପ ଏବଂ ତିରୁପତିରେ ପର୍ଯ୍ୟଟନ ପ୍ରକଳ୍ପ। ଦେଶର ଏହି ଦୁଇ ସ୍ଥାନରେ ପ୍ରଥମ କରି ଏଭଳି ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନିଆଯାଇଛି। ବୟନକୁ ଏକ ନୂଆ ଦିଗ ଦେବାକୁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ।

ତିରୁପତି ବିଷୟରେ ବିଶେଷ ଉଲ୍ଲେଖର ଆବଶ୍ୟକତା ନାହିଁ; କିନ୍ତୁ ରଘୁରାଜପୁରର ରହିଛି। ରଘୁରାଜପୁର ପଟ୍ଟଚିତ୍ର ପାଇଁ ଖ୍ୟାତ। ଏହା ପର୍ଯ୍ୟଟନ ଓ ତୀର୍ଥ ନଗରୀ ପୁରୀ ଠାରୁ ଅଳ୍ପଦୂରରେ ଅବସ୍ଥିତ। ଏହି ଗାଁଟି ଏକ ଶିଳ୍ପୀ ଗ୍ରାମ ଭାବେ ପରିଚିତ। ଏହି ଗାଁ ପଟ୍ଟଚିତ୍ର, ତାଳପତ୍ର କଳା, ପାରମ୍ପରିକ ପଥର ଖୋଦେଇ କାମ ଓ ମୂର୍ତ୍ତି ନିର୍ମାଣ ପାଇଁ ବେଶ୍ ପ୍ରସିଦ୍ଧ। ଏହି ଗାଁର ଆଉ ଏକ ବିଶେଷତ୍ୱ ହେଲା କାଗଜ, ମଣ୍ଡ, ବିଭିନ୍ନ ତନ୍ତୁ ଓ ଧାତୁରେ ମିଶ୍ରିତ (ପେପର ମ୍ୟାସେ) ସାମଗ୍ରୀ ଏଠାରେ ତିଆରି ହୁଏ। ଏହି ଶିଳ୍ପୀ ଗ୍ରାମରେ



ପାରମ୍ପରିକ ଭାବେ ହସ୍ତଶିଳ୍ପ ଗଢ଼ିଉଠିଛି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ସହିତ ଏହି ଗାଁଟି ସଂଯୁକ୍ତ। ଏହି ଗାଁରେ ମାତ୍ର ୧୪୦ଟି ପରିବାର ବାସ କରନ୍ତି ଏବଂ ଏହା ବୋଧହୁଏ ଦେଶର ଏକମାତ୍ର ଗ୍ରାମ, ଯେଉଁଠାରେ ପ୍ରତ୍ୟେକ ପରିବାର ହସ୍ତତନ୍ତ କାର୍ଯ୍ୟରେ ସମ୍ପୃକ୍ତ। ଗାଁରେ ଗୋଟିଏ ହସ୍ତଶିଳ୍ପ ପାଠାଗାର (କ୍ରାଫ୍ଟ ଲାଇବ୍ରେରୀ) ରହିଛି। ଏହାଛଡ଼ା ଗାଁରେ ଏକ ବ୍ୟାଖ୍ୟା କେନ୍ଦ୍ର (ଇଣ୍ଟରପ୍ରିଟେସନ ସେଣ୍ଟର), ଏକ ଆଖଡ଼ା (ଆମ୍ଫିଥିଏଟର)ଓ ଅତିଥିଶାଳା ଅଛି। ଏହି ଗାଁରେ କେବଳ ଭାରତୀୟ ନୁହଁନ୍ତି ବିଦେଶୀମାନଙ୍କୁ ମଧ୍ୟ ହସ୍ତଶିଳ୍ପ ଶିକ୍ଷା ଓ ରୋଜଗାରରେ ନିୟୋଜିତ କରାଯାଇଛି। ପର୍ଯ୍ୟଟନ ଏହି ଗାଁଟିକୁ ଏକ ନୂଆ ପରିଚୟ ଦେଇଛି। ରଘୁରାଜପୁରର ପରିଚୟ ଓ ଖ୍ୟାତିକୁ ପୁଞ୍ଜି କରି ଆଖପାଖର ଗାଁଗୁଡ଼ିକ ମଧ୍ୟ ବିଭିନ୍ନ ଉପାୟରେ ଲାଭବାନ୍ ହେଉଛନ୍ତି।

ସୀମିତ ହେଲେ ମଧ୍ୟ ଏହି ପ୍ରୟାସ ଦ୍ୱାରା ପାରମ୍ପରିକ ହସ୍ତଶିଳ୍ପ ଓ ବୟନ ଉଦ୍ୟୋଗ ଏକ ନୂଆ ରୂପ ପାଇଛି। ଏହା ମଧ୍ୟ ଅର୍ଥନୈତିକ ଅଭିବୃଦ୍ଧି ପ୍ରକ୍ରିୟାକୁ ନିଜର ଅବଦାନ ଯୋଗାଉଛି। ବୟନ କ୍ଷେତ୍ର ଦେଶର ଏକ ପ୍ରାଚୀନ ଉଦ୍ୟୋଗ। ଏହି ଉଦ୍ୟୋଗର ବର୍ତ୍ତମାନର ବ୍ୟବସାୟ / କାରବାର ପରିମାଣ ଏବେ ପ୍ରାୟ ୧୫,୦୦୦ କୋଟି ଡଲାର। ଏହା ଯେଉଁ ଗତିରେ ବଢ଼ୁଛି ଖୁବ୍ ଶୀଘ୍ର ଏହା ୨୫,୦୦୦ କୋଟି ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ପରିମାଣ ଦୃଷ୍ଟିରୁ ଏହି ଉଦ୍ୟୋଗର ଅଂଶ ଦେଶର ମୋଟ୍ ଶିଳ୍ପ ଉତ୍ପାଦନର ସାତ ଭାଗ। ଦେଶର ରପ୍ତାନୀ ଜନିତ ଆୟରେ ଏହି ଉଦ୍ୟୋଗର ଅଂଶ ୧୫ ଶତାଂଶ। ୨୦୧୭-୧୮ ହିସାବ ଅନୁସାରେ ଦେଶର ଜିଡିପିରେ ଏହି ଉଦ୍ୟୋଗର ଅଂଶ ୨ ଶତାଂଶ। ୨୦୧୭-୧୮ରେ ଦେଶର ବୟନ ସାମଗ୍ରୀ ରପ୍ତାନୀର ମୂଲ୍ୟ ଥିଲା ୩୯.୨ ବିଲିୟନ ଡଲାର।



ସମାନ ଭାବେ ୨୦୧୮-୨୦୧୯ ଆର୍ଥିକ ବର୍ଷର ପ୍ରଥମ ସାତ ମାସ ମଧ୍ୟରେ ଭାରତର ବସ୍ତ୍ର, ପୋଷାକ ଓ ବୟନ ଜାତ ସାମଗ୍ରୀ ରପ୍ତାନୀ ପରିମାଣ ଥିଲା ୨୨.୯ ବିଲିୟନ ଡଲାର (ଏକ ବିଲିୟନ =୧୦୦କୋଟି)। ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହା ଆହୁରି ଯଥେଷ୍ଟ ବଢ଼ିଥିବା ଆଶା କରାଯାଏ। ଚୀନ୍ ପରେ ଭାରତର ଏହି ଉଦ୍ୟୋଗ ଦ୍ୱିତୀୟ ସର୍ବାଧିକ ଉତ୍ପାଦକ ଓ ରପ୍ତାନୀକାରୀ ମର୍ଯ୍ୟାଦା ହାସଲ କରିବାକୁ ଯାଉଛି। ଏହି ଉଦ୍ୟୋଗ ମଧ୍ୟ ଦେଶର ସମୃଦ୍ଧ ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ। ଭାରତରେ ଉତ୍ପାଦିତ ବୟନ ସାମଗ୍ରୀ ଓ ପୋଷାକପତ୍ରର ୪୫ ଭାଗ ବିକଶିତ ଦେଶଗୁଡ଼ିକୁ ରପ୍ତାନୀ ହେବା ଏହାର ସମୃଦ୍ଧ ବୟନ ଶିଳ୍ପ କଳାର ବିଶେଷତ୍ୱ ତଥା ଲୋକପ୍ରିୟତାକୁ ପ୍ରମାଣ କରେ।

ବୟନ ଓ ହସ୍ତଶିଳ୍ପ ଭାରତରେ ନିଯୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ। ସର୍ବଶେଷ ସର୍ବେକ୍ଷଣ ତଥ୍ୟ ଅନୁସାରେ ସଂଗଠିତ ବୟନ ଓ ପୋଷାକପତ୍ର ପ୍ରସ୍ତୁତି ଉଦ୍ୟୋଗରେ ୨୦୧୫-୧୬ରେ ୨୬,୪୮,୨୩୮ ଜଣ ଓ ୨୦୧୬-୧୭ ବର୍ଷ ସୁଦ୍ଧା ୨୬,୯୪,୨୮୦ ଲୋକ ନିଯୁକ୍ତ ଥିଲେ। ଏହାଛଡ଼ା ହସ୍ତତନ୍ତ ଉଦ୍ୟୋଗ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ୪୩ ଲକ୍ଷ ବୁଣାକାରଙ୍କୁ କର୍ମନିଯୁକ୍ତି ଯୋଗାଉଛି। ଦେଶରେ ହସ୍ତତନ୍ତ କାରିଗରଙ୍କ ସଂଖ୍ୟା ୬୮.୮୬ଲକ୍ଷ। ହସ୍ତତନ୍ତ ଓ ହସ୍ତଶିଳ୍ପ ଉଦ୍ୟୋଗରେ ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ୧୧୧ ଲକ୍ଷ ଲୋକ ନିଯୁକ୍ତ ଅଛନ୍ତି।

**ହସ୍ତଶିଳ୍ପ ଉଦ୍ୟୋଗ:**

ଭାରତରେ ହସ୍ତଶିଳ୍ପ ଉଦ୍ୟୋଗ ମୁଖ୍ୟତଃ ଅସଂଗଠିତ ଓ ବିବିଧ। ମୋଟାମୋଟି ୩୨ଟି ହସ୍ତଶିଳ୍ପ ବିଭାଗରେ ୭୦ ଲକ୍ଷ କାରିଗର କାମ

କରନ୍ତି। ଏହି କ୍ଷେତ୍ରକୁ ସଂଗଠିତ ଓ ମାନକୀକୃତ କରିବାର ଉଦ୍ୟମ ଅନ୍ତର୍ଗତ 'ପହଚାନ' କାର୍ଯ୍ୟକ୍ରମରେ ଏ ଯାଏଁ ୨୨.୮୫ ଲକ୍ଷ କାରିଗରଙ୍କୁ ଚିହ୍ନଟ ଓ ପଞ୍ଜୀକୃତ କରାଯାଇଛି। ଏହାଛଡ଼ା ୩୫ଟି ହସ୍ତଶିଳ୍ପ ବିପନ୍ନ ଶ୍ରେଣୀଭୁକ୍ତ ହେବା ସହ ତାହାର ସୁରକ୍ଷା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେହିଭଳି ୯୨ଟି ହସ୍ତଶିଳ୍ପକୁ ଭୌଗୋଳିକ ମାନ୍ୟତା (ଜିଆଇ) ପ୍ରଦାନ କରାଯାଇଛି।



କାର୍ପେଟର ମାନ ରକ୍ଷାପାଇଁ ଏକ ରେଟିଂ (ମାନ୍ୟତା) ପ୍ରଦାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ମୁଖ୍ୟତଃ ହାତରେ ତିଆରି। ଏସବୁ ସାମଗ୍ରୀର ସୌନ୍ଦର୍ଯ୍ୟ ସଂପୃକ୍ତ କାରିଗରଙ୍କ କୁଶଳୀ ହାତ ଉପରେ ନିର୍ଭର କରେ। ଜଣେ କଳାକାର ଦ୍ୱାରା ସମାନ କଞ୍ଚାମାଲରେ ନିର୍ମିତ ସାମଗ୍ରୀ ମଧ୍ୟ ଏକାପରି ନ'ହୋଇ ଭିନ୍ନ ଭିନ୍ନ ହୋଇଥାଏ। ଅତଏବ ଏକ ହସ୍ତଶିଳ୍ପ ସାମଗ୍ରୀର ପ୍ରାମାଣିକତା ଜାହିର କରିବା ପାଇଁ ଏକ ସଂକେତ ବ୍ୟବହାର କରିବା ଯୋଜନା ବିଷୟରେ ଉଦ୍ୟମ ଚାଲିଛି। ଏହାଛଡ଼ା ସିଧାସଳଖ ବଜାର ସମ୍ପର୍କ ଓ ସୂଚନା ପାଇବା ପାଇଁ ଏକ ପୋର୍ଟାଲର ବ୍ୟବସ୍ଥା କରାଯାଇଛି। ଏହା ଫଳରେ ଦୂରଦୂରାନ୍ତରେ ରହୁଥିବା କାରିଗର ଓ ବୁଣାକାରମାନେ ଉପକୃତ ହେଉଛନ୍ତି। 'ପହଚାନ' ବ୍ୟବସ୍ଥାରେ ପଞ୍ଜୀକୃତ ଯେକୌଣସି କାରିଗର ଏହି ପୋର୍ଟାଲକୁ ବ୍ୟବହାର କରିପାରିବେ। ଏପର୍ଯ୍ୟନ୍ତ ୩୦୨ ଜଣ କାରିଗର ଏହି ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି।

**କାର୍ପାସ:**

କପା ବା ତୁଳା ଏବଂ ଏଥିରୁ ନିର୍ମିତ ସୂତା ବୟନ ଉଦ୍ୟୋଗର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଅନୁସାରେ ଚଳତ ଋତୁରେ (୨୦୧୮ରେ ଅକ୍ଟୋବର ୧ ରୁ ୨୦୧୯ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ) ଦେଶର ତୁଳା ରପ୍ତାନୀ ପ୍ରାୟ ୫୦ ଲକ୍ଷ ଗାଣ୍ଠି କମିବ। ଭାରତରେ ଗୋଟିଏ ଗାଣ୍ଠି ତୁଳାର ଓଜନ ପ୍ରାୟ ୧୭୮ କିଲୋଗ୍ରାମ। ଗତବର୍ଷ କମ୍ ଉତ୍ପାଦନ ହେତୁ ଭାରତର ତୁଳା ରପ୍ତାନୀ ୬୯ ଲକ୍ଷ ଗାଣ୍ଠି କମିଥିଲା। ଗୁଜରାଟ, କର୍ଣ୍ଣାଟକ, ତେଲଙ୍ଗାନା ଓ ମହାରାଷ୍ଟ୍ର ଭଳି ପ୍ରମୁଖ କପାଚାଷ ଅଞ୍ଚଳରେ ଆବଶ୍ୟକ ବର୍ଷାର ଅଭାବ ଯୋଗୁ ତୁଳା ଅମଳ କମିଛି। ଫଳରେ ଗତ ନ'ବର୍ଷ ମଧ୍ୟରେ ସବୁଠୁ ଅଧିକ ତୁଳା ରପ୍ତାନୀ କମିବ।

**ବୟନ ଉଦ୍ୟୋଗର ଆହ୍ୱାନ:**

ବୟନ ଉଦ୍ୟୋଗର ଅଭିବୃଦ୍ଧି କେବଳ ଘରୋଇ ବଜାର ଉପରେ ନିର୍ଭର କରେନାହିଁ। ଏଥିପାଇଁ ରପ୍ତାନୀ ଓ ବାହ୍ୟ ବଜାରର ଆବଶ୍ୟକତା ରହିଛି। ବାଣିଜ୍ୟିକ ତଥ୍ୟାବଳୀ ଅନୁସାରେ ୨୦୧୮ ଏପ୍ରିଲ-ଡିସେମ୍ବର ମଧ୍ୟରେ ଏହି ଉଦ୍ୟୋଗ ମୋଟ୍ ୨୬.୬୩ ବିଲିୟନ ଡଲାର ମୂଲ୍ୟର କାର୍ପାସ ସାମଗ୍ରୀ ରପ୍ତାନୀ କରିଥିଲା। ପୂର୍ବ ବର୍ଷର ସେହି ସମୟର ରପ୍ତାନୀ ମୂଲ୍ୟ ଠାରୁ ଏହା ୨.୫ ଶତାଂଶ

ଭାରତରେ ବୟନ ଉଦ୍ୟୋଗର ମାନୁଫାକଚରିଙ୍ଗ ବା ଉତ୍ପାଦନ ଖର୍ଚ୍ଚ ଅଧିକ। ଏହାର କାରଣ ହେଲା ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବୟନ ଶିଳ୍ପଗୁଡ଼ିକ ବିଖଣ୍ଡିତ। ଆଉ ଏକ ବଡ଼ ସମସ୍ୟା ହେଲା ବୟନ ସାମଗ୍ରୀ ଉପରେ ଅଧିକ ଶୁଳ୍କ ବା ଟିକସ। ୟୁରୋପୀୟ ସଂଘ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବଜାରରେ ଭାରତୀୟ ବୟନସାମଗ୍ରୀ ଉପରେ ୯.୬ଭାଗ ରପ୍ତାନୀ ଶୁଳ୍କ ଲାଗୁ ହେଉଥିବାବେଳେ ବାଂଲାଦେଶ, ଶ୍ରୀଲଙ୍କା, ତୁର୍କୀ ଓ ପାକିସ୍ଥାନୀ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ହୁଏ ନାହିଁ। ଏହା ଫଳରେ ସେସବୁ ଦେଶର ସାମଗ୍ରୀ ସେଠାରେ ଶସ୍ତାରେ ବିକ୍ରି ହୋଇଥାଏ ଓ ଭାରତର ବେପାର ପ୍ରଭାବିତ ହୁଏ।

ଅଧିକ। ତେବେ ଭାରତର ଏ କ୍ଷେତ୍ରରେ ଯେଉଁ ସମ୍ଭାବନା ଓ ସାମର୍ଥ୍ୟ ରହିଛି ତଦନୁସାରେ ରପ୍ତାନୀ ହୋଇପାରିନାହିଁ। ଏଥିପାଇଁ ଅବଶ୍ୟ ଅନେକ କାରଣ ରହିଛି।

ଭାରତରେ ବୟନ ଉଦ୍ୟୋଗର ମାନୁଫାକଚରିଙ୍ଗ ବା ଉତ୍ପାଦନ ଖର୍ଚ୍ଚ ଅଧିକ। ଏହାର କାରଣ ହେଲା ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ବୟନ ଶିଳ୍ପଗୁଡ଼ିକ ବିଖଣ୍ଡିତ। ଆଉ ଏକ ବଡ଼ ସମସ୍ୟା ହେଲା ବୟନ ସାମଗ୍ରୀ ଉପରେ ଅଧିକ ଶୁଳ୍କ ବା ଟିକସ। ୟୁରୋପୀୟ ସଂଘ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବଜାରରେ ଭାରତୀୟ ବୟନସାମଗ୍ରୀ ଉପରେ ୯.୬ଭାଗ ରପ୍ତାନୀ ଶୁଳ୍କ ଲାଗୁ ହେଉଥିବାବେଳେ ବାଂଲାଦେଶ, ଶ୍ରୀଲଙ୍କା, ତୁର୍କୀ ଓ ପାକିସ୍ଥାନୀ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ହୁଏ ନାହିଁ। ଏହା ଫଳରେ ସେସବୁ ଦେଶର ସାମଗ୍ରୀ ସେଠାରେ ଶସ୍ତାରେ ବିକ୍ରି ହୋଇଥାଏ ଓ ଭାରତର ବେପାର ପ୍ରଭାବିତ ହୁଏ।

ଏବେ ଏହି ସବୁ ସମସ୍ୟାର ମୁକାବିଲା ପାଇଁ ପୋଷାକ ଏବଂ ତତ୍‌ସଂଲଗ୍ନ କ୍ଷେତ୍ର ନିମନ୍ତେ ଏକ ପ୍ୟାକେଜ ପ୍ରସ୍ତୁତ ହୋଇଛି। ସେଥି ମଧ୍ୟରେ ରହିଛି ରାଜ୍ୟ ଟିକସ (ଲେଭି)ରେ ରିଆତି, ଶ୍ରମ ଆଇନରେ ସଂସ୍କାର, ଆୟକର ରିଆତି ଓ ରପ୍ତାନୀକାରୀଙ୍କୁ ସହାୟତା ଯୋଗାଣ। ଏହି କ୍ଷେତ୍ରରେ ବ୍ୟବହୃତ କଞ୍ଚା ମାଲ୍ ଯଥା ତୁଳା, ସୂତା ସହିତ ଉତ୍ପାଦିତ ବସ୍ତ୍ର, କପଡ଼ାକୁ ମୂଲ୍ୟ ମିଶ୍ରିତ ଶୃଙ୍ଖଳାର ଅନ୍ତର୍ଭୁକ୍ତ କରିବାକୁ ପ୍ରୟାସ କରାଯାଉଛି। ଏହା ଫଳରେ ବାହାର ବଜାରରେ ଭାରତୀୟ କାର୍ପାସ ସାମଗ୍ରୀ ପ୍ରତିଯୋଗିତା କରିବାକୁ ଅବଶ୍ୟ ସକ୍ଷମ ହେବ। ରପ୍ତାନୀ ଜନିତ ପରିବହନ ଖର୍ଚ୍ଚ ଉପରେ ମଧ୍ୟ ରିଆତି ପରିମାଣକୁ ଇତିମଧ୍ୟରେ ୩ ରୁ ୫ ଶତାଂଶକୁ ବୃଦ୍ଧି କରାଯାଇଛି।



**ଭବିଷ୍ୟତ:**

ବିଭିନ୍ନ ସମସ୍ୟା ଓ ଆହ୍ୱାନ ସତ୍ତ୍ୱେ ଭାରତୀୟ ବୟନ ଉଦ୍ୟୋଗର ଭବିଷ୍ୟତ ଉଜ୍ଜ୍ୱଳ ମନେ ହେଉଛି। ଘରୋଇ ବଜାରର ପରିସର ବଢ଼ିବା ସହ ବିଦେଶରେ ଭାରତୀୟ କାର୍ପାସ ସାମଗ୍ରୀର ଚାହିଦା ବୃଦ୍ଧି ପାଉଛି। ଲୋକଙ୍କ ଆୟ ବୃଦ୍ଧି ଫଳରେ କାର୍ପାସ ବସ୍ତ୍ରର କ୍ରୟ ବଢୁଛି। ଅନେକ ନାମୀ ଓ ପ୍ରତିଷ୍ଠିତ ଦେଶୀ, ବିଦେଶୀ କମ୍ପାନୀ ଭାରତୀୟ ବୟନ ବଜାରରେ ପ୍ରବେଶ କରୁଛନ୍ତି। ସେମାନେ ନିଜି ନିଜର ଦୋକାନ ଓ ମଲ୍ ଖୋଲି ଏହାର ବ୍ୟବସାୟ ବଢ଼ାଉଛନ୍ତି। ଫଳରେ ଏହି କ୍ଷେତ୍ରର ଉତ୍ପାଦନ ଏବଂ ସଂପୃକ୍ତ ଉଦ୍ୟୋଗୀ ଓ କାରିଗରଙ୍କ ଆୟ ଉପରେ ଅନୁକୂଳ ପ୍ରଭାବ ପଡ଼ିଲାଣି। ଅନେକ କମ୍ପାନୀ ସିଧାସଳଖ ଉତ୍ପାଦକଙ୍କଠାରୁ ସାମଗ୍ରୀ କିଣି ବ୍ୟବସାୟ କରୁଛନ୍ତି। ଏହା ଏକ ଭଲ ଖବର। ଅବଶ୍ୟ ଏ କ୍ଷେତ୍ରରେ ଅନେକ ଆହ୍ୱାନଗୁଡ଼ିକ ରହିଛି, ଯାହା ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନଟି ହେଉଛି ରପ୍ତାନୀ କ୍ଷେତ୍ରରେ ପ୍ରତିଯୋଗିତାମୂଳକ ଦକ୍ଷତା ବୃଦ୍ଧି।

ଲେଖକ ହେଉଛନ୍ତି ଅର୍ଥନୀତି ବିଷୟରେ ସାମ୍ବାଦିକତା କରୁଥିବା ବୃତ୍ତିଧାରୀ।
**Email ID: hblshishir@gmail.com**

# ଓଡିଶାର ବୟନ କଳା- ଏକ ଦୃଷ୍ଟିପାତ

ମିନତୀ ପତି

ଓଡ଼ିଶା ରାଜ୍ୟ ଐତିହ୍ୟରେ ପରିପୂର୍ଣ୍ଣ, ଏହାର ପ୍ରାକୃତିକ ସଂପଦ, ଖଣି, ବନସମ୍ପଦ, କଳା, ସଂସ୍କୃତି ଅତ୍ୟନ୍ତ ନିଆରା ଓ ସ୍ୱତନ୍ତ୍ର । ବିଭିନ୍ନ କ୍ଷେତ୍ର ମାନଙ୍କ ମଧ୍ୟରେ ଯେଉଁଥିରେ ଆମ ରାଜ୍ୟ, ତା'ର ଏକ ପରିଚୟ ସୃଷ୍ଟି କରିପାରିଛି ବିଶ୍ୱ ଦରବାରରେ ତନ୍ମଧ୍ୟରୁ ବୟନ କଳା ଅନନ୍ୟ ଓ ଅନ୍ୟତମ। ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଅତୁଳନୀୟ । ଭାରତରେ କୃଷିପରେ ସର୍ବ ବୃହତ୍ ନିଯୁକ୍ତି ଦେବାରେ ଏହିକ୍ଷେତ୍ର ଅନ୍ୟତମ। ବହୁଳ ପରିମାଣରେ ଲୋକମାନେ ଏ କ୍ଷେତ୍ରରେ ନିଯୁକ୍ତି ପାଇ ସେମାନଙ୍କ ଜୀବିକା ନିର୍ବାହ କରୁଛନ୍ତି। ବହୁ ପ୍ରାଚୀନ ଯୁଗରୁ ଓଡ଼ିଶାର ବୟନ କଳା ଓଡ଼ିଶାର ଗର୍ବ ଗୌରବ ବୃଦ୍ଧି କରି ଆସୁଅଛି । ଏବଂ ଯୁଗର ପରିବର୍ତ୍ତନ ସହିତ ଠିକ୍ ଭାବରେ ତାଳ ଦେଇ ଆମର କୁଶଳୀ କାରିଗରମାନେ ମଧ୍ୟ ଏହି କଳାକୁ ସମୃଦ୍ଧ କରିବାକୁ ପଛେଇ ନାହାନ୍ତି। କାଳକାଳ ଧରି ଉତ୍କୃଷ୍ଟ ପରିଧାନ ଏକ ଉତ୍କୃଷ୍ଟ ସଭ୍ୟତାର ପରିଚାୟକ। ଆମର ହସ୍ତତନ୍ତ ବୟନ କଳା କେବଳ ଭାରତ ନୁହେଁ ବିଭିନ୍ନ ଦେଶ ବିଦେଶରେ ମଧ୍ୟ ଆଦୃତ ହୋଇ ଆସୁଅଛି । ଯେଉଁମାନେ ଥରେ ଆମର ଏହି କଳାର କମନୀୟତା ଦ୍ୱାରା ଆକୃଷ୍ଟ ହୋଇଛନ୍ତି ସେମାନଙ୍କ ନିରବଚ୍ଛିନ୍ନ ଆଦର ଆମର ବୁଣାକାରମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇ ଆସୁଛି ଆହୁରି ଉନ୍ନତ କରିବା ପାଇଁ। ଏହା ସେମାନଙ୍କ ତପସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ। ସମୟର ଗତିରେ ଏହି କଳା କାରିଗରୀ ଓ କୌଶଳ ଅଧିକରୁ ଅଧିକତର ମାର୍ଜିତ ହୋଇ ଚାଲିଛି । ଏହି ବୟନ କଳାର ସୌନ୍ଦର୍ଯ୍ୟ, ମୌଳିକତା ତଥା ଗୁଣବତ୍ତା ନିହାତି ଭାବେ ଉଚ୍ଚକୋଟୀର ।

ଓଡ଼ିଶା ହେଉଛି କଳାର ଗନ୍ତାଘର । ଏଠାରେ ହିଁ ଏହି କଳା ଉତ୍କର୍ଷ ଲାଭକରି ଚରମ ସୋପାନରେ ଉପନୀତ ହୋଇଛି। ବୟନକଳାରେ ଓଡ଼ିଶାର ପରମ୍ପରା ଋଦ୍ଧିମନ୍ତ। ଏହା ଉଲ୍ଲେଖଯୋଗ୍ୟ ଯେ ବୟନ ବିଦ୍ୟା ଆଧାରିତ ବସ୍ତ୍ରରେ ଅଳଙ୍କରଣ କଳାକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ। ଯଥା- (୧)- ଅଳଙ୍କରଣ ନକ୍ସା (Decorative Design) - ଏଥିରେ କପଡ଼ା ଉପରେ ବିଭିନ୍ନ ଧରଣର ଡିଜାଇନ କରାଯାଏ। ଏବଂ (୨) - ଗଠନ ନକ୍ସା (Structural Design) ଏଥିରେ ସୂତାର ମୋଟା, ଲମ୍ବ ଇତ୍ୟାଦି ଉପରେ ଗୁରୁତ୍ୱ ଦିଆଯାଏ।

ଏଇ ଉଭୟ ମଧ୍ୟରେ ପୁଣି ହଜାର ହଜାର ପ୍ରକାରର ଢ଼ାଞ୍ଚା କୌଶଳଯୁକ୍ତ ହୋଇ ବିଭିନ୍ନ ପ୍ରକାରରେ ଆମ ଦେଶରେ ବିକ୍ରୀ ହେଉଛି। ଅତି ପୁରାକାଳରୁ ଭାରତରେ ବୟନକ୍ରିୟା ଆରମ୍ଭ ହୋଇଛି। ଏପରିକି ବୈଦିକ ଯୁଗ ପୂର୍ବରୁ ମଧ୍ୟ ଏହି ବୟନ କଳା ଉନ୍ନତ ସ୍ତରକୁ ପହଞ୍ଚି ସାରିଥିବା ଆଭାସ ମିଳେ। ବୈଦିକ ଯୁଗରେ ସ୍ତ୍ରୀ' ମାନେ ବୁଣେଇରେ ବିଶେଷ ଭାଗ ନେଉଥିବାର ଅନେକ ପ୍ରମାଣ ମିଳେ। ଯଥା-

ବିତନ୍ୱତେ ଧିୟୋ ଅସ୍ମା ଅପାଂସି
ବସ୍ତ୍ରା ପୁତ୍ରାୟ ମାତରଂ ବୟନ୍ତି (ଋକ୍‌ବେଦ)

ଅର୍ଥାତ୍ ପୁତ୍ର ପାଇଁ ମାଆମାନେ ଏବଂ ସ୍ୱାମୀ ସକାଶେ ସ୍ତ୍ରୀମାନେ ବସ୍ତ୍ର ବୁଣିବାର ସାମାଜିକ ବିଧି ଥିଲା।

ଇଜିପଟ୍‌ର ବୟନ କଳା ପ୍ରାଚୀନ ହେଲେ ମଧ୍ୟ ଭାରତରେ ବସ୍ତ୍ର ଶିଳ୍ପ ଅଧିକ ପ୍ରାଚୀନ ବୋଲି ବିବେଚନା କରାଯାଏ। ଆଉ ଏକ ମତକ୍ରମେ ଆମଦେଶରେ ଏହି ବୟନ ବା ବସ୍ତ୍ର ଶିଳ୍ପ କେତେ ପୁରୁଣା ତାହା ଆକଳନ ମଧ୍ୟ କରାଯାଇପାରିନାହିଁ। ଜଣେ ପାଶ୍ଚାତ୍ୟ ଲେଖକଙ୍କ ମତରେ "It is evidently quite as old as their old-est Gods"। ଭାରତରେ ପ୍ରାଚୀନ କାଳରୁ କପାର ବ୍ୟବହାର ହେଉଛି ବୋଲି ବଳିଷ୍ଠ ପ୍ରମାଣ ମାନ ରହିଅଛି। ସିନ୍ଧୁ ସଭ୍ୟତା ଠାରୁ ଆରମ୍ଭ କରି

କପାର ବ୍ୟବହାର ହୋଇଆସୁଛି । ସେ ସମୟରେ ବୁଣାକାରର ଆସନ କେତେ ଉଚ୍ଚରେ ଥିଲା ତାହା "ପଦ୍ମ ପୁରାଣ"ର ନିମ୍ନ ଶ୍ଳୋକରୁ ଅନୁମାନ କରିହୁଏ ।

"ଅମାତ୍ୟ ରାଜପତ୍ନୀ ଚ କରଭସ୍ତନ୍ତୁବାୟକଃ ରାଜା ବିପ୍ରଶ୍ଚପଂଚେତ୍" ଅର୍ଥାତ୍ ଏକ ରାଜା ଜଣେ ତନ୍ତୁବାୟ ସହିତ ଏକତ୍ର ରାଜକାର୍ଯ୍ୟ ସଂପାଦନ କରୁଥିଲେ । ଓଡ଼ିଶାରେ ମେହେର ଜାତି ମଧ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଏହି ବୟନ କଳାରେ ସିଦ୍ଧ ହସ୍ତ । ସୂତା ଉପରେ ରଙ୍ଗ ଦେବାକୁ ବୋଲ କୁହାଯାଏ ଓ ଏହିକ୍ରମେ ଏହି ଜାତିକୁ ବୋଲିଆ ବା ଭୁଲିଆ କୁହାଯାଏ । ଡ଼େରା ବା ଦେବାଙ୍ଗ ଜାତି ମୁଳତଃ ଆନ୍ଧ୍ର ପ୍ରଦେଶର ଓ ଏମାନେ ଗଞ୍ଜାମ ବା ବ୍ରହ୍ମପୁରରେ ବସବାସ କରନ୍ତି । । ଏମାନେ ମଧ୍ୟ ସୁତା, ପାଟ, ମଠା, ଖଦଡ଼ ସୁତାରେ ଧୋତି, ଶାଢ଼ୀ, ଇତ୍ୟାଦି ବୁଣୁଥିଲେ । ଏ ଜାତିର ସ୍ତ୍ରୀ ଲୋକ ଓ ଝିଅମାନେ ମଧ୍ୟ ଏ ବିଦ୍ୟାରେ ବେଶ୍ ପାରଙ୍ଗମ । ଓଡ଼ିଶାର ଦକ୍ଷିଣାଂଚଳରେ ଆଉ ଏକ ପ୍ରସିଦ୍ଧ ବୁଣାକାର ଜାତି ହେଉଛନ୍ତି ରଙ୍ଗଣୀ । ଏମାନେ ହିଞ୍ଜିଳି କାଟୁ ଅଂଚଳରେ ବସବାସ କରନ୍ତି । ଏକ ମତ ଅନୁସାରେ ଏମାନେ ରଙ୍ଗ କରିବାରେ ନିପୁଣ ଥିବାରୁ ଏମାନଙ୍କର ଏପରି ନାମକରଣ କରାଯାଇଅଛି । ଏମାନେ ଗାମୁଛା, ଚାଦର, ଶାଢ଼ୀ ଆଦି ବୁଣିବାରେ କୁଶଳୀ ।

ଶ୍ରାବକ ବା ସରାକ ଜାତି ବାନ୍ଧ ଓ ହସ୍ତକାମରେ ବିଭିନ୍ନ ଡ଼ିଜାଇନ୍ ଓ ଢ଼ାଂଚାର ଶାଢ଼ୀ, ମାଣିଆ ବନ୍ଧୀ ଯୋଡ଼ି ଯାହାକି ପୁରୁଷମାନଙ୍କ ପାଇଁ ପିନ୍ଧା ଚଦର ତାହା ବୁଣିବାରେ ଦକ୍ଷ ।

ଏତଦ୍ ବ୍ୟତୀତ ନୂଆ ପାଟଣା ଅଂଚଳରେ ଗୌଡ଼ୀୟ ପାଟରା ଓ ଅଶିନି ପାଟରା ମାନେ ବହୁ ସଂଖ୍ୟାରେ ବସବାସ କରନ୍ତି । ଏମାନେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀ ଅଙ୍ଗ ଲାଗି ବିଭିନ୍ନ ଧରଣର ଲୁଗା ବୁଣି ଆସୁଛନ୍ତି । ପଶ୍ଚିମ ଓଡ଼ିଶାର



ଆଉ ଏକ ପ୍ରସିଦ୍ଧ ବୁଣାକାର ସଂପ୍ରଦାୟ ହେଉଛି କୋଷ୍ଟା । ସମ୍ବଲପୁର, ବରଗଡ଼, ସୋନପୁର, ରେମଣ୍ଡା, ଭେଡ଼େନ, ବରପାଲିରେ ଏମାନେ ବସବାସ କରନ୍ତି । କିନ୍ତୁ କୋଷ୍ଟା ଜାତିର ବୁଣାକାରମାନେ ପ୍ରାୟତଃ ସୂତା କାମ କରନ୍ତି ନାହିଁ । ଏମାନେ ମଠା, ପାଟରେ ବିଭିନ୍ନ ଧରଣର ଗାମୁଛା, ଶାଢ଼ୀ, ଧୋତି, ଥାନ୍ ଇତ୍ୟାଦି ବୁଣନ୍ତି । ଏମାନେ ବୁଟା କାମ, ଏବଂ ଅଂଚା କାମରେ ବେଶ୍ ଦକ୍ଷ । ମେହେର ଜାତି ବାନ୍ଧ କଳା ପାଇଁ ପ୍ରସିଦ୍ଧ । ଓଡ଼ିଶାର ବୟନ କଳାରେ ବାନ୍ଧ କଳାର ସ୍ଥାନ ସ୍ୱତନ୍ତ୍ର । ସମଗ୍ର ଦେଶରେ ମୁଖ୍ୟତଃ ତିନୋଟି ପ୍ରଦେଶରେ ବାନ୍ଧ କଳାଦ୍ୱାରା ବସ୍ତ୍ରକୁ ଅଳଂକୃତ ଓ ଶୋଭିତ କରିବାର ପରମ୍ପରା ଓ ପ୍ରଚଳନ ଦେଖିବାକୁ ମିଳିଥାଏ । ସେଇ ପ୍ରଦେଶ ଗୁଡ଼ିକ ହେଲା- ଗୁଜୁରାଟ, ଆନ୍ଧ୍ର ଓ ଓଡ଼ିଶା । ଗୁଜୁରାଟର ବାନ୍ଧ କାମ ଅତି ସମୟ ସାପେକ୍ଷ ଓ ସାରାଦେଶରେ ଆଦୃତ ତଥା ପ୍ରଶଂସିତ । ଏହା ହାତରେ ସଂପୂର୍ଣ୍ଣ ଭାବେ ତିଆରି । କିନ୍ତୁ ଓଡ଼ିଶା ବାନ୍ଧକଳାର ରସ ଓ ସୌନ୍ଦର୍ଯ୍ୟବୋଧ ଦିଗରୁ ଏହା ଚରମ ଉତ୍କର୍ଷରେ ପହଂଚି ପାରିଛି । ବାନ୍ଧକଳାରେ ସୂତାଗୁଡ଼ିକ ଗଣ୍ଠି କରି ସେଥିରେ ଅନେକ ରଙ୍ଗଦେଇ ବିଭିନ୍ନ ଢ଼ାଂଚାର ପରିକଳ୍ପନା କରାଯାଏ । ଗଛଲତା, ବିଭିନ୍ନ ପଶୁପକ୍ଷୀ, ମାଛ, ଶଙ୍ଖ, ମନ୍ଦିରର ଚୂଡ଼ା ଇତ୍ୟାଦିକୁ ବିଷୟ ବସ୍ତୁ ଭାବେ ଗ୍ରହଣ କରାଯାଇ ଅନେକ ପରିକଳ୍ପନାର ପରିପ୍ରକାଶ କରାଯାଏ । ଓଡ଼ିଶାର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ମନମୁଗ୍ଧକର, ଚିତ୍ତାକର୍ଷକ ଟସର ସିଲ୍କ ତଥା ସୂତା ଶାଢ଼ୀ ତିଆରି ହୁଏ । ଏହି ଶାଢ଼ୀ ଗୁଡ଼ିକର ଉଜ୍ଜ୍ୱଳତା, ଚମକ ଓ ବୟନ ପ୍ରକ୍ରିୟା ଅନୁପମ । ସମ୍ବଲପୁର ଓ ବରଗଡ଼ ତଥା ସୋନପୁରର ସମ୍ବଲପୁରୀ ସକଟାପର ଶାଢ଼ୀ, ଗଞ୍ଜାମର ବୋମ୍‌କାଇ, ଖଣ୍ଡୁଆ ପାଟ ବିଶ୍ୱ ଦରବାରରେ ମଧ୍ୟ ବହୁଳ ଭାବରେ ଆଦୃତ ।

ବରଗଡ଼ର ସମ୍ବଲପୁରୀ ବସ୍ତ୍ରାଳୟ ୧୯୫୪ ମସିହାରେ ପଦ୍ମଶ୍ରୀ ଡ଼: କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା ଓ ପରେଏହା ଏକ ହସ୍ତତନ୍ତ ସହଯୋଗ ସମିତି ଭାବେ ପଞ୍ଜୀକୃତ ହୋଇଥିଲା । ପ୍ରଥମେ ଏହାର ମୂଳଲକ୍ଷ୍ୟ ଥିଲା ଉଚ୍ଚକୋଟୀର ସୂତା ତିଆରି କରିବା । ପରବର୍ତ୍ତୀ

ସମୟରେ ହସ୍ତତନ୍ତର ପ୍ରୋତ୍ସାହନ ପାଇଁ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସୂତାକୁ ଗଣ୍ଠି କରି ରଙ୍ଗ ଦେବା (Tie and Dye), IKAT ପଦ୍ଧତିରେ ଅନେକ ଚମତ୍କାର ଓ ସୁନ୍ଦର ଲୁଗା ତିଆରି କରାଯାଉଛି । ଏହିଲୁଗା ସମସ୍ତଙ୍କର ପ୍ରିୟ ଓ ସବୁ ଉତ୍ସବରେ ଓଡ଼ିଶାର ଲୋକେ ଖୁସିର ସହିତ ବ୍ୟବହାର କରନ୍ତି । ଏହି ଲୁଗାର ସୂତା ବି ଅତି ଉଚ୍ଚ ଶ୍ରେଣୀର ଏବଂ ଏହାର ଔଜ୍ଜ୍ୱଲ୍ୟ ମଧ୍ୟ ଦୀର୍ଘସ୍ଥାୟୀ, ପିନ୍ଧିବାକୁ ସୁଖଦ ମଧ୍ୟ । ବିଭିନ୍ନ ଶ୍ରେଣୀର ଯଥା ଅନୁସୁଚିତ ଜାତି, ଜନଜାତିର ଉଭୟ ପୁରୁଷ ଓ ମହିଳା ଏହି ଶିଳ୍ପ ପାଇଁ ରୋଜଗାର ପାଇ ପାରୁଛନ୍ତି । ଏହି ଶିଳ୍ପ ଗରୀବ ବୁଣାକାର ଗୋଷ୍ଠୀମାନଙ୍କୁ ତାଙ୍କର ଆର୍ଥିକ ସ୍ଥିତି ତଥା ସାମାଜିକ ସ୍ଥିତିରେ ଉନ୍ନତି ଆଣିବାରେ ଏକ ପ୍ରମୁଖ ଓ ଗୁରୁ ଦାୟିତ୍ୱ ବହନ କରେ । କପଡ଼ା, ରଙ୍ଗର ଗୁଣବତ୍ତା, କଳା କୌଶଳକୁ ଭିତ୍ତିକରି ସମ୍ବଲପୁରୀ ବସ୍ତ୍ରାଳୟ ଉଭୟ ଜାତୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ବହୁ ସୁନାମ ଅର୍ଜନ କରି ସାରିଛି । ପ୍ରତିଷ୍ଠା ବେଳଠାରୁ ଆଜି ପର୍ଯ୍ୟନ୍ତ ଏହି ବସ୍ତ୍ରାଳୟ ସମିତି ଉଭୟ ଉତ୍ପାଦନ ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରୀ ଏହି ଦୁଇଟି ଦିଗ ପ୍ରତି ସମାନ ଭାବରେ ପ୍ରୟତ୍ନଶୀଳ । ଜାତୀୟ ସ୍ତରରେ ହସ୍ତତନ୍ତକୁ ପ୍ରୋତ୍ସାହନ ଦେବା ଏହାର ଏକମାତ୍ର ଉଦ୍ଦେଶ୍ୟ ।

ସମ୍ବଲପୁରୀ ବସ୍ତ୍ରାଳୟ ଅଧୀନରେ ୪୩ଟି ଉତ୍ପାଦନ କେନ୍ଦ୍ର ଅଛି ଓ ବର୍ତ୍ତମାନ ପ୍ରାୟ ୫୦୦୦ ଜଣ ଦକ୍ଷ କୁଶଳୀ ବୁଣାକାର ଏଥିରେ ପ୍ରତ୍ୟକ୍ଷ ଭାବେ ନିୟୋଜିତ । ଚାହିଦା ଓ ଆବଶ୍ୟକତା ଅନୁଯାୟୀ, ଏହା ବ୍ୟତୀତ ଆହୁରି ୨୫ଟି ପ୍ରାଥମିକ ବୁଣାକାର ସମବାୟ ସମିତି ଅଛି ଯାହା ମଧ୍ୟରୁ ୯୦ ଟି ସହଯୋଗୀ ସମିତି (Associate Society) ଓ ଉତ୍ପାଦନ ପ୍ରତିନିଧି ମାନେ ବଢୁଥିବା ଚାହିଦା ପୂରଣ କରିବା ପାଇଁ ପ୍ରୟତ୍ନଶୀଳ । ବସ୍ତ୍ରାଳୟ ଅଧୀନରେ ମୋଟ ତନ୍ତ ସଂଖ୍ୟା ହେଉଛି ୫୧୮୯ ରୁ ଅଧିକ ଓ ତନ୍ମଧ୍ୟରୁ କାର୍ଯ୍ୟକ୍ଷମ ତନ୍ତ ୩୪୫୦ ।

ସ୍ୱାଧୀନତା ପୂର୍ବରୁ ବୟନ ଶିଳ୍ପରେ ଆଖିଦୃଶିଆ ଉନ୍ନତି ହୋଇନଥିଲା । କିନ୍ତୁ ୧୯୫୦ ପରେ ଏହି ଶିଳ୍ପର ବିକାଶ ପାଇଁ ଅଖିଳ ଭାରତୀୟ ହସ୍ତତନ୍ତ ବୋର୍ଡ଼ ପ୍ରତିଷ୍ଠା କରାଗଲା ।

୧୯୫୪ରେ ଟେକ୍ସଟାଇଲ ଇନକ୍ୱାରୀ କମିଟୀ ତାଙ୍କ ରିପୋର୍ଟ ଦାଖଲ କଲେ । ଏଥିରେ କେତେକ ହସ୍ତତନ୍ତକୁ ଶକ୍ତି ଚାଳିତ ତନ୍ତରେ ପରିଣତ କରିବା ସକାଶେ ସୁପାରିଶ କରାଗଲା । ଏହାର ତାତ୍ପର୍ଯ୍ୟ ଥିଲା ଦେଶରେ ବସ୍ତ୍ର ଉତ୍ପାଦନକୁ ବହୁଳ ଭାବରେ ବୃଦ୍ଧି କରିବା । କିନ୍ତୁ ଏହାର ଅନ୍ୟଏକ ଦିଗଥିଲା ବେକାରୀ ସମସ୍ୟା ଅନୁପାତରେ ବୃଦ୍ଧି । ଏଣୁ ଏହା ଗ୍ରହଣୀୟ ହେଲାନାହିଁ । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା (୧୯୫୬-୬୧) ଓ ପରେ ତୃତୀୟ ପଞ୍ଚବାର୍ଷିକ ଯୋଜନାରେ ଏ କ୍ଷେତ୍ରର ବିକାଶ ପାଇଁ ପ୍ରଥମ ଥର ସକାଶେ ଯଥାସମ୍ଭବ ଆର୍ଥିକ ବ୍ୟବସ୍ଥା କରାଗଲା । ଏହା ପୂର୍ବରୁ ୧୯୫୫ରେ ଯୋଜନା କମିଶନ ଏକ କମିଟି ଗଠନ କଲେ । ଏହାର ନାମ ଥିଲା 'ଗ୍ରାମ୍ୟ କ୍ଷୁଦ୍ରଶିଳ୍ପ କମିଟି' । ରାଜ୍ୟ ପିଛା କ୍ଷୁଦ୍ରଶିଳ୍ପର ବିକାଶ ସକାଶେ ବାର୍ଷିକ ଖର୍ଚ୍ଚ ସୀମା ନିର୍ଦ୍ଦିଷ୍ଟ କରିବା ଏହାର ଉଦ୍ଦେଶ୍ୟ ଥିଲା । ୧୯୫୮ର ଶେଷାଂଶରେ ଗୋଟିଏ କାର୍ଯ୍ୟକାରୀ ଦଳ ଗଠନ କରାଗଲା, ଯାହାକି ଅଖିଳ ଭାରତ ହସ୍ତତନ୍ତ ବୋର୍ଡକୁ କେତୋଟି ସୁପାରିସ



କରିଥିଲେ । ଏହାମଧ୍ୟରୁ କେତୋଟିକୁ ବାଦ୍ ଦେଇ ବାକି ସବୁ ମଞ୍ଜୁର ହୋଇଥିଲା । ତୃତୀୟ ଯୋଜନା କାଳରେ ହସ୍ତତନ୍ତ ବୁଣାକାରମାନଙ୍କୁ ସଂପୂର୍ଣ୍ଣ କର୍ମ ଯୋଗାଣ ମାଧ୍ୟମରେ ହସ୍ତତନ୍ତର ଉତ୍ପାଦନ ବୃଦ୍ଧି ମୁଖ୍ୟ ଲକ୍ଷ୍ୟ ଭାବରେ ଉଲ୍ଲିଖିତ ରହିଲା ଓ ଏହା ମଧ୍ୟ ସୂଚାଇ ଦିଆଗଲା ଯେ ହସ୍ତତନ୍ତ ବୁଣାକାରଙ୍କୁ ଋଣ ସାହାଯ୍ୟ ଅଧିକ ସୁଗମ ଓ ସରଳ ପ୍ରଣାଳୀରେ ପ୍ରଦତ୍ତ ହେବ ଯାହାଦ୍ୱାରା ସେମାନଙ୍କ ପକ୍ଷରେ ଅଧିକ ଅଂଶଧନ ଭିତ୍ତିରେ ଆନୁଷ୍ଠାନିକ ବିତ୍ତୀୟ ଅନୁଷ୍ଠାନମାନଙ୍କରୁ ଅଧିକ ଋଣ ଆଣିବାରେ ସୁବିଧାଜନକ ହେବ । ଅର୍ଦ୍ଧ ସ୍ୱୟଂଚାଳିତ ତନ୍ତ ସହ ଉନ୍ନତ ବୁଣିବା ଯନ୍ତ୍ରପାତି ଯୋଗାଇ ଦେବା ପାଇଁ ସୁପାରିଶ କରାଗଲା । ତାଲିମ ତଥା ପ୍ରାଥମିକ ପ୍ରକ୍ରିୟାର ସୁବିଧା, ଉନ୍ନତ ନକ୍ସାର ବିନିଯୋଗ ଇତ୍ୟାଦି ମଧ୍ୟ ଏହାର ଅନ୍ତର୍ଭୁକ୍ତ ଥିଲା । ଏହା ପଛରେ ଗୋଟିଏ ଲକ୍ଷ୍ୟ ଥିଲା ହସ୍ତତନ୍ତ ଲୁଗାକୁ ବିଦେଶକୁ ରପ୍ତାନୀ କରିବା ।

ଓଡ଼ିଶାର ବରଗଡ଼ ଜିଲ୍ଲା ବୟନ ଉଦ୍ୟୋଗରେ ସମୃଦ୍ଧ । ଏହା ଅର୍ଥନୈତିକ ଅଭିବୃଦ୍ଧି ହାସଲ କରି ପାରିବ । ଗରୀବ ବୁଣାକାରମାନଙ୍କର କୌଶଳ ଦକ୍ଷତାକୁ ବୃଦ୍ଧି କରିବା ଦ୍ୱାରା ସେମାନଙ୍କ ଜୀବିକା ମଧ୍ୟ ତ୍ୱରାନ୍ୱିତ ହୋଇ ପାରିବ । ହସ୍ତତନ୍ତ ଶିଳ୍ପ ହେଉଛି ସବୁଠୁ ବୃହତ୍ ଅସଂଗଠିତ କୁଟୀର ଶିଳ୍ପ । ଏହା ଏକ ପ୍ରାଚୀନ କାରିଗରୀ ସମୃଦ୍ଧ ଐତିହ୍ୟ ଏବଂ ଗ୍ରାମାଞ୍ଚଳର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ।

ବର୍ତ୍ତମାନ ଗ୍ରାହକମାନଙ୍କର ରୁଚି ଓ ଚାହିଦାକୁ ଲକ୍ଷ୍ୟକରି ରାଜ୍ୟ ହସ୍ତତନ୍ତ ଉନ୍ନୟନ ନିଗମର ଡିଜାଇନରମାନେ ବିଭିନ୍ନ ଧରଣର ଡିଜାଇନ୍ କାଗଜରେ ପ୍ରସ୍ତୁତ କରି ଏହି ପ୍ରକଳ୍ପ ଅଧୀନସ୍ଥ ଉତ୍ପାଦନ କେନ୍ଦ୍ରମାନଙ୍କୁ ଯୋଗାଇଥାନ୍ତି । ତା'ର



କାର୍ଯ୍ୟକାରିତ ଓ ଉପାଦେୟତାକୁ ଲକ୍ଷ୍ୟ ରଖି ଉତ୍ପାଦନ କେନ୍ଦ୍ର ସେସବୁ ତା'ର ବୁଣାକାରମାନଙ୍କୁ ଦେଇ ଲୁଗା ଉତ୍ପାଦନ କରାଇବାଦ୍ୱାରା ଉତ୍ପାଦନ କ୍ଷେତ୍ରରେ ନୂତନ ଡିଜାଇନ ସୃଷ୍ଟି ହୋଇ ବିକ୍ରୀ ବଜାର ସୃଷ୍ଟି କରିଥାଏ ।

ସବୁକ୍ଷେତ୍ରରେ ଚାଲିଛି କ୍ଷିପ୍ର ଗତି । ନୂଆ ରଙ୍ଗ, ନୂଆ ଢ଼ାଞ୍ଚା, ନୂଆ ପନ୍ଥା, ନୂଆ ପ୍ରଣାଳୀ ସକାଶେ ସବୁବେଳେ ଉଦ୍ୟମ ଲାଗି ରହିଛି ।

ବରଗଡ଼ ପାଖାପାଖି ଅଞ୍ଚଳରେ ସମ୍ବଲପୁରୀ ହସ୍ତତନ୍ତର ଗୁଣବତ୍ତାରେ ମଧ୍ୟ ବହୁତ ଉନ୍ନତି ପରିଲକ୍ଷିତ ହେଉଛି । ବଜାରର ଚାହିଦା ହିସାବରେ ଏବେ ଏହି ଉତ୍ପାଦିତ ଲୁଗା ପଞ୍ଜୀକୃତ ବୁଣାକାର ସହଯୋଗ ସମିତି ମଧ୍ୟରେ ବିଭିନ୍ନ ପ୍ରଦର୍ଶନୀମାନଙ୍କରେ ବିକ୍ରୀ ହେଉଛି ।

ବର୍ତ୍ତମାନର ପରିପ୍ରେକ୍ଷୀରେ ଓଡ଼ିଶାର ବୟନ ଶିଳ୍ପକୁ ବଞ୍ଚାଇ ରଖିବା ଆବଶ୍ୟକ । ଏହାର ଉଚ୍ଚକୋଟୀର କଳା ଯେ କୌଣସି ପ୍ରତିଯୋଗିତାର ସମ୍ମୁଖୀନ ହେବାରେ ସମର୍ଥ । ଏହି କୁଟୀର ଶିଳ୍ପ ଓଡ଼ିଶାର ପ୍ରାୟ ୪ଲକ୍ଷରୁ ଅଧିକ ବୁଣାକାର ଗୋଷ୍ଠୀଙ୍କୁ ଜୀବିକା ଓ ନିଯୁକ୍ତି ପ୍ରଦାନ କରିଆସୁଛି । ଦଶମ ଯୋଜନା ପର୍ଯ୍ୟନ୍ତ ସରକାରଙ୍କର ଯୋଜନାଗୁଡ଼ିକ କେବଳ ସମବାୟ ସମିତି ଅଧୀନରେ ଥିବା ବୁଣାକାର ମାନଙ୍କ ପାଇଁ କରାଯାଉଥିଲା । କିନ୍ତୁ କାଳକ୍ରମେ ବିଭିନ୍ନ ବୁଣାକାର ଗୋଷ୍ଠୀ ମାନଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରିବା ପାଇଁ ଚିନ୍ତା କରାଗଲା । ସରକାରଙ୍କ Poti (Promotion of Handloom Industries) ଯୋଜନା ଅନ୍ତର୍ଗତ ବିଭିନ୍ନ ଉପାଦାନ ଯଥା ତନ୍ତ ଗୁଡ଼ିକର ଆଧୁନିକୀକରଣ, ଗୋଦାମ ଗୃହନିର୍ମାଣ, ବିକ୍ରୟ କେନ୍ଦ୍ର ସ୍ଥାପନ, ପ୍ରଶିକ୍ଷଣ ଓ ତାଲିମ ବ୍ୟବସ୍ଥା, ବିଭିନ୍ନ ପ୍ରଦର୍ଶନୀ ଇତ୍ୟାଦି ସଂଗଠିତ କରିବା କାର୍ଯ୍ୟ କରାଗଲା । ସେମିନାର, ପୁରସ୍କାର ବ୍ୟବସ୍ଥା, ପ୍ରଚାର, ପ୍ରୋତ୍ସାହନ, ଦସ୍ତାବିଜ୍ ପ୍ରସ୍ତୁତି ଇତ୍ୟାଦି ଅନେକ ଆବଶ୍ୟକୀୟ ପଦକ୍ଷେପ ନିଆଯିବା ସ୍ୱାଗତ ଯୋଗ୍ୟ ଓ ଉତ୍ସାହଜନକ ।

ଲେଖିକା ହେଉଛନ୍ତି ବରଗଡ଼ ଜିଲ୍ଲା କୋଷାଗାର ଅଧିକାରୀ ।

# ଓଡିଶାର ହସ୍ତଶିଳ୍ପ

ହିମାଂଶୁ ପ୍ରସାଦ ସିଂହ

ଉତ୍କର୍ଷ କଳାର ରାଜ୍ୟ ବୋଲି ଓଡିଶାର ଅନ୍ୟନାମ ଉତ୍କଳ । ଏହାର ସଂସ୍କୃତି ଓ ପରମ୍ପରା ସହିତ ହସ୍ତଶିଳ୍ପ ଓତଃପ୍ରୋତ ଭାବେ ଜଡ଼ିତ । ରାଜ୍ୟରେ ପ୍ରାୟ ୧ ଲକ୍ଷ ୩୦ ହଜାର କାରିଗର ୫୦ ପ୍ରକାରର ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରି ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । କାରିଗର ପରିବାରର ପ୍ରାୟ ପ୍ରତ୍ୟେକ ସଦସ୍ୟ ହସ୍ତଶିଳ୍ପ ସହ ସାମିଲ । ଏଥିପାଇଁ ଓଡ଼ିଶା ହସ୍ତଶିଳ୍ପର ରାଜ୍ୟ ଭାବେ ପରିଚିତ ।




ରାଜ୍ୟର ବିଭିନ୍ନ ପ୍ରାନ୍ତରରେ ଓଡ଼ିଶାର ସାମାଜିକ, ସାଂସ୍କୃତିକ ପରମ୍ପରାକୁ ନେଇ ହସ୍ତଶିଳ୍ପ କେତେ ସମୃଦ୍ଧ ତାହା ଆଜି ବି ବିଭିନ୍ନ ପ୍ରାଚୀନ ମନ୍ଦିର, ମଠ ଆଦିର କଳାକୃତିରୁ ସ୍ପଷ୍ଟ ବାରିହୋଇ ପଡୁଛି । ପିପିଲିର ଚାନ୍ଦୁଆ ଠାରୁ ଆରମ୍ଭ କରି ଟେରାକୋଟା ଓ ନଡ଼ା ତିଆରି ହସ୍ତଶିଳ୍ପ ଆଜି ଦେଶ ଦୁନିଆରେ ବେଶ୍ ପରିଚିତ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ଯୋଗୁ ହସ୍ତଶିଳ୍ପ ତାହାର କାୟା ବିସ୍ତାର କରିବା ସହିତ ଗ୍ରାମ୍ୟ ଅର୍ଥନୀତିକୁ ସମୃଦ୍ଧ କରିବାରେ ଲାଗିଛି ।

ରାଜ୍ୟରେ ଯେଉଁ ହସ୍ତଶିଳ୍ପଗୁଡ଼ିକ ମାନ୍ୟତା ଲାଭ କରିଛି ସେଥିମଧ୍ୟରୁ ଚାନ୍ଦୁଆ, ଚମଡ଼ା କାମ, ବାନ୍ଧ,କୃତ୍ରିମ ବନସାଇ, କାରୁକାର୍ଯ୍ୟପୂର୍ଣ୍ଣ ଜୋତା କାମ, ଗୁଆ କାମ, କଂସା ଓ ପିତ୍ତଳ କାମ, ବେତ ଓ ବାଉଁଶ କାମ, ମାଟି କଣ୍ଢେଇ, କପଡ଼ା ଫୁଲ, ନଡ଼ିଆ ସଢ଼େଇ, କତା ହସ୍ତଶିଳ୍ପ, ପ୍ରସାଧନ ଓ ଅଳଙ୍କାର, ଡୋକ୍ରା କାମ, ଦରି ଓ ସତରଞ୍ଜି କାମ, ସୂଚୀ କାମ, ରତ୍ନପଥର ପ୍ରକ୍ରିୟାକରଣ, କାଇଁଚ କାମ, ଗୋପା କାମ, ଶିଙ୍ଗ କାମ, ଜୟଖାଡ଼ି କାମ, ଝୋଟ ନିର୍ମିତ ହସ୍ତଶିଳ୍ପ, କିଆ ପତ୍ର କାମ, ଲାଖ କାମ, ଧାତୁ ନିର୍ମିତ ହସ୍ତଶିଳ୍ପ, ପ୍ରାକୃତିକ ତନ୍ତୁ ନିର୍ମିତ ହସ୍ତଶିଳ୍ପ, ଧାନରୁ ତିଆରି ହସ୍ତଶିଳ୍ପ, ତାଳପତ୍ର ତିଆରି ସାଜସଜ୍ଜା ଜିନିଷ, ତାଳପତ୍ର ଖୋଦେଇ, କାଗଜ ମୁଖା, ପଟ୍ଟ ଓ ଟସର୍ ଚିତ୍ର, ଗଛମୂଳରୁ ତିଆରି ହସ୍ତଶିଳ୍ପ, ସବାଇ ଘାସ କାମ, ଶଙ୍ଖ ଶାମୁକା କାମ, ରୂପା ତାରକସୀ କାମ, ନରମ କଣ୍ଢେଇ, ସୋଲ କାମ, ପଥର ଖୋଦେଇ, ଛଣରୁ ତିଆରି ହସ୍ତଶିଳ୍ପ, ଟେରାକୋଟା କାମ, ଯାତ୍ରା ଦଳ ପୋଷାକ, ଆଦିବାସୀ ଅଳଙ୍କାର, କାଠ ଖୋଦେଇ, କାଠ ଇନ୍‌ଲେ କାମ, ଚିତ୍ରିତ କାଠ କଣ୍ଢେଇ, ପଶମ ସତରଞ୍ଜି କାମ, ଜରି କାମ ଓ କପଡ଼ା ତାଳିପକା କାମ ।

ଓଡ଼ିଶାର ଶିଳ୍ପୀମାନେ ହସ୍ତଶିଳ୍ପ କ୍ଷେତ୍ରରେ ବେଶ୍ ସମୃଦ୍ଧ ଓ ଦେଶ ବିଦେଶରେ ପରିଚିତ। ପଥର ଖୋଦେଇ ଲାଗି ଓଡ଼ିଶାର ତିନି ତିନିଜଣ ଶିଳ୍ପୀ ଆଜି ଜାତୀୟ ସମ୍ମାନରେ ସମ୍ମାନିତ। ଶିଳ୍ପୀଗୁରୁ ରଘୁନାଥ ମହାପାତ୍ରଙ୍କୁ ପଥର ଖୋଦେଇ ଲାଗି ଭାରତ ସରକାର ପଦ୍ମ ବିଭୂଷଣରେ ସମ୍ମାନିତ କରିଥିବା ବେଳେ ଗୁରୁ ପ୍ରଭାକର ମହାରଣା ଓ ଗୁରୁ ସୁଦର୍ଶନ ସାହୁଙ୍କୁ ମିଳିଛି ପଦ୍ମଶ୍ରୀ ଉପାଧି। ଏହାଛଡ଼ା ଓଡ଼ିଶାର କାରିଗରମାନେ ଦେଶ ବିଦେଶର ବହୁ ମନ୍ଦିରରେ ସେମାନଙ୍କର ନିଖୁଣତାର ଛାପ ଛାଡ଼ିଛନ୍ତି। ଶିଳ୍ପୀଗୁରୁ ରଘୁନାଥ ମହାପାତ୍ରଙ୍କ କଳାକୃତି କେବଳ ଭାରତ ଭିତରେ ନୁହେଁ ଭାରତ ବାହାରେ ମଧ୍ୟ ବେଶ୍ ପରିଚିତ । ବିଦେଶରେ ନିର୍ମାଣ ହୋଇଥିବା ବହୁ ମନ୍ଦିରରେ ରଘୁନାଥଙ୍କ କଳାକୃତୀ ଦେଖିବାକୁ ମିଳିଥାଏ । ନିହାଣ ମୂନରେ ଏହି ଶିଳ୍ପୀଗୁରୁ ଆମର ଇତିହାସ, କଳା, ସଂସ୍କୃତି, ପରମ୍ପରା ସବୁକିଛି ଜୀବନ୍ତ କରିଦିଅନ୍ତି ପଥର ଉପରେ । ଗୁରୁ ସୁଦର୍ଶନ ସାହୁଙ୍କ ପ୍ରସ୍ତର ଖୋଦେଇ ମୂର୍ତ୍ତି ଭାରତ ଓ ଭାରତ ବାହାରର ଅନେକ ଦେଶକୁ ରପ୍ତାନି ହୋଇଥାଏ । ବୁଦ୍ଧଙ୍କ ଠାରୁ ଆରମ୍ଭକରି ନଟରାଜ, ଗଣେଷ, ରାଧାକୃଷ୍ଣ ଆଦି ଆନକ ମୂର୍ତ୍ତି ଏବେ ଦେଶ ବିଦେଶରେ ବେଶ୍ ଆଦୃତ । ଅନ୍ୟ ରାଜ୍ୟର ପ୍ରସ୍ତର କାରିଗରଙ୍କ ହାତ ତିଆରି ମୂର୍ତ୍ତି ଅପେକ୍ଷା ଓଡିଶା ଶିଳ୍ପୀଙ୍କ ଚାହିଦା ଅଧିକ । ଏପରିକି ଦେଶ ବିଦେଶରେ ତିଆରି ହେଉଥିବା ବିଭିନ୍ନ ମନ୍ଦିର ପ୍ରତିଷ୍ଠା ପାଇଁ ଓଡିଶାରୁ ପ୍ରସ୍ତର କାରିଗରମାନଙ୍କୁ ଡାକରା ଆସିଥାଏ । ଏହି ଶିଳ୍ପୀଗୁରୁମାନେ ନିଜ ନିଜ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରରେ ପହଞ୍ଚି ଥିବାବେଳେ ଅନେକ ପ୍ରତିଭାବାନ ଛାତ୍ର ସୃଷ୍ଟିରେ ସଫଳ ହୋଇଛନ୍ତି । ଭବିଷ୍ୟତ ପୀଢ଼ିର କାରିଗର ଗଢିବାରେ ଏମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ।

ରାଜ୍ୟର ବିଭିନ୍ନ ଜିଲ୍ଲାର ହସ୍ତଶିଳ୍ପ ମଧ୍ୟରେ କଳାହାଣ୍ଡି ଜିଲ୍ଲାର କାଠ ଖୋଦେଇ ଓ କାଠ କଣ୍ଢେଇ, ପଥର ଖୋଦେଇ, ବେତ ଓ ବାଉଁଶ କାମ, ଟେରାକୋଟା, ଝୋଟ ଓ ଆଧୁନିକ ଆପଲିକ୍ କାମ ଆଦି ରହିଛି । ଏହି ଜିଲ୍ଲାରେ ପ୍ରସ୍ତୁତ କାଠ ଖୋଦେଇ ଘରକରଣା ସାମଗ୍ରୀର ବେଶ୍ ଚାହିଦା ଥିବାବେଳେ ସୁନ୍ଦର ସୁନ୍ଦର କାଠ କଣ୍ଢେଇ ଓ ମୂର୍ତ୍ତିକୁ ଲୋକେ ବେଶ୍ ପସନ୍ଦ କରିଥାନ୍ତି । ସେହିଭଳି ଟେରାକୋଟା ପ୍ରସ୍ତୁତ ସାମଗ୍ରୀର ବି ଢେର ଚାହିଦା । କଳାହାଣ୍ଡି ଜିଲ୍ଲାରେ ପ୍ରଚୁର ପରିମାଣରେ ବାଉଁଶ ମିଳୁଥିବାରୁ ଆଦିବାସୀମାନେ ଏହାକୁ ସଂଗ୍ରହ କରିବା ସହିତ ସେଥିରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ବିଶେଷକରି ବାଉଁଶରେ ତିଆରି ଟୋକେଇ ଓ ମ୍ୟାଟ୍ ଆଦି ପ୍ରସ୍ତୁତ ହୋଇଥାଏ । ଜିଲ୍ଲାରେ ମିଳୁଥିବା ବିଭିନ୍ନ ପ୍ରାକୃତିକ ସାମଗ୍ରୀ ଯଥା ଘାସ, ପତ୍ର, ଝୋଟ ଆଦି ବ୍ୟବହାର କରି ବାଉଁଶରେ ବହୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ । ସେହିଭଳି କଳାହାଣ୍ଡିରେ ବେତ ତିଆରି ସାମଗ୍ରୀ ସହିତ ବେତ କାରିଗରମାନଙ୍କ ସଂଖ୍ୟା ବି ବଢିବାରେ ଲାଗିଛି । ବିଭିନ୍ନ ହସ୍ତଶିଳ୍ପ ଓ ଶିଳ୍ପୀମାନଙ୍କ ଲାଗି କଳାହାଣ୍ଡି ଜିଲ୍ଲାରେ କେତେଗୁଡିଏ କ୍ଲଷ୍ଟର ପ୍ରତିଷ୍ଠା ହୋଇଛି । କାଠଶିଳ୍ପ ପାଇଁ ଖଇରପଦର, ରେଙ୍ଗାଲପାଲି, ଭବାନୀପାଟଣା





ଓ ନର୍ଲାରୋଡ ଠାରେ କ୍ଲଷ୍ଟର ପ୍ରତିଷ୍ଠା ହୋଇଥିବାବେଳେ ପ୍ରସ୍ତର ଶିଳ୍ପ ଲାଗି କନ୍ଧଗଡ ଓ ଡୁମାଲ, ବେତ ଓ ବାଉଁଶ ଶିଳ୍ପ ଲାଗି ନର୍ଲାରୋଡ ଓ ପଡିଆ, ଟେରାକୋଟା ପାଇଁ ବାଲିସର, କର୍ଲାସୋଡା, ଜାମପଦର, ଶୁଣ୍ଢିପଦର, ନର୍ଲା ରୋଡ ଓ କାଙ୍କେରି ଠାରେ, ଝୋଟ ଓ ଦରି ପ୍ରସ୍ତୁତି ପାଇଁ ଲିମ୍‌ସେର, ସିର୍ଲୋ ଓ କେସିଙ୍ଗା ଏବଂ ମଡର୍ଣ୍ଣ ଆପ୍ଲିକ ପାଇଁ ଖଇରପଦର ଓ ଭବାନୀପାଟଣା ଠାରେ କ୍ଲଷ୍ଟର ପ୍ରସ୍ତୁତ ହୋଇଛି ।



କେବଳ କଳାହାଣ୍ଡି ନୁହେଁ, ସୁବର୍ଣ୍ଣପୁର, ବରଗଡ, କେନ୍ଦୁଝର, ଖୋରଧା, ବଲାଙ୍ଗିର, ରାୟଗଡା, କୋରାପୁଟ ଓ ଜଗତ୍‌ସିଂହପୁରର ଟେରାକୋଟା କାରିଗରଙ୍କ ପ୍ରସ୍ତୁତ ସାମଗ୍ରୀ ରାଜ୍ୟ ଭିତରେ ଓ ବାହାରେ ବେଶ୍ ଆଦୃତିଲାଭ କରିଛି । ଖୋରଧା ଜିଲ୍ଲାର ନୂଆଗାଁ ଅଞ୍ଚଳରେ ଟେରାକୋଟା ପ୍ରସ୍ତୁତ ଘରସଜା ସାମଗ୍ରୀ ଘୁମ ବେଶ୍ ପରିଚିତ । ନାଲି ମାଟିରେ ପ୍ରସ୍ତୁତ ଏହି ଘୁମ ହେଉଛି ଏକ ବଡ ହାଣ୍ଡି ଆକାରର । ଏଥିରେ ବିଭିନ୍ନ ପ୍ରକାର କାଚ ଓ ପଥର ଆଦି ଲଗାଯାଇଥାଏ । ଲୋକେ ଏହାକୁ ନେଇ ଘର ସଜାଇଥାନ୍ତି । ଏଥି ସହିତ ଗାଁ ଗହଳରେ ଥିବା କୁମ୍ଭକାରମାନଙ୍କୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଉନ୍ନତ ଧରଣର ଟେରାକୋଟା ସାମଗ୍ରୀ ପ୍ରସ୍ତୁତ ହେଉଛି । ଟେରାକୋଟା ହସ୍ତଶିଳ୍ପୀଙ୍କ ତିଆରି ହାଣ୍ଡି, ମାଠିଆ, ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ବେଶ୍ ଆକର୍ଷଣୀୟ । ସ୍ୱଳ୍ପ ଦରରେ ମିଳୁଥିବା ଏହି ଘର ତିଆରି ସାମଗ୍ରୀକୁ ଲୋକେ ସର୍ବାଧିକ ପସନ୍ଦ କରିଥାନ୍ତି । ଟେରାକୋଟା ସାମଗ୍ରୀ ପ୍ରସ୍ତୁତ ଲାଗି କାରିଗରମାନଙ୍କୁ ମଧ୍ୟ ବିଶେଷ ଖର୍ଚ୍ଚ କରିବାକୁ ପଡେ ନାହିଁ । ଗାଁ ଗହଳରେ ସହଜରେ ମିଳୁଥିବା ଚିକିଟାମାଟି, ନଈ ବାଲି, ଉଇହୁଙ୍କା ମାଟି, ଗୋବର ଓ କାଠଗୁଣ୍ଡ ଆଦିକୁ ବ୍ୟବହାର କରି ଟେରାକୋଟାର ସୁନ୍ଦର କାରୁକାର୍ଯ୍ୟ ପ୍ରସ୍ତୁତ ହୋଇଥାଏ । ବଲାଙ୍ଗିରର ୪୦୦, ରାୟଗଡାର ୩୧୫ ଓ କୋରାପୁଟର ୧୩୫ ଦକ୍ଷ ଟେରାକୋଟା କାରିଗର ସେମାନଙ୍କ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି ।

ସେହିଭଳି ରାୟଗଡା ଡୋଙ୍ଗରିଆ କନ୍ଧଙ୍କ ହାତ ତିଆରି ପୋଷାକ ଓ ଆଦିବାସୀଙ୍କ ଗହଣା ଆଜିକାଲି ସହରୀ ଗ୍ରାହକଙ୍କ ପ୍ରଥମ ପସନ୍ଦ । ସହରୀ ମହିଳାମାନେ ଏବେ ଦାମୀ ସୁନା ରୂପା ଗହଣା ବଦଳରେ ଆଦିବାସୀଙ୍କ ପ୍ରସ୍ତୁତ ଗହଣାକୁ ପ୍ରସାଧନ

> ପୁରୀର ଶଙ୍ଖ ଶାମୁକାର ଚାହିଦା ସର୍ବଦା ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ରହି ଆସିଛି । ସମୁଦ୍ରରୁ ସଂଗ୍ରହ ହେଉଥିବା ଶାମୁକା, ଶଙ୍ଖ, କଉଡି ଓ ଅନ୍ୟାନ୍ୟ ସାମୁଦ୍ରିକ ସାମଗ୍ରୀ ବ୍ୟବହାର କରି ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ । ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ କାରିଗରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ଶଙ୍ଖ ଶାମୁକାକୁ ବ୍ୟବହାରକରି ଉନ୍ନତମାନର ଆକର୍ଷଣୀୟ ହସ୍ତଶିଳ୍ପମାନ ସାମଗ୍ରୀମାନ ପ୍ରସ୍ତୁତ ହେଉଛି । ଘର ସଜାଇବା ଠାରୁ ଆରମ୍ଭକରି ଦେବା ଦେବୀ ମନ୍ଦିରରେ ମଧ୍ୟ ଏହା ସ୍ଥାନ ପାଉଛି । ପୁରୀ ଆସୁଥିବା ଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ଶଙ୍ଖ ଶାମୁକା ପ୍ରସ୍ତୁତ ସାମଗ୍ରୀ ଗୁଡିକୁ ଆଗ୍ରହର ସହିତ କିଣିଥାନ୍ତି । ଏହି ଶିଳ୍ପ ଏବେ ପୁରୀ ଓ ଏହାର ଆଖପାଖରେ ଥିବା ହଜାର ହଜାର କାରିଗରଙ୍କୁ ରୋଜଗାର ଯୋଗାଉଛି । ସେହିଭଳି ପୁରୀ ଜିଲ୍ଲାର ଆଉ ଗୋଟିଏ ବିଶ୍ୱପ୍ରସିଦ୍ଧ ହସ୍ତଶିଳ୍ପ ହେଉଛି ଚାନ୍ଦୁଆ । ଜିଲ୍ଲାର ପିପିଲି ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ରଙ୍ଗ ବେରଙ୍ଗର ଚାନ୍ଦୁଆ ଆଜି ବିଶ୍ୱର ଅଧିକାଂଶ ଦେବାଦେବୀ ମନ୍ଦିର ସହିତ ଲୋକଙ୍କ ଘରେ ସ୍ଥାନ ପାଉଛି ।

ସାମଗ୍ରୀ ଭାବେ ଅଧିକ ମାତ୍ରାରେ ବ୍ୟବହାର କରୁଛନ୍ତି । ଆଦିବାସୀମାନେ ତମ୍ବା, ଆଲୁମିନିୟମ, କଂସା ଆଦିରେ ପ୍ରସ୍ତୁତ ଗହଣାମାନ ବ୍ୟବହାର କରିଥାନ୍ତି । କାଁ ଭାଁ ଉଚ୍ଚ ବର୍ଗର ଆଦିବାସୀମାନେ ରୂପା ଓ ସୁନା ଗହଣା ବ୍ୟବହାର କରିଥାନ୍ତି । ଉଭୟ ପୁରୁଷ ଓ ମହିଳା ଗହଣା ପିନ୍ଧୁ ଥିବାବେଳେ ଏହା ସେମାନଙ୍କ ପରମ୍ପରା ଓ ବେଶ ପୋଷାକୁ ସୂଚାଇଥାଏ । ଆଦିବାସୀମାନେ ସେମାନଙ୍କ ପର୍ବପର୍ବାଣୀରେ ନିର୍ଦ୍ଦିଷ୍ଟ ଗହଣା ବ୍ୟବହାର କରିଥାନ୍ତି । ରାୟଗଡା ଜିଲ୍ଲା ବିଷମକଟକ ବ୍ଲକର ଝିଗଡି ଗ୍ରାମ ଆଦିବାସୀଙ୍କ ଗହଣା ପାଇଁ ପ୍ରସିଦ୍ଧିଲାଭ କରିଥିବାବେଳେ ଏଠାରେ ପାଖାପାଖି ୫୦ ଜଣ କାରିଗର ଗହଣା ତିଆରି ହସ୍ତଶିଳ୍ପ ସହିତ ଜଡିତ । ଏହି ଗହଣା କାରିଗରଙ୍କ ଦକ୍ଷତା ବୃଦ୍ଧି ଲାଗି ସେମାନଙ୍କୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଦ୍ୱାରା ଅହମ୍ମଦାବାଦ ସ୍ଥିତ ନେସ୍‌ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନ୍ (ଏନ୍‌ଆଇଡି)ରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । କେବଳ ଆଦିବାସୀଙ୍କ ଗହଣା ନୁହେଁ ଏହି ଜିଲ୍ଲାର ଡୋକ୍ରା ସାମଗ୍ରୀ, ବାଉଁଶ ତିଆରି ସାମଗ୍ରୀ, ପିତ୍ତଳ ବାସନ କୁସନ ଓ ଅନ୍ୟ ସାମଗ୍ରୀ, କାଗଜ ପ୍ରସ୍ତୁତ ସାମଗ୍ରୀ ଓ କାଠ ଖୋଦେଇ ସାମଗ୍ରୀକୁ ଘର ସଜାଇବାପାଇଁ ଲୋକେ କିଣି ନେଇଥାନ୍ତି । ରାୟଗଡା ଜିଲ୍ଲାର ଆଉ ଗୋଟିଏ ଆକର୍ଷଣୀୟ ହସ୍ତଶିଳ୍ପ ହେଉଛି ସଉରା ଚିତ୍ରଶିଳ୍ପ । ଗୁଣୁପୁର ବ୍ଲକର ପୁଟାସିଂ ଠାରେ ବସବାସ କରୁଥିବା ବିଲୁପ୍ତପ୍ରାୟ ଜନଜାତି ଲାଞ୍ଜିଆ ସଉରାମାନଙ୍କ ଏହି ପାରମ୍ପରିକ ଶିଳ୍ପ ଆଜି ବେଶ୍ ପରିଚିତ । ଘର କାନ୍ଥରେ ପାରମ୍ପରିକ ଭାବେ ବିଭିନ୍ନ ଦେବା ଦେବୀଙ୍କ ଚିତ୍ର ଅଙ୍କାଯିବା ସହିତ ଆଦିବାସୀମାନେ ଏହି ଚିତ୍ର ଜରିଆରେ ସେମାନଙ୍କ ଇତିହାସ ଓ ପରମ୍ପରାକୁ ଦର୍ଶାଇଥାନ୍ତି । ସମୟ ବଦଳିବା ସହିତ ଏହି ଚିତ୍ରଶିଳ୍ପୀମାନେ ଏବେ କାନ୍‌ଭାସ, ଟସର କପଡା, କାର୍ଡ, ପୋଷାକ, ପାତ୍ରଆଦିରେ ତାହାକୁ ଆଙ୍କୁଛନ୍ତି ଯାହାକି ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରୁଛି ।

ନବରଙ୍ଗପୁରର ହାତ ତିଆରି ଲୁହା ସାମଗ୍ରୀ,



ବାଉଁଶ ଶିଳ୍ପ, ମାଟି କଣ୍ଢେଇ ଓ ଚମଡା ପ୍ରସ୍ତୁତ ସାମଗ୍ରୀର ଢେର ବଜାର ଚାହିଦା ରହିଛି । ଲାଖ ଶିଳ୍ପ ହେଉଛି ନବରଙ୍ଗପୁର ଜିଲ୍ଲାର ଅନନ୍ୟ ପରିଚୟ । ଏହି ଜିଲ୍ଲାରୁ ପ୍ରଚୁର ପରିମାଣରେ ଲାଖ ମିଳିଥାଏ । କାରିଗରମାନେ ଲାଖ ସଂଗ୍ରହ କରିବା ସହିତ ସେଥିରେ ଚୁଡ଼ି, ବିଭିନ୍ନ ପ୍ରକାର ଖେଳଣା ଓ ବାକ୍ସ ଆଦି ତିଆରି କରିଥାନ୍ତି । ଲାଖ ତିଆରି ବାକ୍ସ ଗୁଡ଼ିକରେ ମହିଳାମାନେ ସେମାନଙ୍କ ପ୍ରସାଧନ ସାମଗ୍ରୀ ରଖିଥାନ୍ତି । କେବଳ ଭାରତରେ ନୁହେଁ ଭାରତ ବାହାରେ ମଧ୍ୟ ଲାଖ ତିଆରି ସାମଗ୍ରୀର ଢେର ଚାହିଦା ରହିଛି । ନୀଳ, ହଳଦିଆ, ଖଇରିଆ, କଳା ଓ ଅନ୍ୟାନ୍ୟ ରଙ୍ଗରେ ପାରମ୍ପାରିକ ଲାଖ ସାମଗ୍ରୀ ପ୍ରସ୍ତୁତ ହେଉଛି । ବାଉଁଶରେ ତିଆରି ବାକ୍ସ ଉପରେ ଲାଖ ପ୍ରଲେପ ଦିଆଯାଇ ଏହାକୁ ଅତି ଆକର୍ଷଣୀୟ କରାଯାଉଛି । ବିଭିନ୍ନ ଆକୃତିର ଲାଖ ଓ ବାଉଁଶରେ ତିଆରି ବାକ୍ସ ଗୁଡ଼ିକ ଏବେ ଉପହାର ସାମଗ୍ରୀ ଭାବେ ବିଦେଶକୁ ବହୁଳ ଭାବେ ରପ୍ତାନି ହେଉଛି । ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ନବରଙ୍ଗପୁର ଠାରେ ଲାଖ ଶିଳ୍ପ ପାଇଁ ଏକ କ୍ଲଷ୍ଟର ପ୍ରତିଷ୍ଠା କରାଯାଇଥିବାବେଳେ ପ୍ରାୟ ୪୫ଜଣ କାରିଗର ଏଠାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଲାଖ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।

ଏଥିସହିତ ଗଞ୍ଜାମର ଶିଙ୍ଗରୁ ପ୍ରସ୍ତୁତ ବିଭିନ୍ନ ଘରକରଣା ସାମଗ୍ରୀ ଓ ପିତଳ ମାଛ ଦେଶ ବିଦେଶରେ ବି ପରିଚିତି ଲାଭ କରିଛି । ଗାଈ ଓ ମଇଁଷି ମାନଙ୍କର ଶିଙ୍ଗ ସଂଗ୍ରହ କରାଯାଇ ସେଥିରୁ ବିଭିନ୍ନ ଘର ତିଆରି ସାମଗ୍ରୀ ପ୍ରସ୍ତୁତ ହୋଇଥାଏ । ଶିଙ୍ଗ ତିଆରି ପାନିଆର ଆଜି ବି ବେଶ୍ ଚାହିଦା ରହିଛି । ଯୁବକଙ୍କ ଠାରୁ ଆରମ୍ଭକରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଶିଙ୍ଗ ତିଆରି ପାନିଆ କିଣିଥାନ୍ତି । ସେହିଭଳି ଶିଙ୍ଗରୁ ମାଛ, ଚଢେଇ ଭଳି ଆକର୍ଷଣୀୟ ଘରତିଆରି ସାମଗ୍ରୀମାନ ପ୍ରସ୍ତୁତ ହେଉଛି । ସେହିଭଳି ଗଞ୍ଜାମର ପିତଳମାଛ ବି



ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଛୋଟ ଛୋଟ ପିତଳକୁ ଯୋଡି ପ୍ରସ୍ତୁତ ହେଉଥିବା ମାଛ ଅବିକଳ ସୁନେଲି ରଙ୍ଗର ମାଛ ଭଳି ଦିଶିଥାଏ । ଏପିରିକି କାରୁକାର୍ଯ୍ୟ ଦୃଷ୍ଟିରୁ ଏହି ମାଛଟି ବିଭିନ୍ନ ଭଙ୍ଗିରେ ମୋଡି ବି ହୋଇଥାଏ । ଲୋକେ ନିଜ ନିଜ ଘର ସଜେଇବା ସହିତ ଅନ୍ୟକୁ ଉପହାର ଦେବାପାଇଁ ଖରିଦ କରିଥାନ୍ତି । ଗଞ୍ଜାମ ଜିଲ୍ଲାର ନିର୍ଦ୍ଦିଷ୍ଟ କଳାକାର ପରିବାର ପୀଢ଼ି ପରେ ପୀଢ଼ି ଏହି ହସ୍ତଶିଳ୍ପକୁ ବଞ୍ଚାଇ ରଖିଛନ୍ତି ।

ସେହିଭଳି ପୁରୀର ଶଙ୍ଖ ଶାମୁକାର ଚାହିଦା ସର୍ବଦା ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରରେ ରହି ଆସିଛି । ସମୁଦ୍ରରୁ ସଂଗ୍ରହ ହେଉଥିବା ଶାମୁକା, ଶଙ୍ଖ, କଉଡ଼ି ଓ ଅନ୍ୟାନ୍ୟ ସାମୁଦ୍ରିକ ସାମଗ୍ରୀ ବ୍ୟବହାର କରି ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ହୋଇଥାଏ । ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ସ୍ଥାନୀୟ କାରିଗରମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ଶଙ୍ଖ ଶାମୁକାକୁ ବ୍ୟବହାରକରି ଉନ୍ନତମାନର ଆକର୍ଷଣୀୟ ହସ୍ତଶିଳ୍ପମାନ ସାମଗ୍ରୀମାନ ପ୍ରସ୍ତୁତ ହେଉଛି । ଘର ସଜାଇବା ଠାରୁ ଆରମ୍ଭକରି ଦେବା ଦେବୀ ମନ୍ଦିରରେ ମଧ୍ୟ ଏହା ସ୍ଥାନ ପାଉଛି । ପୁରୀ ଆସୁଥିବା ଯାତ୍ରୀମାନେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ଶଙ୍ଖ ଶାମୁକା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକୁ ଆଗ୍ରହର ସହିତ କିଣିଥାନ୍ତି । ଏହି ଶିଳ୍ପ ଏବେ ପୁରୀ ଓ ଏହାର ଆଖପାଖରେ ଥିବା ହଜାର ହଜାର କାରିଗରଙ୍କୁ ରୋଜଗାର ଯୋଗାଉଛି । ସେହିଭଳି ପୁରୀ ଜିଲ୍ଲାର ଆଉ ଗୋଟିଏ ବିଶ୍ୱପ୍ରସିଦ୍ଧ ହସ୍ତଶିଳ୍ପ ହେଉଛି ଚାନ୍ଦୁଆ । ଜିଲ୍ଲାର ପିପିଲି ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ରଙ୍ଗ ବେରଙ୍ଗର ଚାନ୍ଦୁଆ ଆଜି ବିଶ୍ୱର ଅଧିକାଂଶ ଦେବାଦେବୀ ମନ୍ଦିର ସହିତ ଲୋକଙ୍କ ଘରେ ସ୍ଥାନ ପାଉଛି । ବିଶେଷକରି ସ୍ଥାନୀୟ ମହିଳା

କାରିଗରମାନଙ୍କୁ ନେଇ କପଡା, ଚୁମ୍‌କି, କଉଡିକୁ ବ୍ୟବହାର କରି ଅତ୍ୟନ୍ତ ଆକର୍ଷଣୀୟ ଚାନ୍ଦୁଆ ପ୍ରସ୍ତୁତ ହୋଇଥାଏ । କେବଳ ଚାନ୍ଦୁଆ ନୁହେଁ, ଏଠାରେ ଚାନ୍ଦୁଆ ତିଆରି ଛତା ଠାରୁ ଆରମ୍ଭକରି ବ୍ୟାଗ ଓ ଅନ୍ୟାନ୍ୟ ଘରସଜ୍ଜା ସାମଗ୍ରୀ ମିଳିଥାଏ ।

ନୟାଗଡର ବେତ ବାଉଁଶ ତିଆରି ସାମଗ୍ରୀ ରାଜ୍ୟର ପ୍ରାୟ ସମସ୍ତ ପ୍ରଦର୍ଶନୀରେ ଦେଖିବାକୁ ମିଳିଥାଏ । ନୟାଗଡ ଅଞ୍ଚଳରେ ଉପଲବ୍ଧ ହେଉଥିବା ଅତ୍ୟନ୍ତ ଉନ୍ନତମାନର ବେତ ଚେୟାର, ସୋଫାସେଟ୍, ଫୁଲ ଚାଙ୍ଗୁଡି, ଟୁଲ୍, ଦୋଳି ଆଦି ପ୍ରସ୍ତୁତ ହୋଇଥାଏ । କାରିଗରମାନେ ବେତରେ ଏହି ସାମଗ୍ରୀ ପ୍ରସ୍ତୁତ କରିବାପରେ ଏହାକୁ ଲାଖଦେଇ ଚକ୍‌ଚକ୍ କରିଥାନ୍ତି । ପ୍ରାକୃତିକ ସାମଗ୍ରୀରେ ପ୍ରସ୍ତୁତ ହୋଇଥବା ବେତ ତିଆରି ସୋଫା ଆଜିକାଲି ତାରକା ହୋଟେଲ ଗୁଡିକରେ ମଧ୍ୟ ବ୍ୟବହାର ହେଉଛି । ଏହା ଏବେ ବେତ କାରିଗରମାନଙ୍କ ରୋଜଗାର ବୃଦ୍ଧିରେ ସହାୟକ ହୋଇଛି । ସେହିଭଳି  କେନ୍ଦ୍ରାପଡାର କାଇଁଚ, ମୟୁରଭଞ୍ଜର ସବାଇ ଘାସ କାମର ଚାହିଦା ଦେଶ ବିଦେଶରେ ରହିଛି । ସବାଇ ଘାସରେ ପ୍ରସ୍ତୁତ ପାପୋଛ, ଚାଙ୍ଗୁଡି ଓ ଅନ୍ୟାନ୍ୟ ଘରକରଣା ସାମଗ୍ରୀ ଅତ୍ୟନ୍ତ ମଝବୁତ୍ ଓ ଆକର୍ଷଣୀୟ ହୋଇଥାଏ । ମୟୁରଭଞ୍ଜ ଜିଲ୍ଲାର ଆଦିବାସୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ସାମଗ୍ରୀ ବିଭିନ୍ନ ପ୍ରଦର୍ଶନୀରେ ବିକ୍ରି ହୋଇଥାଏ । ଲୋକେ ମଧ୍ୟ ଏହାକୁ ଅତ୍ୟନ୍ତ ଆଗ୍ରହର ସହିତ କିଣିଥାନ୍ତି । ସବାଇ ଘାସରୁ ପ୍ରସ୍ତୁତ ସାମଗ୍ରୀ କିଭଳି ଅଧିକ ଉନ୍ନତ ଓ ଆକର୍ଷଣୀୟ ହୋଇପାରିବ ସେଥିପାଇଁ ପାରମ୍ପରିକ କାରିଗରମାନଙ୍କୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ତାଲିମ ପ୍ରଦାନ କରାଯାଉଛି ।

ହସ୍ତଶିଳ୍ପର ବିକାଶ ଲାଗି ଅନୁଷ୍ଠାନଭିତ୍ତିକ ତାଲିମ ବ୍ୟବସ୍ଥା ରହିଛି । ଉନ୍ନତମାନର ହସ୍ତଶିଳ୍ପ ଉତ୍ପାଦନ ଲାଗି ଦକ୍ଷ କୁଶଳୀ କାରିଗରଙ୍କର ଆବଶ୍ୟକ ଥିବା ବେଳେ ସେମାନଙ୍କୁ ତାଲିମ୍ ଦେବା ପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ ତାଲିମକେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ରାଜ୍ୟସ୍ତରୀୟ ତାଲିମ୍ କେନ୍ଦ୍ରଟି ଭୁବନେଶ୍ୱରଠାରେ ଥିବା ବେଳେ ଏଠାରେ ପଥର ଖୋଦେଇ, ପଟ୍ଟଚିତ୍ର, କାଠ ଖୋଦେଇ, ଚାନ୍ଦୁଆ କାମ, ତାଳପତ୍ର ଖୋଦେଇ ଓ ଟେରାକୋଟା ଆଦି ସଂକ୍ରାନ୍ତରେ ତାଲିମ ଦିଆଯାଉଛି ।

ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତିର ସହାୟତା ପ୍ରଦାନ ନିମନ୍ତେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇ ଶିଳ୍ପୀଗ୍ରାମ ଯୋଜନାରେ ସେମାନଙ୍କର ଦକ୍ଷତା ବୃଦ୍ଧି, କୌଶଳ ଅଭିବୃଦ୍ଧି ତାଲିମ, ଉନ୍ନତମାନର ଯନ୍ତ୍ରପାତି ଯୋଗାଣ, ନମୁନା ବିକାଶ ତାଲିମ, ବ୍ୟାଙ୍କରଣ ପାଇଁ ସହାୟତା ଓ ବିକ୍ରି ସୁବିଧା ଆଦି ଯୋଗାଇ ଦିଆଯାଉଛି । ଏହି ଯୋଜନାରେ ୧୮ରୁ ୫୦ ବର୍ଷ ବୟସର ବ୍ୟକ୍ତି ତାଲିମ ପାଇପାରିବେ ଏବଂ ସେମାନଙ୍କର ହସ୍ତଶିଳ୍ପ ସଂକ୍ରାନ୍ତରେ ସମ୍ୟକ ଜ୍ଞାନ ଥିବା ଆବଶ୍ୟକ ।

ଯେଉଁସବୁ ପ୍ରମୁଖ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଓଡିଶାର ହସ୍ତଶିଳ୍ପ ସାମଗ୍ରୀର ପ୍ରଦର୍ଶନୀ ସହିତ କାରବାର ହୋଇଥାଏ ସେଥି ମଧ୍ୟରେ ଭୁବନେଶ୍ୱରରେ ଆୟୋଜିତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା, ବାର୍ଷିକ ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ, ଆଦିବାସୀ ମେଳା, ନୂଆଦିଲ୍ଲୀରେ ଆୟୋଜିତ ଭାରତ ଆର୍ନ୍ତଜାତିକ ବାଣିଜ୍ୟ ମେଳା, ଦିଲ୍ଲୀହାଟ ପ୍ରଦର୍ଶନୀ, କଟକରେ ଅନୁଷ୍ଠିତ ବାଲିଯାତ୍ରାରେ ଗାନ୍ଧୀ ଶିଳ୍ପ ବଜାର, ପୁରୀ ଅର୍ବାନ ହାଟରେ ହସ୍ତତନ୍ତ ଓ ହସ୍ତଶିଳ୍ପ ଏକ୍ସପୋ, କୋଣାର୍କରେ ଅନୁଷ୍ଠିତ କୋଣାର୍କ ମେଳା ପ୍ରଦର୍ଶନୀ ଓ ରାଉରକେଲାରେ ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ । ସେହିଭଳି ଓରମାସ୍ ଦ୍ୱାରା ରଥଯାତ୍ରା,

ନବରଙ୍ଗପୁରର ହାତ ତିଆରି ଲୁହା ସାମଗ୍ରୀ, ବାଉଁଶ ଶିଳ୍ପ, ମାଟି କଣ୍ଢେଇ ଓ ଚମଡା ପ୍ରସ୍ତୁତ ସାମଗ୍ରୀର ଢେର ବଜାର ଚାହିଦା ରହିଛି । ଲାଖ ଶିଳ୍ପ ହେଉଛି ନବରଙ୍ଗପୁର ଜିଲ୍ଲାର ଅନନ୍ୟ ପରିଚୟ । ଏହି ଜିଲ୍ଲାରୁ ପ୍ରଚୁର ପରିମାଣରେ ଲାଖ ମିଳିଥାଏ । କାରିଗରମାନେ ଲାଖ ସଂଗ୍ରହ କରିବା ସହିତ ସେଥିରେ ଚୁଡି, ବିଭିନ୍ନ ପ୍ରକାର ଖେଳଣା ଓ ବାକ୍ସ ଆଦି ତିଆରି କରିଥାନ୍ତି । ଲାଖ ତିଆରି ବାକ୍ସ ଗୁଡିକରେ ମହିଳାମାନେ ସେମାନଙ୍କ ପ୍ରସାଧନ ସାମଗ୍ରୀ ରଖିଥାନ୍ତି । କେବଳ ଭାରତରେ ନୁହେଁ ଭାରତ ବାହାରେ ମଧ୍ୟ ଲାଖ ତିଆରି ସାମଗ୍ରୀର ଢେର ଚାହିଦା ରହିଛି । ନୀଳ, ହଳଦିଆ, ଖଇରିଆ, କଳା ଓ ଅନ୍ୟାନ୍ୟ ରଙ୍ଗରେ ପାରମ୍ପାରିକ ଲାଖ ସାମଗ୍ରୀ ପ୍ରସ୍ତୁତ ହେଉଛି । ବାଉଁଶରେ ତିଆରି ବାକ୍ସ ଉପରେ ଲାଖ ପ୍ରଲେପ ଦିଆଯାଇ ଏହାକୁ ଅତି ଆକର୍ଷଣୀୟ କରାଯାଉଛି । ବିଭିନ୍ନ ଆକୃତିର ଲାଖ ଓ ବାଉଁଶରେ ତିଆରି ବାକ୍ସ ଗୁଡିକ ଏବେ ଉପହାର ସାମଗ୍ରୀ ଭାବେ ବିଦେଶକୁ ବହୁଳ ଭାବେ ରପ୍ତାନି ହେଉଛି । ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ନବରଙ୍ଗପୁର ଠାରେ ଲାଖ ଶିଳ୍ପ ପାଇଁ ଏକ କ୍ଲଷ୍ଟର ପ୍ରତିଷ୍ଠା କରାଯାଇଥିବା ବେଳେ ପ୍ରାୟ ୪୫ଜଣ କାରିଗର ଏଠାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଲାଖ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି ।

ବିଶ୍ୱକର୍ମପୂଜା, ଦୁର୍ଗପୂଜା, ଲକ୍ଷ୍ମୀପୂଜା ସହିତ ବରଗଡର ଧନୁଯାତ୍ରା ଓ ରାଜଧାନୀରେ ଆୟୋଜିତ ଶିଶିର ସରସରେ ବ୍ୟାପକ ହସ୍ତଶିଳ୍ପ ସାମଗ୍ରୀର କାରବାର ହୋଇଥାଏ । ଜିଲ୍ଲା ଶିଳ୍ପକେନ୍ଦ୍ର ଦ୍ୱାରା ବିଭିନ୍ନ ଜିଲ୍ଲାରେ ଆୟୋଜିତ ଜିଲ୍ଲା ସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ମଧ୍ୟ ରାଜ୍ୟର ହସ୍ତଶିଳ୍ପ କାରିଗରମାନଙ୍କୁ ବେଶ୍ ସହାୟକ ହୋଇଥାଏ ।

ହସ୍ତଶିଳ୍ପ କ୍ଷେତ୍ରରେ ସବୁଠାରୁ ବଡ କଥା ହେଉଛି ବାହ୍ୟଜ୍ଞାନ ଆହରଣ । କାରିଗରମାନେ ଅନ୍ୟ ସ୍ଥାନ ବା ଅଞ୍ଚଳର ଶିଳ୍ପୀଙ୍କ ସଂଶର୍ସ୍ପରେ ଆସି ସେମାନଙ୍କର ଜ୍ଞାନକୌଶଳ ଆହରଣ କରିଥାନ୍ତି । ଏଥିପାଇଁ ରାଜ୍ୟ ଭିତରେ ଓ ବାହାରେ ଥିବା ପ୍ରମୁଖ ହସ୍ତଶିଳ୍ପ ପୁଞ୍ଜ ପରିଦର୍ଶନ କରି ଉନ୍ନତମାନର ସାମଗ୍ରୀ ଉତ୍ପାଦନ ଶୈଳୀ ସହିତ ବଜାର ଚାହିଦା ବିଷୟରେ ଜ୍ଞାନ ଆହରଣର ବ୍ୟବସ୍ଥା ହୋଇଛି ।

ଗ୍ରାମ୍ୟ ଅର୍ଥନୀତିର ସମୃଦ୍ଧି କ୍ଷେତ୍ରରେ ହସ୍ତଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ଶିଳ୍ପୀ ଓ ଶିଳ୍ପର ବିକାଶ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଉଛି । କେବଳ କାରିଗର ନୁହନ୍ତି ସେମାନଙ୍କ ପରିବାର ପାଇଁ ବି ଯୋଜନାମାନ କାର୍ଯ୍ୟକାରୀ ହେଉଛି । ଜାତିର ଜନକ ମହାତ୍ମାଗାନ୍ଧୀ କହିଥିଲେ, 'ଭାରତର ଆତ୍ମା ଗାଁରେ ରହିଛି' । ଆଉ ସେହି ଗାଁର ବିକାଶ ପାଇଁ ହସ୍ତ ଓ କୁଟୀର ଶିଳ୍ପର ବିକାଶ ଉପରେ ମଧ୍ୟ ଗାନ୍ଧୀଜୀ ସର୍ବାଧିକ ଗୁରୁତ୍ୱ ଦେଉଥିଲେ । ସେ ଉକ୍ତିକୁ ପାଥେୟ କରି ଗ୍ରାମ୍ୟ ଅର୍ଥନୀତିର ବିକାଶ ଲାଗି ଆଜି କେନ୍ଦ୍ର ଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତେ କାର୍ଯ୍ୟରତ ।

**ଲେଖକ ହେଉଛନ୍ତି ଜଣେ ବରିଷ୍ଠ ସାମ୍ବାଦିକ ଏବଂ ସ୍ତମ୍ଭକାର ।**


## New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

# ଖଦୀ ଯାତ୍ରା- ଗାନ୍ଧୀଙ୍କ ଠାରୁ ଫ୍ୟାଶନ୍‌ର ଏକ ପ୍ରତୀକ ପର୍ଯ୍ୟନ୍ତ

ଭି.କେ. ସାକ୍ସେନା


ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ଖଦୀର ଚାହିଦା ବଳବତ୍ତର ରହିଛି। ସମଗ୍ର ବିଶ୍ୱରେ ଏହାର ଆଦର ବଢ଼ିଚାଲିଛି ଏବଂ ନିକଟ ଅତୀତରେ ଖଦୀ ପ୍ରତି ଜନସାଧାରଣଙ୍କ ଆଦରକୁ ଦେଖିଲେ ମନେହୁଏ ଯେ ଭାରତୀୟତାର ସ୍ୱାତନ୍ତ୍ର୍ୟ ବହନ କରୁଥିବା ଖଦୀ ଆଜିକାଲି ଫ୍ୟାଶନ୍‌ର ଏକ ପ୍ରତୀକ ହେବା ସହ ଆର୍ଥିକ ପରିବର୍ତ୍ତନର ଏକ ମାଧ୍ୟମ ମଧ୍ୟ ପାଲଟିଛି।

ଗାନ୍ଧିଜୀଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ ଖଦୀ କେବଳ ଆତ୍ମନିର୍ଭରଶୀଳତାର ଏକ ମାଧ୍ୟମ କିମ୍ବା ଜାତୀୟତାବାଦର ଏକ ପ୍ରତୀକ ନୁହଁ ବରଂ ଦେଶର ଆର୍ଥିକ ବିକାଶରେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ୨୦୧୭ ମସିହାରେ ଏହି ସାଧାସିଧା ଖଦୀ ଉଦ୍ୟୋଗ ପ୍ରାୟ ୫୦ ହଜାର କୋଟି ଟଙ୍କାର ବ୍ୟବସାୟ କରିଥିଲା। ଗ୍ରାମାଞ୍ଚଳର ଅନେକ କ୍ଷୁଦ୍ର ଉଦ୍ୟୋଗ ଓ ପ୍ରାୟତଃ ମହିଳା ଖଦୀ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରକୃତ ଖଦୀ ସାମଗ୍ରୀ ପ୍ରତି ଚାହିଦା ବହୁ ମାତ୍ରାରେ ବଢ଼ିଲା। ଗତ ଆର୍ଥିକ ବର୍ଷରେ "ଗ୍ରାମଦ୍ୟୋଗ"ର ମଧ୍ୟ ବ୍ୟବସାୟ ବଢ଼ିଥିଲା। ତେଣୁ ନିକଟ ଅତୀତରେ ଖଦୀ ସାମଗ୍ରୀ କିଣାବିକା ଦ୍ୱାରା ପ୍ରମାଣିତ ହେଲା ଯେ ଖଦୀ



ହେଉଛି ଏଭଳି ଏକ ସାମଗ୍ରୀ ଯାହା ପାଇଁ ସବୁ ସମୟରେ ଚାହିଦା ରହିଥିବ।

ସରକାରୀ ସ୍ତରରେ ଖୋଲାଯାଇଥିବା ଖଦୀ ବିକ୍ରି କେନ୍ଦ୍ରଗୁଡ଼ିକ ମଧ୍ୟ ଭଲ ବେପାର କଲେ। ୨୦୧୫ରୁ ୨୦୧୮ ଫେବ୍ରୁଆରୀ ମଧ୍ୟରେ ୩୦ ହଜାର ଚରଖା ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ୧୪ ଲକ୍ଷ ରୋଜଗାର ସୃଷ୍ଟି ହୋଇପାରିଲା। ଖଦୀକୁ ନେଇ ଅନେକ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହେଲା। ପରିବେଶ ଦିବସ ହେଉ ବା ଯୋଗ ଦିବସ, ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଶ୍ୱର ସର୍ବବୃହତ୍ କାଠ ନିର୍ମିତ ଚରଖା ସ୍ଥାପିତ କରିବା ହେଉ ବା ସାବରମତୀ ନଦୀ ପାଖରେ ଷ୍ଟିଲ୍ ଚରଖା ସ୍ଥାପନ କରିବା ହେଉ, ବିହାରର ପୂର୍ବ ଚମ୍ପାରଣ ହେଉ ବା ଦିଲ୍ଲୀର କନଟ୍ ପ୍ଲେସ୍, ଦକ୍ଷିଣ ଆଫ୍ରିକାରେ ଖଦୀ ପ୍ରଦର୍ଶନୀ ହେଉ ବା ମହିଳା ଶ୍ରମିକ ଓ ଚାଷୀଙ୍କୁ ମହୁମାଛି ବାକ୍ସ ପ୍ରଦାନ କରିବା ହେଉ, ପଞ୍ଜାବରେ ଚରଖାର ଲୋକପ୍ରିୟତା ହେଉ ବା ବନାରସସ୍ଥିତ ସେୱାପୁରୀର ଗାନ୍ଧୀ ଆଶ୍ରମର ପୁର୍ନରୁଦ୍ଧାର ହେଉ ଏବଂ ଜୁନ୍ ୨୦୧୮ ମସିହାରେ ଦକ୍ଷିଣ ଆଫ୍ରିକାର ପେଣ୍ଟ୍ରିଚ୍‌ରୁ ପିଟରମାରିଟ୍‌ବର୍ଗ ପର୍ଯ୍ୟନ୍ତ ଖଦୀ ଆବୃତ୍ତ ଟ୍ରେନ୍ ଚଳାଚଳ ହେଉ- ଏସବୁ ଘଟଣା ହେଉଛି



ଖଦୀର ପ୍ରଚାର ପ୍ରସାର ଓ ମର୍ଯ୍ୟାଦା ବୃଦ୍ଧି କରିବାର ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା।

ଖଦୀର ଲୋକପ୍ରିୟତା ବୃଦ୍ଧି ପାଇଁ ବଡ଼ ବଡ଼ ଉଦ୍ୟୋଗର ସହାୟତା ନିଆଯାଉଛି ଏବଂ ବିଶ୍ୱ ବସ୍ତ୍ର ମାନଚିତ୍ରରେ ଏହାର ସ୍ଥାନ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଛି। ଜାତୀୟ ଫ୍ୟାଶନ୍ ଟେକ୍ନୋଲୋଜୀ ଅନୁଷ୍ଠାନ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇ ଖଦୀର ଉନ୍ନତ ଡିଜାଇନ୍ ଓ ଆବଶ୍ୟକୀୟ ପ୍ରଶିକ୍ଷଣ ପାଇଁ ପ୍ରୟାସ କରାଯାଇଛି। କେବଳ ସେତିକି ନୁହଁ, ମୁମ୍ବାଇ ସ୍ଥିତ ଡବ୍ଲ୍ୟୁଟିସିର ଡିଜାଇନରମାନଙ୍କ ସହ ଖୁଚୁରା ଖଦୀ ବ୍ୟବସାୟୀଙ୍କ ମଧ୍ୟରେ ଭାବ ବିନିମୟ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହାର ଉଦ୍ଦେଶ୍ୟ ଥିଲା ବଡ଼ବଡ଼ କପଡ଼ା ଦୋକାନ ଓ ମଲ୍‌ଗୁଡ଼ିକରେ ଖଦୀ ସାମଗ୍ରୀ ବିକ୍ରିର ବ୍ୟାପକ ବ୍ୟବସ୍ଥା କରିବା। ଅନ୍ୟ ଏକ ଅଭିନବ କିନ୍ତୁ ଆଗାମୀ ଯୋଜନା ହେଉଛି "ଖଦୀ ମିତ୍ର"। ଏହା ମାଧ୍ୟମରେ ସ୍ୱଳ୍ପ ଅର୍ଥ ବିନିଯୋଗ କରି ଗୃହିଣୀମାନେ ଖଦୀ ସାମଗ୍ରୀ କିଣି ବିକ୍ରି କରିପାରିବେ।



ଦୁବାଇ, ଚିକାଗୋ, ମରିସସ୍ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶରେ ଭାରତୀୟ ହାତବୁଣା ଖଦୀ ବସ୍ତ୍ର ପାଇଁ ଚାହିଦା ବଢ଼ିଛି। ତେଣୁ ବିଦେଶରେ ମଧ୍ୟ ଭାରତୀୟ ଖଦୀ ସାମଗ୍ରୀ ବିକ୍ରୟ କେନ୍ଦ୍ର ଖୋଲିବା ପାଇଁ ପ୍ରୟାସ କରାଯିବା ଦରକାର। ଖୁସିର କଥା ଏସବୁ ଦେଶର ସ୍ଥାନୀୟ ଅଧିବାସୀମାନେ ଫ୍ରାଞ୍ଚାଇଜି ମଡେଲ୍‌ରେ ନିଜ ନିଜ ଦେଶରେ ଏଭଳି ଖଦୀ ବିକ୍ରୟ କେନ୍ଦ୍ର ଖୋଲିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଖଦୀର ଆକର୍ଷଣ ଏତେ ଅଧିକ ଯେ ସେଥିରୁ ଭାରତୀୟ ଚଳଚ୍ଚିତ୍ର ଜଗତ ମଧ୍ୟ ବାଦ୍ ପଡ଼ିନାହିଁ। ନିକଟ ଅତୀତରେ ମୁକ୍ତିଲାଭ କରିଥିବା ଜୀବନୀମୂଳକ ଚଳଚ୍ଚିତ୍ର "ମଣିକର୍ଣ୍ଣିକା"ରେ ଆମ ଦେଶର ଖଦୀ ଐତିହ୍ୟ ପ୍ରତି ରାଣୀଙ୍କ ଭୂମିକାରେ ଅଭିନୟ କରୁଥିବା ଅଭିନେତ୍ରୀଜଣକ ଆଗ୍ରହ

ପ୍ରକାଶ କରିଥିବା ଦର୍ଶାଯାଇଛି । ଦେଶର ଏହି ପ୍ରତୀକାତ୍ମକ ବସ୍ତ୍ରର ମର୍ଯ୍ୟାଦା ବୃଦ୍ଧି ପାଇଁ ଏହି ଚଳଚ୍ଚିତ୍ରରେ ବ୍ୟବହୃତ ହୋଇଥିବା ସମସ୍ତ ଖଦୀ ବସ୍ତ୍ର କେଭିଆଇସି ଦ୍ୱାରା ପ୍ରଦାନ କରାଯାଇଥିଲା । ବହୁ ପୁରାତନ କାଳରୁ ଖଦୀ ଭାରତୀୟ ସ୍ୱାଧୀନତାର ସ୍ୱର ସହ ତାଳ ମିଳାଇ ଚାଲିଛି । ଆମେ ସମସ୍ତେ ଜାଣୁ ଯେ, ୧୯୨୬ ମସିହାରେ ଗାନ୍ଧିଜୀ ଖଦୀକୁ ସ୍ୱରାଜର ଏକ ପ୍ରତୀକ ଭାବେ ବିବେଚନା କରିଥିଲେ ଏବଂ ସ୍ୱାଧୀନତା ରୂପକ ବସ୍ତ୍ର ପାଇଁ ଶେଷ ସୂତାଟିକୁ କାଟିଥିଲେ । ତେବେ ବହୁତ କମ୍ ଲୋକ ହୁଏତ ଏକଥା ସମ୍ପର୍କରେ ଅବଗତ ଥିବେ ଯେ ଗାନ୍ଧିଜୀଙ୍କ ଚରଖା ପ୍ରୀତିର ୭ ଦଶନ୍ଧି ପୂର୍ବରୁ ବନାରସରେ ମଣିକର୍ଣ୍ଣିକା କିମ୍ବା ମନୁନାମ୍ନୀ ଏଭଳି ଜଣେ ବାଳିକା ଜନ୍ମ ନେଇଥିଲା, ଯିଏ କେବଳ ବେଦ ଓ ପୁରାଣ ସମ୍ପର୍କରେ ପାରଙ୍ଗମ ନଥିଲା କିମ୍ବା ଅଶ୍ୱାରୋହଣ ଏବଂ ଖଡ୍‌ଗ ଚାଳନାରେ ସିଦ୍ଧହସ୍ତ ନଥିଲା ବରଂ ଝାନ୍‌ସୀର ରାଣୀ ହେବା ପୂର୍ବରୁ ବସ୍ତ୍ର ବୁଣିବା କାମ ମଧ୍ୟ ଶିଖିସାରିଥିଲା ।

ଖଦୀ ଉଦ୍ୟୋଗଗୁଡ଼ିକୁ କପା ଯୋଗାଣ ସୁନିଶ୍ଚିତ କରିବା ସକାଶେ କପାରୁ ସୂତା କାଟି ବାହାର କରୁଥିବା ୬ଟି ପ୍ରକଳ୍ପକୁ ଅଧିକ ଉନ୍ନତ କରାଯାଇଛି । ଏହାଦ୍ୱାରା ଏହିସବୁ ପ୍ରକଳ୍ପଗୁଡ଼ିକର ଦକ୍ଷତା ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇଛି । ଅନ୍ୟ ଅର୍ଥରେ ଏହି ପ୍ରକଳ୍ପଗୁଡ଼ିକର ବର୍ତ୍ତମାନ କ୍ଷମତା ବାର୍ଷିକ ୪୦ ଲକ୍ଷ କିଲୋଗ୍ରାମ୍ ଥିବାବେଳେ ତାହା ୫୬ ଲକ୍ଷ କିଲୋଗ୍ରାମ୍‌କୁ ବୃଦ୍ଧି ପାଇଛି । ତେବେ ଏହି କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଅନେକ ପ୍ରକଳ୍ପ ପ୍ରାୟ ୩ ଦଶନ୍ଧି ପୁରୁଣା ହୋଇଥିବାରୁ ଏଗୁଡ଼ିକର ଉନ୍ନତିକରଣର ଆବଶ୍ୟକତା ରହିଛି ।

ଖଦୀ କ୍ଷେତ୍ରରେ କାମ କରୁଥିବା ଶ୍ରମିକ କର୍ମଚାରୀଙ୍କ ମଜୁରୀ ବୃଦ୍ଧି ପାଇଁ ଏବଂ ସେମାନଙ୍କ ଜୀବନଜୀବିକା ସକାଶେ ଖଦୀକୁ ଏକ ଆକର୍ଷଣୀୟ କ୍ଷେତ୍ର ଭାବେ ପ୍ରସ୍ତୁତ କରିବା ପାଇଁ ସୂତାର ଦରକୁ ମଧ୍ୟ ବୃଦ୍ଧି କରାଯାଇଛି । ଉଦାହରଣ ସ୍ୱରୂପ, ଗୋଟିଏ ବିଡ଼ା ସୂତାର ମୂଲ୍ୟକୁ ସାଢ଼େ ପାଞ୍ଚ ଟଙ୍କାରୁ ସାତ ଟଙ୍କାକୁ ବୃଦ୍ଧି କରାଯାଇଛି । ଏତଦ୍‌ବ୍ୟତୀତ ପୂର୍ବରୁ ଅକାମୀ ଥିବା ୧୪୩ଟି ଖଦୀ ପ୍ରକଳ୍ପକୁ ପୁନରୁଦ୍ଧାର କରାଯିବା ସହ ୧୨୪ଟି ପ୍ରକଳ୍ପରେ ଉତ୍ପାଦନ କାର୍ଯ୍ୟ ଆରମ୍ଭ କରାଯାଇଛି । ୨୦୧୫-୧୬ ମସିହାରେ ୮୯ଟି ଏବଂ ୨୦୧୬-୧୭ ମସିହାରେ ୬୩ଟି ନୂତନ ଖଦୀ ପ୍ରକଳ୍ପ ପଞ୍ଜୀକୃତ ହୋଇ ଉତ୍ପାଦନ ଆରମ୍ଭ କରିସାରିଛନ୍ତି ।

ମହିଳାମାନଙ୍କୁ ଗାନ୍ଧିଜୀଙ୍କ ଆତ୍ମନିର୍ଭରଶୀଳତାର ଉପକରଣ 'ଚରଖା' ଦାନ କରିବା ପାଇଁ ବ୍ୟକ୍ତିବିଶେଷ, ସରକାରୀ ଉଦ୍ୟୋଗ ଏବଂ ଅନ୍ୟାନ୍ୟ ଉଦ୍ୟୋଗଗୁଡ଼ିକୁ ଅନୁରୋଧ କରାଯାଉଛି । ଖଦୀ କାରିଗର ଏବଂ ଖଦୀ ଅନୁଷ୍ଠାନଗୁଡ଼ିକର ସୁଦୃଢ଼ୀକରଣ ପାଇଁ ଉଦ୍ୟୋଗଗୁଡ଼ିକୁ ଏମାନଙ୍କ ଅଧିନସ୍ଥ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ପାଇଁ ଉଦ୍ଦିଷ୍ଟ ଅର୍ଥ ବ୍ୟୟ କରିବା ସକାଶେ ବ୍ୟବସ୍ଥା କରାଯାଇଛି । ଗତବର୍ଷ ଓଏନ୍‌ଜିସି, ଆଦିତ୍ୟ ବିର୍ଲା ଗ୍ରୁପ୍, ଜେକେ ସିମେଣ୍ଟ୍ସ, ଜିଏମ୍‌ଆର, ଏମ୍‌ସିସିଏଲ୍ ଆଦି ଉଦ୍ୟୋଗଗୁଡ଼ିକରୁ ଖଦୀ ପ୍ରକଳ୍ପ ସକାଶେ ୭.୯ କୋଟି ଟଙ୍କା ପ୍ରାପ୍ତି ହୋଇଥିଲା । ଆଇଏମ୍‌ସି ଚାମ୍ବର୍ ଅଫ୍ କମର୍ସ ଦ୍ୱାରା ନିକଟରେ ୨୦ ଲକ୍ଷ ଟଙ୍କା ଦାନ ଦିଆଯାଇଛି ଏବଂ ଖଦୀ ସମ୍ପର୍କିତ କାର୍ଯ୍ୟକଳାପ ପାଇଁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଧିନସ୍ଥ ଅଧିକ ଅର୍ଥ ପ୍ରଦାନ ସକାଶେ ଭାରତୀୟ ତୈଳ ନିଗମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ସହ ଆଲୋଚନା ଚାଲିଛି । ଏହାଦ୍ୱାରା ସମଗ୍ର ଦେଶରେ ବର୍ତ୍ତମାନ ଚାଲିଥିବା ଖଦୀ ଆଧାରିତ କାର୍ଯ୍ୟକଳାପଗୁଡ଼ିକରେ ବିଶେଷ ଉନ୍ନତି ପରିଲକ୍ଷିତ ହେବ । ଖଦୀ ବ୍ରାଣ୍ଡର ଲୋକପ୍ରିୟତା ବୃଦ୍ଧି ପାଇଁ ଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର


ସରକାରୀ ସ୍ତରରେ ଖୋଲାଯାଇଥିବା ଖଦୀ ବିକ୍ରି କେନ୍ଦ୍ରଗୁଡ଼ିକ ମଧ୍ୟ ଭଲ ବେପାର କଲେ । ୨୦୧୫ରୁ ୨୦୧୮ ଫେବ୍ରୁଆରୀ ମଧ୍ୟରେ ୩୦ ହଜାର ଚରଖା ବଣ୍ଟନ କରାଯାଇଥିଲା । ଏହାଦ୍ୱାରା ୧୪ ଲକ୍ଷ ରୋଜଗାର ସୃଷ୍ଟି ହୋଇପାରିଲା । ଖଦୀକୁ ନେଇ ଅନେକ ପ୍ରକାରର କାର୍ଯ୍ୟକ୍ରମ ଆୟୋଜିତ ହେଲା । ପରିବେଶ ଦିବସ ହେଉ ବା ଯୋଗ ଦିବସ, ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିଶ୍ୱର ସର୍ବବୃହତ୍ କାଠ ନିର୍ମିତ ଚରଖା ସ୍ଥାପିତ କରିବା ହେଉ ବା ସାବରମତୀ ନଦୀ ପାଖରେ ଷ୍ଟିଲ୍ ଚରଖା ସ୍ଥାପନ କରିବା ହେଉ, ବିହାରର ପୂର୍ବ ଚମ୍ପାରଣ ହେଉ ବା ଦିଲ୍ଲୀର କନଟ୍ ପ୍ଲେସ୍, ଦକ୍ଷିଣ ଆଫ୍ରିକାରେ ଖଦୀ ପ୍ରଦର୍ଶନୀ ହେଉ ବା ମହିଳା ଶ୍ରମିକ ଓ ଚାଷୀଙ୍କୁ ମହୁମାଛି ବାକ୍ସ ପ୍ରଦାନ କରିବା ହେଉ, ପଞ୍ଜାବରେ ଚରଖାର ଲୋକପ୍ରିୟତା ହେଉ ବା ବନାରସସ୍ଥିତ ସେୱାପୁରୀର ଗାନ୍ଧୀ ଆଶ୍ରମର ପୁର୍ନରୁଦ୍ଧାର ହେଉ ଏବଂ ଜୁନ୍ ୨୦୧୮ ମସିହାରେ ଦକ୍ଷିଣ ଆଫ୍ରିକାର ପେଣ୍ଟ୍ରିଚ୍‌ରୁ ପିଟରମାରିଚ୍‌ବର୍ଗ ପର୍ଯ୍ୟନ୍ତ ଖଦୀ ଆବୃତ୍ତ ଟ୍ରେନ୍ ଚଳାଚଳ ହେଉ- ଏସବୁ ଘଟଣା ହେଉଛି ଖଦୀର ପ୍ରଚାର ପ୍ରସାର ଓ ମର୍ଯ୍ୟଦା ବୃଦ୍ଧି କରିବାର ଗୋଟିଏ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ।



ଏବଂ କନଟ୍‌ପ୍ଲେସ୍ ଠାରେ ବୃହଦାକାର ଚରଖା ସ୍ଥାପନ କରାଯାଇଛି । ସେହିଭଳି ନୂଆଦିଲ୍ଲୀର କନଟ୍‌ପ୍ଲେସ୍ ଠାରେ ଚରଖା ସଂଗ୍ରହାଳୟ ଏବଂ ଖଦୀ ହାଟ ସ୍ଥାପନ କରାଯାଇଛି ।

ଆମକୁ ଭୁଲିଯିବା ଉଚିତ୍ ନୁହଁ ଯେ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିରେ ଚରଖା ହେଉଛି ସ୍ୱାଧୀନତା ହରାଇ ଦେଇଥିବା ଜନସାଧାରଣଙ୍କ ଏକ ପ୍ରତୀକ । ଗ୍ରାମଗୁଡ଼ିକରେ କୃଷିକାର୍ଯ୍ୟକୁ ଅଧିକ ଫଳପ୍ରଦ କରିବାରେ ଚରଖାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । କୌଣସି ବି ଚକ୍ରର ପ୍ରତୀକାତ୍ମକ ଅର୍ଥ ହେଉଛି ପରିବର୍ତ୍ତନଶୀଳ ସମୟ, ପରିବର୍ତ୍ତନଶୀଳ ଭାଗ୍ୟ ଏବଂ ପାତରଅନ୍ତର ବିହୀନ ଆଭିମୁଖ୍ୟ । ତେଣୁ ଚକ୍ରକୁ ଏକୀକରଣର ଏକ ମାଧ୍ୟମ ଭାବେ ମଧ୍ୟ ଗ୍ରହଣ କରାଯାଇଥାଏ । ଏଥିରେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ଏକତ୍ର ସମାବିଷ୍ଟ ହୋଇ ରହିଥାନ୍ତି । ଯେତେବେଳେ ସମ୍ରାଟ ଅଶୋକ ଏକ ଚକ୍ରକୁ 'ଧର୍ମ ଚକ୍ର' ଭାବରେ ବ୍ୟବହାର କଲେ ଏବଂ ଏହାକୁ ତାଙ୍କ ସାମ୍ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ କଲେ ସେତେବେଳେ ତାଙ୍କ ମନରେ କେବଳ ଗୋଟିଏ ହିଁ ଉଦ୍ଦେଶ୍ୟ ରହିଥିଲା ଏବଂ ତାହା ହେଉଛି, ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ସହ ଅସମାନତା ଏବଂ ଭେଦଭାବକୁ ଦୂରୀଭୂତ କରିବା । ତେଣୁ ଧର୍ମର ବାର୍ତ୍ତାବହ ଚକ୍ର ଆଜି ମଧ୍ୟ ଆମ ସାମାଜିକ ମୂଲ୍ୟବୋଧର କେନ୍ଦ୍ରରେ ରହିଛି ଏବଂ ଏହା ମଧ୍ୟ ନିରାଟ ସତ୍ୟ ଯେ ଆମେ ଯାହା ଆହରଣ କରିଥାଉ ତାହା ସମୟର ପରିବର୍ତ୍ତନ ସହ ନିଜେ ସହଜରେ ପରିବର୍ତ୍ତିତ ହୋଇନଥାଏ ।

ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ଖଦୀ ଏବଂ ଗ୍ରାମଦ୍ୟୋଗ ଆୟୋଗର ଅଧ୍ୟକ୍ଷ ।
**Email ID: chairmankvic2015@gmail.com**


ପ୍ରକାଶନ ବିଭାଗ ପାଖରେ ରହିଛି ୨୦୦ରୁ ଊର୍ଦ୍ଧ୍ୱ ଇ-ପୁସ୍ତକ
ବର୍ତ୍ତମାନ ଅନଲାଇନ ମାଧ୍ୟମରେ ଉପଲବ୍ଧ
BUILDERS OF MODERN INDIA
THE GOSPEL OF BUDDHA
SARDAR PATEL
GREAT MEN GREAT DEEDS
AFTER PARTITION
ऐसे थे बापू
PLAYING TABLA
BELIEF IN THE BALLOT
ବିକ୍ରୟ :
play. google.com
kobo.com
amazon.in
ପ୍ରକାଶନ ବିଭାଗ
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଇ-ପୁସ୍ତକ ସମ୍ପର୍କିତ ସମ୍ପୂର୍ଣ୍ଣ ସୂଚୀ: Publicationsdivision.nic.inରେ ଉପଲବ୍ଧ

ଆପଣ ଜାଣନ୍ତି କି ?

# ଭାରତର ବିଭିନ୍ନ ହସ୍ତକଳା ସମୂହ

**ଜରି:**

ଜରି ହେଉଛି ଏକ ପ୍ରକାର ସୂତା, ଯାହା ସାଧାରଣତଃ ଶୁଦ୍ଧ ସୁନା ଓ ରୂପାରୁ ପ୍ରସ୍ତୁତ କରାଯାଇଥାଏ। ଏହାର ବ୍ୟବହାର ଭାରତ, ପାକିସ୍ତାନ ଏବଂ ଇରାନରେ ପ୍ରସ୍ତୁତ ହେଉଥିବା ପାରମ୍ପରିକ ବସ୍ତ୍ର ଏବଂ ପରଦା ଆଦିରେ ବ୍ୟବହୃତ କରାଯାଇଥାଏ। ଭାରତରେ ୪ ପ୍ରକାରର ଜରି ପ୍ରସ୍ତୁତ ହୋଇଥାଏ। ସେଗୁଡ଼ିକ ହେଲା– ଅସଲି ଜରି, ଅଧା ଅସଲି ଜରି, କୃତ୍ରିମ ଜରି ଏବଂ ପ୍ଲାଷ୍ଟିକ୍ ଜରି। ଅସଲି ଜରି ହେଉଛି ରୁପା ଉପରେ ସୁନା ପ୍ରଲେପରେ ପ୍ରସ୍ତୁତ। ଅର୍ଦ୍ଧ ଅସ୍ଥାବର ଜରିରେ ତମ୍ବା ଉପରେ ରୁପା ଏବଂ



ସୁନାର ପ୍ରଲେପ ଦିଆଯାଇ ସୂତା ପ୍ରସ୍ତୁତ କରାଯାଇଥାଏ। ଭାରତରେ ଜରିର ପ୍ରମୁଖ କେନ୍ଦ୍ର ହେଉଛି ସୁରଟ। ଜରି ଉଦ୍ୟୋଗର ଅନ୍ୟାନ୍ୟ କେନ୍ଦ୍ରଗୁଡ଼ିକ ହେଲା ବରେଲୀ, ବାରଣାସୀ, ହାଇଦ୍ରାବାଦ, ଲକ୍ଷ୍ନୌ, ଭଦୋଦରା, ଲାଟୁର୍, ଜୟପୁର, ବାଲ୍‌ମେର ପ୍ରମୁଖ।

**ଚମଡ଼ା ପ୍ରସ୍ତୁତ ଜୋତା ଚପଲ ଏବଂ ଅନ୍ୟାନ୍ୟ ସାମଗ୍ରୀ**

ଜୋତା ଚପଲ ସହ ଚମଡ଼ାରୁ ପ୍ରସ୍ତୁତ ଅନ୍ୟାନ୍ୟ ସାମଗ୍ରୀ ଉଦ୍ୟୋଗ ଭାରତର



ସବୁଠାରୁ ପୁରୁଣା ପାରମ୍ପରିକ ଶିଳ୍ପ ମଧ୍ୟରୁ ଅନ୍ୟତମ। ଭାରତରେ ଏହାର ପ୍ରମୁଖ ଉତ୍ପାଦନ କେନ୍ଦ୍ର ହେଉଛି ତାମିଲନାଡୁର ଚେନ୍ନାଇ ଏବଂ ରାନିପେଟ୍, ମହାରାଷ୍ଟ୍ରର ମୁମ୍ବାଇ, ଉତ୍ତରପ୍ରଦେଶର ଆଗ୍ରା, ଲକ୍ଷ୍ନୌ ଏବଂ କାନପୁର। ଏହାବ୍ୟତୀତ ପଞ୍ଜାବର ଜଳନ୍ଧର, ଦିଲ୍ଲୀ, ହରିଆଣାର କର୍ନାଲ ଓ ଫରିଦାବାଦ। ପଶ୍ଚିମବଙ୍ଗର କୋଲ୍‌କାତା, ରାଜସ୍ଥାନର ଜୟପୁର, ହିମାଚଳପ୍ରଦେଶ, ଓଡ଼ିଶା ଏବଂ କେରଳର କଲିକଟ୍ ପ୍ରମୁଖ ଚମଡ଼ା ସାମଗ୍ରୀ ଉତ୍ପାଦନର କେନ୍ଦ୍ର ଅଟେ। ଭାରତ ମଧ୍ୟ ଚମଡ଼ା ଉତ୍ପାଦନ କ୍ଷେତ୍ରରେ ବିଶ୍ୱରେ ମାନ୍ୟତା ଲାଭ କରିଛି। ଜ୍ୟାକେଟ୍, ପାଉଚ୍, ବ୍ୟାଗ୍, ବେଲ୍ଟ, ବଟୁଆ, ଖେଳନା ଆଦି ଚମଡ଼ା ପ୍ରସ୍ତୁତ ସାମଗ୍ରୀ ଭାରତରୁ ବିଦେଶକୁ ବହୁଳ ମାତ୍ରାରେ ରପ୍ତାନୀ ହୋଇଥାଏ। ବିଦେଶକୁ ରପ୍ତାନୀ କରାଯାଉଥିବା ଚମଡ଼ା ସାମଗ୍ରୀ ମଧ୍ୟରୁ ଚମଡ଼ା ବ୍ୟାଗ୍ ବଟୁଆର ଅଂଶ ବେଶୀ।

**କାର୍ପେଟ୍ ବା ଗାଲିଚା ଉଦ୍ୟୋଗ**



କାର୍ପେଟ୍ ବା ଗାଲିଚା ଉଦ୍ୟୋଗ ହେଉଛି ଦେଶର ଏକ ବହୁ ପୁରାତନ ହସ୍ତଶିଳ୍ପ। ଏହି ହସ୍ତଶିଳ୍ପ ମୁଖ୍ୟତଃ ରପ୍ତାନୀଭିତ୍ତିକ ଅଟେ। ବିଭିନ୍ନ ପ୍ରକାରର କାର୍ପେଟ୍ ବଜାରରେ ଉପଲବ୍ଧ ହେଉଛି। ସେଥିମଧ୍ୟରୁ ହାତରେ ପ୍ରସ୍ତୁତ ଉଲ୍ କାର୍ପେଟ୍ ଦରି ଓ ବିଶୁଦ୍ଧ ରେଶମ ଗାଲିଚା ଅନ୍ୟତମ। କାର୍ପେଟ୍ ଉତ୍ପାଦନର ପ୍ରମୁଖ କେନ୍ଦ୍ର ହେଉଛି ଭଦୋଇ, ବାରଣାସୀ, ମୀର୍ଜାପୁର, ଆଗ୍ରା, ଜୟପୁର, ବିକାନେର, କାଶ୍ମୀର, ପାନିପଥ, ଗ୍ୱାଲିଅର୍, ପଶ୍ଚିମବଙ୍ଗ ଏବଂ ଉତ୍ତରାଖଣ୍ଡ ଓ କର୍ଣ୍ଣାଟକର କିଛି ସହର ସମେତ ଆନ୍ଧ୍ରପ୍ରଦେଶର ଏଲୁରୁ ପ୍ରମୁଖ।

**ଛୋଟ ଗାଲିଚା ଏବଂ ଦରି**

ଭାରତ ବିଶ୍ୱରେ ଗାଲିଚା ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଭାରତରେ ବିଭିନ୍ନ ପ୍ରକାରର ଛୋଟ ଗାଲିଚା ଉତ୍ପାଦନ ହୋଇଥାଏ। ସେଥିମଧ୍ୟରୁ ନମଦା, ଗବ୍ବ (ଏମ୍ବ୍ରୋଡୋରୀ ଗାଲିଚା), କପା ଗାଲିଚା ପ୍ରମୁଖ।

କମ୍ବଳ ଉତ୍ପାଦନର ପ୍ରମୁଖ କେନ୍ଦ୍ର ହେଉଛି ଆଗ୍ରା, ଭଦୋଇ, ମୀର୍ଜାପୁର, ଜୟପୁର, ପାନିପଥ, କାଶ୍ମୀର ଆଦି ପ୍ରମୁଖ ଅଞ୍ଚଳ।

ଦରି ନିମନ୍ତେ ବିଶେଷ ଖ୍ୟାତି ଅର୍ଜନ କରିଥିବା ସହର ହେଉଛି ପାନିପଥ, ତାମିଲନାଡୁର ଭବାନୀ, କର୍ଣ୍ଣାଟକର ନାଭାଲ୍ ଗୁଣ୍ଡା, ଆନ୍ଧ୍ରପ୍ରଦେଶର ୱାରଙ୍ଗଲ୍, ରାଜସ୍ଥାନର ବାଗ୍‌ମେର ଓ ଜୈସଲମେର।

### ହସ୍ତତନ୍ତ (ହ୍ୟାଣ୍ଡ୍‌ଲୁମ୍)

ଭାରତ ହ୍ୟାଣ୍ଡ୍‌ଲୁମ୍‌ର ପ୍ରମୁଖ ଉତ୍ପାଦକ ଦେଶ। ବିଶ୍ୱରେ ଉତ୍ପାଦନ ହେଉଥିବା ହ୍ୟାଣ୍ଡ୍‌ଲୁମ୍‌ର ମୂଳ ଉତ୍ପାଦନରେ ଭାରତର ଅଂଶ ହେଉଛି ୮୫%। ଦେଶରେ ମୋଟ୍ ଉତ୍ପାଦନ ହେଉଥିବା କପଡ଼ା (ଉଲ୍, ରେଶମ ଏବଂ କପା ସୂତା ବ୍ୟତୀତ)ର ୧୪.୬% ହେଉଛି ହସ୍ତତନ୍ତ ପ୍ରସ୍ତୁତ କପଡ଼ା। ଦେଶରେ ମୋଟ୍



୪୬୦ ହ୍ୟାଣ୍ଡ୍‌ଲୁମ୍ ଉତ୍ପାଦନ କେନ୍ଦ୍ର ଅଛି। ସେଥିମଧ୍ୟରୁ ୨୩୦ କେନ୍ଦ୍ରରେ ୧ ହଜାରରୁ ଅଧିକ ତନ୍ତ କାର୍ଯ୍ୟକ୍ଷମ। ୨୩୦ କେନ୍ଦ୍ର ମଧ୍ୟରୁ ୪୧ କେନ୍ଦ୍ରରେ ୨୫ ହଜାରରୁ ଅଧିକ ତନ୍ତ ଚାଲିଛି। ଭାରତରେ ରହିଥିବା ପ୍ରମୁଖ କେନ୍ଦ୍ରଗୁଡ଼ିକ ହେଉଛି ବାହାରାଇଚ, ଭୁଜ, କରିମ୍‌ନଗର, ପାଟନା, ବାରଣାସୀ, ମାଡ୍ରାସ୍, ନୱାନ, ସାହେର୍ ଓ ବୌଦ୍ଧ ଇତ୍ୟାଦି। ଭାରତରେ କୃଷି ପରେ ହ୍ୟାଣ୍ଡ୍‌ଲୁମ୍ ଶିଳ୍ପ ହେଉଛି ଦ୍ୱିତୀୟ ବୃହତ୍ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର

### ବସ୍ତ୍ର ଉପରେ ହାତ ତିଆରି ଏମ୍ବ୍ରୋଡୋରୀ

ବସ୍ତ୍ର ଉପରେ ହାତ ତିଆରି ଏମ୍ବ୍ରୋଡୋରୀରେ ସୂତା ସହିତ ବିଭିନ୍ନ ସାମଗ୍ରୀ ଯୋଡ଼ାଯାଇ ସାଜସଜ୍ଜା କରାଯାଇଥାଏ। ବିଭିନ୍ନ ଅଞ୍ଚଳରେ ଦେଖାଦେଉଥିବା ପ୍ରମୁଖ ଏମ୍ବ୍ରୋଡୋରୀ ହେଲା– ଲକ୍ଷ୍ନୌର ଚିକନ୍‌କରୀ ଏବଂ ଜର୍ଦୋଜୀ, ବଙ୍ଗଳାର କଥା, ପଞ୍ଜାବର ଫୁଲ୍‌କାରୀ, ଗୁଜରାଟର କୁଚି ଏମ୍ବ୍ରୋଡୋରୀ ଏବଂ କାଶ୍ମୀରର କସିଦାକାରୀ ଏମ୍ବ୍ରୋଡୋରୀ ପ୍ରମୁଖ। ଜର୍ଦୋଜୀ ଏମ୍ବ୍ରୋଡୋରୀ ପାରମ୍ପରିକ ଭାବେ ଲକ୍ଷ୍ନୌ ଏବଂ ଏହାର ଆଖପାଖ ୬ଟି ଜିଲ୍ଲା ବାରାବାଙ୍କି, ଉନାଓ, ସୀତାପୁର, ରାୟବରେଲୀ, ହରଦେଇ ଏବଂ ଆମେଠି ଅଞ୍ଚଳରେ ପ୍ରଚଳିତ।

### କପଡ଼ା ଉପରେ ହାତ ଦ୍ୱାରା ଛପା କାର୍ଯ୍ୟ

ଏହା ଏପରି ଏକ କଳା, ଯଦ୍ଦ୍ୱାରା କପଡ଼ା ଉପରେ ବିଭିନ୍ନ ଆକାର ପ୍ରକାରର ଛପାକାର୍ଯ୍ୟ ହାତ ଦ୍ୱାରା ହୋଇଥାଏ। ଏହି ହାତ ଛପା କାର୍ଯ୍ୟ ବିଭିନ୍ନ କିସମର ହୋଇଥାଏ। ଯେପରିକି ବ୍ଲକ୍ ପ୍ରିଣ୍ଟିଂ, ବାଟିକ୍, କଲମ୍‌କାରୀ ଏବଂ ବାନ୍ଧନୀ ପ୍ରଭୃତି। ଏହି କଳାର ପ୍ରମୁଖ କେନ୍ଦ୍ର ହେଉଛି ହାଇଦ୍ରାବାଦ, ମଛଲୀପଟନମ୍, ବାରଣାସୀ, ଫାରୁଖାବାଦ, ବାଗ, ବେହରନ୍‌ଗଡ଼, ଇନ୍ଦୋର, ମାଣ୍ଡେସାର, ବ୍ରହ୍ମପୁର, ଆହ୍ଲାବାଦ, ରାଜ୍‌କୋଟ, କଛ, ବାଗ୍ରୁ, ଚିତ୍ରୋଳି, ସାଙ୍ଗୋନେର, ଜୟପୁର, ଯୋଧପୁର ପ୍ରମୁଖ ଅନ୍ତର୍ଭୁକ୍ତ।

### ବେତ ଓ ବାଉଁଶ

ସାଧାରଣତଃ ବେତ ବହୁଳ ଭାବେ ଫର୍ଣ୍ଣିଚର ପ୍ରସ୍ତୁତ କରିବାରେ ବ୍ୟବହୃତ ହୋଇଥାଏ। ବାଉଁଶର ବ୍ୟବହାରରେ ଘରର ସାଜସଜ୍ଜା ସାମଗ୍ରୀ ଯଥା; ଲ୍ୟାମ୍ପ୍ ଷ୍ଟାଣ୍ଡ, ଛତାରେ ବ୍ୟବହୃତ ବାଡ଼ି, ସ୍କ୍ରିନ୍, ଫୁଲ ପାଇଁ କୁଣ୍ଡ, ବାସ୍କେଟ୍, ବାଡ଼ି, ସିଡି, ଖେଳନା, ହାତ ପଙ୍ଖା, କପ୍, ମଗ୍, ଚଟେଇ ପ୍ରଭୃତି ତିଆରି ହୋଇଥାଏ। ଆସାମର ଲକ୍ଷ୍ମୀପୁର, ବଙ୍ଗାଇଗାଓଁ, ଗୌହାଟୀ ଏବଂ ତ୍ରିପୁରାର ଅଗରତାଲା ପ୍ରମୁଖ ବେତ ଓ ବାଉଁଶରେ ଉତ୍ପାଦିତ ହେଉଥିବା ସାମଗ୍ରୀ ପାଇଁ ବେଶ୍ ସ୍ୱନାମ ଅର୍ଜନ କରିଛି। ଆସାମରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କିସମର ବାଉଁଶ ଦେଖାଯାଏ। ମଣିପୁର, ଅରୁଣାଚଳ ପ୍ରଦେଶ, ପଶ୍ଚିମବଙ୍ଗ, କେରଳ ଏବଂ ଓଡ଼ିଶାରେ ବେତ ଓ ବାଉଁଶ ହସ୍ତକଳାର ପ୍ରମୁଖ କେନ୍ଦ୍ର ରହିଛି।

### ତାରକସି ଏବଂ ରୁପା ଜିନିଷ

ସୂକ୍ଷ୍ମ କଳା ଏକ ବହୁତ ପୁରୁଣା ପଦ୍ଧତି, ଯାହାର ଇତିହାସ ପ୍ରାୟ ୪ ହଜାର ବର୍ଷ ପୁରୁଣା। ଏହି ତାରକସିରେ ରୁପା ଖଣ୍ଡ ହିଁ ବ୍ୟବହୃତ ହୋଇଥାଏ। ଏହି କଳାରେ ଅଭିଜ୍ଞତା ଏବଂ ନିପୁଣତାର ଯଥେଷ୍ଟ ଜ୍ଞାନ ଆବଶ୍ୟକତା ଥାଏ। ଏହି ତାରକସି କାମ ଦେଶର ଦୁଇଟି ପ୍ରମୁଖ ସହରରେ ହେଉଛି– ଆନ୍ଧ୍ର ପ୍ରଦେଶର କରିମ୍‌ନଗର ଏବଂ ଓଡ଼ିଶାର କଟକ ସହର। କରିମ୍‌ନଗରର ଏହି ପରମ୍ପରା ପ୍ରାୟ ୨୦୦ ବର୍ଷ ପୁରାତନ। ତଥାପି ଆନ୍ଧ୍ରପ୍ରଦେଶର ୱାରଙ୍ଗଲ୍‌ରେ ମଧ୍ୟ ଏହି ତାରକସିର ପରମ୍ପରା ପ୍ରଚଳିତ। ଏହି କଳାରେ ସାଧାରଣତଃ କଞ୍ଚାମାଲ୍ ଭାବେ ରୁପାର ତାର, ତମ୍ବା, କୋଇଲା ଆଦି ବ୍ୟବହୃତ ହୋଇଥାଏ।

### ଧାତୁରେ ନିର୍ମିତ ହସ୍ତକଳା

ସୁନା, ରୁପା, ପିତ୍ତଳ, ତମ୍ବା ପ୍ରଭୃତି ଧାତୁରୁ ଆକର୍ଷଣୀୟ ମୂର୍ତ୍ତି, ଗହଣା ଏବଂ ବିଭିନ୍ନ ଉପଯୋଗୀ ସାମଗ୍ରୀ ନିର୍ମାଣ କରିବାରେ ଭାରତୀୟ ଧାତୁ କଳାର ଏକ ଉତ୍କୃଷ୍ଟ ପ୍ରଦର୍ଶନ ରହିଛି। ଏହିସବୁ ଧାତୁରୁ ହାତରେ ତିଆରି ହୋଇଥାଏ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ। ମୁରାଦାବାଦ୍‌ର ପିତ୍ତଳ ସାମଗ୍ରୀ, ମଧ୍ୟପ୍ରଦେଶ ଏବଂ ଓଡ଼ିଶାରେ ମଧ୍ୟ ଧାତୁରେ ବିଭିନ୍ନ ହସ୍ତ କଳାକୃତି ତିଆରି ହୋଇଥାଏ।

ବିଶ୍ୱରେ ଉତ୍ପାଦିତ ହେଉଥିବା ପିତ୍ତଳ ସାମଗ୍ରୀରେ ଭାରତର ସ୍ଥାନ



ଶୀର୍ଷରେ ରହିଛି । ଏହି ଧାତୁରେ ନିର୍ମିତ ହେଉଥିବା ସାମଗ୍ରୀର ପ୍ରମୁଖ ଉତ୍ପାଦନ କେନ୍ଦ୍ର ହେଉଛି- ମୁର୍ସିଦାବାଦ, ମୁରାଦାବାଦ, ମଦୁରେ, ସଲେମ୍, କଟକ ଏବଂ ହରିଆଣା ।

ବିଦ୍ରି ଧାତୁ ହସ୍ତକଳାର ଆରମ୍ଭ କର୍ଣ୍ଣାଟକସ୍ଥିତ ବିଦର ସହରରୁ ସୃଷ୍ଟି ହୋଇଛି । ଏହି ଅପୂର୍ବ ଧାତୁକଳାର ପ୍ରମୁଖ କେନ୍ଦ୍ର ଭାବେ ବିଦର ବର୍ତ୍ତମାନ ସୁଖ୍ୟାତି ଦେଶରେ ଅର୍ଜନ କରିଛି । ବିଦ୍ରି କଳାକୃତିରେ ଗୋଟିଏ ଧାତୁ ଉପରେ ଅନ୍ୟ ଧାତୁର ପ୍ରଲେପ ଦିଆଯାଇଥାଏ । ବିଦ୍ରିର ପ୍ରମୁଖ ଉତ୍ପାଦକ ଭାବେ ହୁକ୍କାର ନିମ୍ନ ଅଂଶ, ବାସନ, ବାକ୍ସ, ମହମବତୀ ଷ୍ଟାଣ୍ଡ, ଟ୍ରେ', ଗହଣା ଏବଂ ବୋତାମ ଖ୍ୟାତି ଅର୍ଜନ କରିଛି । ଏହି କଳା ୧୩୦୦ ଶତାବ୍ଦୀରେ ଇରାନରୁ ରାଜସ୍ଥାନର ଆଜମେରରେ ପହଞ୍ଚିଥିଲା । ପରେ ପରେ ଏହି କଳା ବୀଜାପୁରରେ ପ୍ରବେଶ କରିଥିଲା ଏବଂ ଦାକ୍ଷିଣାତ୍ୟ ସୁଲ୍ତାନଙ୍କ ସାମ୍ରାଜ୍ୟ ସମୟରେ ଏହି କଳାର ପ୍ରାଧାନ୍ୟ ବୃଦ୍ଧି ହୋଇଥିଲା । ମହାରାଷ୍ଟ୍ରର ଔରଙ୍ଗାବାଦ, ଦିଲ୍ଲୀ ଏବଂ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦ ସହରରେ ଏହି ଧାତୁର ବହୁଳ ଉତ୍ପାଦନ ଦେଖାଯାଉଛି । ବିଦ୍ରିରେ ଯେଉଁ ଧାତୁର ବ୍ୟବହାର ହୁଏ ସେଥିରେ ସାଧାରଣତଃ ଦସ୍ତା ଏବଂ ତମ୍ବାର ମିଶ୍ରଣ ରହିଥାଏ ।

## ଗହଣା

ଭାରତରେ ଗହଣା ପ୍ରସ୍ତୁତି ପାଇଁ ଏକ ବିଶେଷ କଳାନୈପୁଣ୍ୟ ଆବଶ୍ୟକ ହୁଏ । ପାରମ୍ପରିକ ଏବଂ ଆଧୁନିକ ଡିଜାଇନ୍‌ର ଗହଣା ହାତରେ ତିଆରି କରିବାରେ ଭାରତ ସାମର୍ଥ୍ୟ ହାସଲ କରିଛି । ଭାରତରେ ହାତରେ ତିଆରି ହେଉଥିବା ଗହଣା ଉତ୍ପାଦନ କେନ୍ଦ୍ର ଭାବେ ଦିଲ୍ଲୀ, ମୁରାଦାବାଦ, ସଂଭଲ୍, ଜୟପୁର, କୋହିମା, ନେଲୁର୍,



ମହୀଶୂର, ନଲଗନ୍ଦା, ନିଜାମାବାଦ ପ୍ରମୁଖ ପରିଚିତ । ଭାରତରେ ପ୍ରାୟ ୫ ଲକ୍ଷ ସ୍ୱର୍ଣ୍ଣ ଅଳଙ୍କାର ତିଆରି କରୁଥିବା ବଣିଆ ଏବଂ ୬ ହଜାର ହୀରା କାରିଗର ଅଛନ୍ତି ।

## ମୃତ୍ତିକା ବାସନ ଏବଂ ଅନ୍ୟାନ୍ୟ ସାମଗ୍ରୀ

ମୃତ୍ତିକା ବା ମାଟିରେ ତିଆରି ବିଭିନ୍ନ ସାମଗ୍ରୀ ଭାରତରେ ପ୍ରସ୍ତୁତ ହୋଇଥାଏ । ଦେଶରେ ଏହି ମୃତ୍ତିକା କଳା ସବୁ ରାଜ୍ୟରେ ପ୍ରାୟ ଦେଖାଦେଇଥାଏ । ଆସାମର ଅସରୀକଣ୍ଡୀ ହେଉଛି ଭାରତର ବୃହତ୍ ମୃତ୍ତିକା କଳା କେନ୍ଦ୍ର, ଯେଉଁଠାରେ ଟେରାକୋଟା ଏବଂ ମାଟିରେ ତିଆରି ବାସନ ପ୍ରସ୍ତୁତ ହୋଇଥାଏ । ଏହି ପ୍ରକାରର ଅନ୍ୟ ପ୍ରମୁଖ ଉତ୍ପାଦନ କେନ୍ଦ୍ର ହେଉଛି ଇନ୍ଦ୍ରାବତୀ, ବୁଲନ୍ଦସର, ନିଜାମାବାଦ୍, ପୁଣେ, ଚନ୍ଦ୍ରପୁର ଆଦି ଅନ୍ତର୍ଭୁକ୍ତ । ଭାରତରେ ଥିବା କାରିଗର ଗୋଷ୍ଠୀ ମଧ୍ୟରୁ କୁମ୍ଭାର (ମାଟିରେ ବାସନ ତିଆରି କରୁଥିବା କାରିଗର) ଗୋଷ୍ଠୀ ହେଉଛି ଚତୁର୍ଥ ବଡ଼ ସମୂହ । ଏକ ଅନୁମାନ ଅନୁଯାୟୀ ପ୍ରାୟ ୧୦ ଲକ୍ଷ ଲୋକ ଏହି ମୃତ୍ତିକା ହସ୍ତକଳାରେ ସାମିଲ୍ ଅଛନ୍ତି । ଏହି ହସ୍ତକଳା ପାଇଁ କଞ୍ଚାମାଲ୍ ହେଉଛି ସାଧାରଣ ମାଟି ।

## ଟେରାକୋଟା

ଟେରାକୋଟା ମଧ୍ୟ ମୃତ୍ତିକାରେ ତିଆରି ହେଉଥିବା ବାସନ ଭଳି ଏକ କଳାକୃତି । ଏହି ପ୍ରକ୍ରିୟାରେ କାରିଗରମାନେ ନଦୀ ପଠାରୁ ମାଟି ସଂଗ୍ରହ



କରି ସଂଗୃହୀତ ମାଟିରୁ ଲ୍ୟାମ୍ପ, ମହବତୀ ଷ୍ଟାଣ୍ଡ, ଦେବାଦେବୀ ଏବଂ ପଶୁପକ୍ଷୀଙ୍କ ପ୍ରତିମା ତିଆରି କରିଥାନ୍ତି ।

## ଲୋକ ଚିତ୍ର

ଭାରତୀୟ ଲୋକ ଚିତ୍ର ହେଉଛି ଗ୍ରାମୀଣ କଳାକାରଙ୍କ ଚିତ୍ରାତ୍ମକ ଅଭିବ୍ୟକ୍ତି । ଏସବୁ କଳାକୃତିର ବିଷୟବସ୍ତୁ ରାମାୟଣ, ମହାଭାରତ, ଭାରତୀୟ ପୁରାଣ ଏବଂ ଦୈନନ୍ଦୀନ ଘଟଣାବଳୀ ଦ୍ୱାରା ପ୍ରେରିତ ହୋଇଥାଏ । ଭାରତରେ ଭିନ୍ନ ଭିନ୍ନ ପ୍ରକାରର ଲୋକ କଳାକୃତି ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶର ଗୋଣ୍ଡ ଜନଜାତି ଘର ଓ କାନ୍ଥରେ ଅତି ଆକର୍ଷଣୀୟ କଳାକୃତି ତିଆରି କରିଥାନ୍ତି । ମହାରାଷ୍ଟ୍ରର ଓ୍ୱର୍ଲି ଜନଜାତିର ଅଧିବାସୀ ଦୈନନ୍ଦୀନ ଘଟଣାବଳୀ ସହ ସାମାଜିକ ଘଟଣା ସମ୍ପର୍କିତ କଳାକୃତି ନିର୍ମାଣ କରିଥାନ୍ତି ।

ରାଜସ୍ଥାନ କପଡ଼ା ଉପରେ ହେଉଥିବା 'ପାଂଡ୍' ପେଣ୍ଟିଂ ପାଇଁ ପ୍ରସିଦ୍ଧି ଲାଭ କରିଛି । ଅନ୍ୟ କଳାକୃତି ମଧ୍ୟରେ ଗୁଜରାଟ ଏବଂ ମଧ୍ୟ ପ୍ରଦେଶର



ପୀଠୋରା ପେଣ୍ଟିଂ, ବିହାରର ମଧୁବାନୀ ପେଣ୍ଟିଂ, ପଶ୍ଚିମବଙ୍ଗର ଚିତ୍ରକାର ପେଣ୍ଟିଂ ଓ ଓଡ଼ିଶାର ପଟଚିତ୍ର, ଆନ୍ଧ୍ରପ୍ରଦେଶର କଲମକାରୀ ପ୍ରମୁଖ ଲୋକ ଚିତ୍ରକଳା ଦେଶରେ ବେଶ୍ ସ୍ୱନାମ ଅର୍ଜନ କରିଛି।

**ନଡ଼ିଆ କତା**

ନଡ଼ିଆ କତାରୁ ପ୍ରସ୍ତୁତ ରସି ଏକ ପ୍ରାକୃତିକ, ପରିବେଶ ଅନୁକୂଳ, ଜଳରୋଧି ଏବଂ ବହୁ ନମନୀୟ ତନ୍ତୁ ଅଟେ। ଏହା ପ୍ରଚୁର ମାତ୍ରାରେ ଦେଶରେ ଉପଲବ୍ଧ। ଏହାର ବ୍ୟବହାର ପରିବେଶ ଉପଯୋଗୀ। ଏଥିରୁ ଖେଳନା, ଚଟେଇ, ବ୍ରସ୍, ଗଦି, ଚାବି ରିଙ୍ଗ, କଲମ ଷ୍ଟାଣ୍ଡ ସହ ଘରକରଣା ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ ହୋଇଥାଏ। ଏହି ହସ୍ତକଳା ସମ୍ପର୍କିତ କାର୍ଯ୍ୟ ମୁଖ୍ୟତଃ ଓଡ଼ିଶାର ସାକ୍ଷୀଗୋପାଳ, ପୁରୀ, ପିପିଲି, ଭୁବନେଶ୍ୱର, ବାଟମଙ୍ଗଳା ଏବଂ କେନ୍ଦ୍ରପଡ଼ାରେ ହୋଇଥାଏ। କେରଳର ଏର୍ଣ୍ଣାକୁଲମ୍, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ରାଜସ୍ଥାନର କେତେକ ସ୍ଥାନରେ ମଧ୍ୟ ଏହି ହସ୍ତକଳା ପ୍ରଚଳିତ।


**ନାଟକ, ବେଶଭୂଷା ଏବଂ କାଠ କଣ୍ଢେଇ**

ଏହି କଳା ପୂଜା, ପାର୍ବଣ ଏବଂ ନାଟକ, ରଙ୍ଗମଞ୍ଚ ଆଦିରେ ବ୍ୟବହୃତ ହେଉଥିବା ସାମଗ୍ରୀ ନିର୍ମାଣରେ ନିୟୋଜିତ ହୁଏ। କାଠ କଣ୍ଢେଇ ପ୍ରସ୍ତୁତ କରିବା ଏପରି ଏକ କଳା, ଯାହା ଭାରତର ଏକ ସମୃଦ୍ଧ ପରମ୍ପରା। ମୋଟ୍ ଉପରେ ୪ ପ୍ରକାରର କାଠ କଣ୍ଢେଇ ଦେଶରେ ଦେଖା ଦେଇଥାଏ। ସେଗୁଡ଼ିକ ହେଲା- ହାତ ଗ୍ଲୋଭ୍ସ ସହାୟତାରେ ଖେଳ ହେଉଥିବା କଣ୍ଢେଇ, ଛଡ଼ ବା ବାଡ଼ି ସହାୟତାରେ ଖେଳ ହେଉଥିବା କଣ୍ଢେଇ, ଛାୟା କଣ୍ଢେଇ ଏବଂ ସୂତା ସହାୟତାରେ ଖେଳ ହେଉଥିବା କଣ୍ଢେଇ। ଦେଶର ଭିନ୍ନ ଭିନ୍ନ ଅଞ୍ଚଳରେ କଣ୍ଢେଇ ନାଚ ଅନୁଷ୍ଠିତ ହୋଇଥାଏ। ଏସବୁ କଣ୍ଢେଇ ନାଚର ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଶା, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ରାଜସ୍ଥାନ, ବିହାର ଓ କେରଳର ସମେତ ଅନ୍ୟାନ୍ୟ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ କଣ୍ଢେଇ କଳାକୃତି ଦେଖିବାକୁ ମିଳିଥାଏ।

**ଘାସ, ପତ୍ର, ବେତ ଏବଂ ତନ୍ତୁ**


ପରମ୍ପରା ଅନୁଯାୟୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପଯୋଗ ହେଉଥିବା ସାମଗ୍ରୀ ପାଇଁ ପ୍ରାକୃତିକ ତନ୍ତୁର ବ୍ୟବହାର କରାଯାଇଥାଏ। ବିଭିନ୍ନ ପ୍ରକାରର ହସ୍ତକଳା, ଯେପରିକି ଜୋତା, ଚପଲ, ବାସ୍କେଟ୍, ଚଟେଇ, ବ୍ୟାଗ୍ ଆଦି ପ୍ରସ୍ତୁତରେ ଗଛର ବିଭିନ୍ନ ଅଂଶ ବ୍ୟବହୃତ ହୋଇଥାଏ। ଏହି ନମନୀୟ ତନ୍ତୁ ଗଛର ଛାଲ, ଡାଳ, ପତ୍ର, ଚୋପା, ବୀଜ ଏବଂ ଘାସରୁ ମିଳିଥାଏ। ଏହି ତନ୍ତୁ ଦେଶର ଅନେକ ରାଜ୍ୟରେ ପର୍ଯ୍ୟାପ୍ତ ଉପଲବ୍ଧ।ଯେପରି ମହାରାଷ୍ଟ୍ରରେ ସିସାଲ, କେରଳର ତାଳପତ୍ର ଓ କରୋଇ ଘାସ, ତାମିଲନାଡୁର ତାଳପତ୍ର, କରୋଇ ଘାସ, ଆସାମରେ ସିତଲପଟି, ମେଘାଳୟରେ ସିତଲପଟି, ବିହାରର ଶିକ୍କି ଏବଂ ମଞ୍ଜୁ ଘାସ ପ୍ରଭୃତିରୁ ଏହି ନମନୀୟ ତନ୍ତୁ ପ୍ରସ୍ତୁତ ହୋଇଥାଏ। ଉତ୍ତରାଖଣ୍ଡର ଅଲମୋରା ଓ ଡେରାଡୁନ୍, ଗୋଆ, କେରଳର ଏର୍ଣ୍ଣାକୁଲମ୍, ହିମାଚଳର କୁଲୁ, ପଶ୍ଚିମବଙ୍ଗର ମେଦିନୀପୁର ଆଦି ହେଉଛି ଏହି ତନ୍ତୁ ହସ୍ତକଳାର ପ୍ରମୁଖ କେନ୍ଦ୍ର।












**ପ୍ରକାଶନ ବିଭାଗ**
ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ
ଭାରତ ସରକାର
ସୂଚନା ଭବନ, ସଜିଓ କମ୍ପ୍ଲେକ୍ସ, ଲୋଧି ରୋଡ୍ ନୂଆଦିଲ୍ଲୀ-୧୧୦୦୦୩
ୱେବ୍‌ସାଇଟ୍: **www.publicationsdivisions.nic.in**
ପୁସ୍ତକ କ୍ରୟ ପାଇଁ ଯୋଗାଯୋଗ ଠିକଣା
ଫୋନ୍ ନଂ: ୦୧୧-୨୪୩୬୭୨୬୦, ୨୪୩୬୫୬୧୦
ଇ-ମେଲ୍: **businesswng@gmail.com**